بِسۡمِ اللّٰہِ الرَّحۡمٰنِ الرَّحِیۡمِ   نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ   وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ସାପ୍ତାହିକ

# ବଦର

Weekly BADAR Qadian Odia

କାଦିଆନ

ଖଣ୍ଡ 6

ସଂଖ୍ୟା 14

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

08 ଏପ୍ରିଲ୍ 2021   08 ଶାହାଦତ୍ 1400 ହି.ଶ   25 ଶାବାନ୍ 1442 ହି.କ


## ଅଲ୍ଲାଃ ତାଲାଙ୍କ ବାଣୀ

وَتَعَاوَنُوۡا عَلَی الۡبِرِّ وَالتَّقۡوٰی ۪ وَلَا تَعَاوَنُوۡا عَلَی الۡاِثۡمِ وَالۡعُدۡوَانِ ۪ وَاتَّقُوا اللّٰہَ ؕ اِنَّ اللّٰہَ شَدِیۡدُ الۡعِقَابِ

(المائدہ:3)

ଅନୁବାଦ– ଏବଂ ତୁମେମାନେ ପୂଣ୍ୟ କାର୍ଯ୍ୟ ଓ ଧର୍ମ ପରାୟଣତାରେ ପରସ୍ପରକୁ ସାହାଯ୍ୟ କର ଏବଂ ପାପ ଓ ସୀମା ଲଂଘନ ସଂକ୍ରାନ୍ତରେ ପରସ୍ପରକୁ ସାହାଯ୍ୟ କରନାହିଁ; ଏବଂ ଅଲ୍ଲାଃଙ୍କୁ ଭୟ କର; ନିଶ୍ଚୟ ଅଲ୍ଲାଃ ଶାସ୍ତି ପ୍ରଦାନ କରିବାରେ କଠୋର ।

*(ଅଲ୍‌ମାଏଦାଃ: ୩)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମଅ:ବ:କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲହମ୍‌ଦୋଲିଲ୍ଲାଃ)

ହୁଜୁର ଅନୱରଅ:ବ:ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ:ବ:ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ । ॥ ଆମିନ୍ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ଯେଉଁଭଳି ଅଲ୍ଲାଃ ତାଲା ଆମ ଦୋଷତୃଟି ଉପରେ ତୁରନ୍ତ ନଜର ଦିଏନାହିଁ ଓ ନିଜର ସତ୍‌ତାରି (ଅର୍ଥାତ ଦୋଷ ଦୁବଳତାକୁ ଢ଼ାଙ୍କି ଦେବାର) ବିଶେଷ ଗୁଣ ଯୋଗୁଁ ଅପମାନିତ କରନ୍ତି ନାହିଁ ସେହିଭଳି ଆମକୁ ମଧ୍ୟ ଏ ଆବଶ୍ୟକ ଯେ ପ୍ରତ୍ୟେକ ଏପରି କଥା ଯଦ୍ୱାରା ଅନ୍ୟମାନଙ୍କର ଅପମାନ ହେଉଥିବ, ସେଠାରେ ତତ୍‌କ୍ଷଣାତ୍ ମୁହଁ ଖୋଲିବା ଠିକ୍ ନୁହେଁ ।**

## ହଜରତ ମସିହ ମଉଦଅ:ସ:ଙ୍କ ନୀତି ବାଣୀ

### ସତ୍‌ତାରି ଅର୍ଥାତ ଦୋଷ ଦୁବଳତାକୁ ଢ଼ାଙ୍କି ଦେବା

ଖୁଦାତାଲାଙ୍କ ସତ୍‌ତାରି ହେଉଛି ଏପରି କି ସେ ମଣିଷର ପାପ ଓ ଦୋଷତୃଟିକୁ ଦେଖୁଥାଏ କିନ୍ତୁ ନିଜର ଏହି ବିଶେଷଗୁଣ ଅନ୍ତର୍ଗତ ମଣିଷର ଭୂଲ କାମଗୁଡ଼ିକୁ ସେ ପର୍ଯ୍ୟନ୍ତ ଢ଼ାଙ୍କି ରଖିଥାଏ ଯେ ପର୍ଯ୍ୟନ୍ତ ସେ ସୀମା ପାର ନ କରିଛି । କିନ୍ତୁ ମଣିଷ ଜଣକର ଦୋଷତୃଟି ନ ଦେଖି ମଧ୍ୟ କୋଳାହଳ ସୃଷ୍ଟି କରିଦିଏ । ଅସଲ କଥା ହେଉଛି ଏହା କି ମଣିଷର ସାହାସ କମ୍ ଏବଂ ଈଶ୍ୱର ହେଉଛନ୍ତି ନମ୍ର ଓ ଦୟାଳୁ । ଅତ୍ୟାଚାରୀ ମଣିଷ ନିଜ ଉପରେ ଅତ୍ୟାଚାର କରିବସେ ଓ ବେଳେବେଳେ ଖୁଦାତାଲାଙ୍କ ନମ୍ରତାପୂର୍ଣ୍ଣ ବିଶେଷ ଗୁଣର ଜ୍ଞାନ ନ ରଖିବା ଯୋଗୁଁ ଧୃଷ୍ଟ ହୋଇଯାଏ ସେହି ସମୟରେ ପ୍ରତିଶୋଧର ଈଶ୍ୱରୀୟ ଗୁଣ ପ୍ରକାଶ ହୋଇ ତାକୁ ଧରି ନେଇଥାଏ । ହିନ୍ଦୁମାନେ କହିଥାନ୍ତି ଯେ ପରମେଶ୍ୱର ଅଓରାତ୍‌କୁ ଘୃଣା କରିଥାନ୍ତି । ଅର୍ଥାତ ପରମେଶ୍ୱର ସୀମା ଲଙ୍ଘନ ହୋଇଥିବା କଥାକୁ ଭଲ ପାଆନ୍ତି ନାହିଁ । ଏହା ସତ୍ୱେ ମଧ୍ୟ ସେ ଏତେ ଦୟାଳୁ ଯେ ଏଭଳି ପରିସ୍ଥିତିରେ ମଧ୍ୟ ଯଦି ମଣିଷ ଅତ୍ୟନ୍ତ ବିନମ୍ର ହୋଇ ଈଶ୍ୱରଙ୍କ ନିକଟରେ ନତମସ୍ତକ ହୁଏ ତା'ହେଲେ ସେ ତା'ଉପରେ କରୁଣାର ଦୃଷ୍ଟି ପକାଇଥାଏ । ସଂକ୍ଷେପରେ ଏତିକି କୁହାଯାଇପାରିବ ଯେ ଯେଉଁଭଳି ଅଲ୍ଲାଃ ତାଲା ଆମ ଦୋଷତୃଟି ଉପରେ ତୁରନ୍ତ ନଜର ଦିଏନାହିଁ ଓ ନିଜର ସତ୍‌ତାରି (ଅର୍ଥାତ ଦୋଷ ଦୁବଳତାକୁ ଢ଼ାଙ୍କି ଦେବାର) ବିଶେଷ ଗୁଣ ଯୋଗୁଁ ଅପମାନିତ କରନ୍ତି ନାହିଁ ସେହିଭଳି ଆମକୁ ମଧ୍ୟ ଏ ଆବଶ୍ୟକ ଯେ ପ୍ରତ୍ୟେକ ଏପରି କଥା ଯଦ୍ୱାରା ଅନ୍ୟମାନଙ୍କର ଅପମାନ ହେଉଥିବ, ସେଠାରେ ତତ୍‌କ୍ଷଣାତ୍ ମୁହଁ ଖୋଲିବା ଠିକ୍ ନୁହେଁ ।

### ଅବହେଳାର ଉପଚାର ହେଉଛି ଇସ୍ତିଗ୍‌ଫାର୍ ଅର୍ଥାତ ଭଗବାନଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିବା

କିଛି ଲୋକଙ୍କ ଅବସ୍ଥା ଏପରି ହୋଇଥାଏ କି ସେମାନେ ଏମିତି ପରିସ୍ଥିତିରେ ସମ୍ମୁଖିନ ହୋଇଥାନ୍ତି ଯାହାର ଭିନ୍ନ ଭିନ୍ନ କାରଣ ଥାଏ । ଉଦାହରଣ ସ୍ୱରୂପ ଜୀବିକା ଅର୍ଜନ କରିବାରେ ବା ଅନ୍ୟ କୌଣସି କାରଣ ଯୋଗୁଁ ସେମାନଙ୍କର ଏକ ବହୁତ ବଡ଼ ସମୟ ଅନ୍ଧକାର ଅବସ୍ଥାରେ ବିତିଥାଏ । ନା ସେମାନେ ନିୟମିତ ନମାଜ ପାଠ କରିବାକୁ ଚେଷ୍ଟା କରିଥାନ୍ତି ନା ଅଲ୍ଲାଃଙ୍କ ବାଣୀ ଓ ତାହାଙ୍କ ରସୁଲଙ୍କ ବାଣୀ ଶୁଣିବାକୁ ଅବସର ମିଳିଥାଏ । ସେମାନଙ୍କୁ କିତାବୁଲ୍ଲାଃ (ଅର୍ଥାତ ଈଶ୍ୱରଙ୍କ ପୁସ୍ତକ ପବିତ୍ର କୁରଆନ୍) ଉପରେ ଚିନ୍ତନ କରିବାର ଧ୍ୟାନ ମଧ୍ୟ ଆସିନଥାଏ । ଏହିଭଳି ଅବସ୍ଥାରେ ଯେବେ ଏକ ଅନ୍ଧକାରପୂର୍ଣ୍ଣ ଯୁଗ ବିତିଯାଏ ସେତେବେଳେ ଏହି ଚିନ୍ତାଧାରା ଦୃଢ଼ମୂଳ ହୋଇ ପ୍ରକୃତିର ଦ୍ୱିତୀୟ ରୂପ ହୋଇଯାଏ । ତେଣୁ ଏହିରୂପି ପରିସ୍ଥିତିରେ ଯଦି କେହି ତୌବାଃ ୱ ଇସ୍ତିଗ୍‌ଫାର୍ (ଅର୍ଥାତ ଅନୁତାପ ଏବଂ କ୍ଷମା) ପ୍ରାର୍ଥନା କରିବାକୁ ଧ୍ୟାନ ନ ଦିଏ, ତେବେ ବୁଝିନିଅ ଯେ ଏପରି ବ୍ୟକ୍ତି ହେଉଛି ବଡ଼ ଦୁର୍ଭାଗ୍ୟଶାଳୀ । ଅଜ୍ଞତା ଓ ଅବହେଳାର ଉତମ ଉପଚାର ହେଉଛି ଇସ୍ତିଗ୍‌ଫାର୍ ଅର୍ଥାତ ଅଲ୍ଲାଃଙ୍କଠାରୁ କ୍ଷମା ପ୍ରାର୍ଥନା କରିବା । ପୂର୍ବରୁ ହୋଇଥିବା ଭୂଲ ଏବଂ ଅବହେଳା ଯୋଗୁଁ ଯଦି କିଛି ପରୀକ୍ଷାର ସମ୍ମୁଖିନ ହେବାକୁ ପଡ଼େ ତାହେଲେ ରାତିରେ ଉଠି ଅଲ୍ଲାଃଙ୍କ ଛାମୁରେ ନତମସ୍ତକ ହୋଇ ପ୍ରାର୍ଥନା କରନ୍ତୁ ଏବଂ ଖୁଦାଙ୍କ ନିକଟରେ ଏକ ଆନ୍ତରିକ ଓ ପବିତ୍ର ପରିବର୍ତନ ପାଇଁ ପ୍ରତିଜ୍ଞା କରନ୍ତୁ । ***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୨୭୩-୨୭୪ ପ୍ରକାଶନ୨୦୧୮ କାଦିୟାନ)***

**ଅମ୍ବିଆ (ଅର୍ଥାତ ଅବତାର)ମାନଙ୍କୁ ନିଜର ସତ୍ୟତା ଓ ଈଶ୍ୱରଙ୍କ ପ୍ରତିଶ୍ରୁତି ଉପରେ ଏତେମାତ୍ରାରେ ଭରସା ଥାଏ ଯେ ନା କେବଳ ସେମାନେ ବିରୋଧିମାନଙ୍କ ବିରୋଧକୁ ପରବାଏ କରିନଥାନ୍ତି ବରଂ ସେମାନଙ୍କୁ ଆହୁରି ଅଧିକ ଗର୍ବିତ କରିଥାନ୍ତି । ଏହା ସତ୍ୱେ ମଧ୍ୟ ଏମାନେ ଏଥିରେ ସନ୍ତୁଷ୍ଟ ହୋଇଥାନ୍ତି ଯେ ପରିଶେଷରେ ଆମେ ହିଁ ବିଜୟୀ ହେବୁ ।**

ସୟଦନା ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ସୁରଃ ୟୁନୁସର ଆୟତ ନଂ ୭୨ **ୱଲ୍ଲୁ ଆଲେହିମ୍ ନବଅ ନୁହିନ୍...............ୱଲା ତୁନ୍‌ଜିରୁନ୍** ର ବ୍ୟାଖ୍ୟା କରି କହିଛନ୍ତି:

ଏହି ଆୟତରେ ଏକଥା ବତାଯାଇଅଛି ଯେ କିଭଳି ପୂର୍ଣ୍ଣ ଯୋଜନା କରାଯାଏ । ଏଥିପାଇଁ ପାଚୋଂଟି ଉପାୟ ରହିଛି । (୧)ପରାମର୍ଶ କରି ଗୋଟିଏ ରାୟ ଉପରେ ସହମତ ହେବା ଉଚିତ । ଯେ ପର୍ଯ୍ୟନ୍ତ କୌଣସି ଜାତି ଏହା ନ କରିବ ସେ କେବେ ବି ଜିତି ପାରିବନାହିଁ । (୨) ନିଜ ସହିତ ସହମତ ରଖିଥିବା ଲୋକମାନଙ୍କୁ ଏକ ନିଜାମ୍ (ଅର୍ଥାତ ବ୍ୟବସ୍ଥା) ଅନ୍ତର୍ଗତ ନେଇ ଆସିବା ଉଚିତ । (୩) ଏହି ରାୟକୁ ପୂରଣ କରିବାପାଇଁ ଏକ ବିସ୍ତୃତ ପ୍ରସ୍ତାବ ଉପରେ ବିଚାର କରିବା ଉଚିତ ବା ଅନ୍ୟ ଶବ୍ଦରେ କହିବାକୁ ହେଲେ ଏକ ବିସ୍ତୃତ ନକ୍ସା ପ୍ରସ୍ତୁତ କରିନେବା ଉଚିତ (୪) ଶକ୍ତିକୁ ଅଲଗା ଅଲଗା ଅପଚୟ ନ କରି ସମସ୍ତ ଶକ୍ତିକୁ ଏକ ସମୟରେ ଖର୍ଚ୍ଚ କରିବା ପାଇଁ ଚେଷ୍ଟା କରିବା ଉଚିତ । ଯଦ୍ୱାରା ସମଗ୍ର ଜାତିର ଜୋର୍ ଏକା ସମୟରେ ଶତୃମାନଙ୍କ

## ନବୀ ସ:ଆ:ସଙ୍କ ବାଣୀ

### ଇସ୍ତେଖାରାଃ କରିବାର ଦୁଆ

اَللّٰھُمَّ اِنِّیۡ اَسۡتَخِیۡرُکَ بِعِلۡمِکَ وَاَسۡتَقۡدِرُکَ بِقُدۡرَتِکَ وَاَسۡاَلُکَ مِنۡ فَضۡلِکَ الۡعَظِیۡمِ فَاِنَّکَ تَقۡدِرُ وَلَا اَقۡدِرُ وَتَعۡلَمُ وَلَا اَعۡلَمُ وَاَنۡتَ عَلَّامُ الۡغُیُوۡبِ اَللّٰھُمَّ اِنۡ کُنۡتَ تَعۡلَمُ اَنَّ ھٰذَا الۡاَمۡرَ خَیۡرٌ لِّیۡ فِیۡ دِیۡنِیۡ وَمَعَاشِیۡ وَعَاقِبَۃِ اَمۡرِیۡ (اَوۡقَالَ عَاجِلِ اَمۡرِیۡ وَاٰجِلِہٖ) فَاقۡدُرۡہُ لِیۡ وَیَسِّرۡہُ لِیۡ ثُمَّ بَارِکۡ لِیۡ فِیۡہِ وَاِنۡ کُنۡتَ تَعۡلَمُ اَنَّ ھٰذَا الۡاَمۡرَ شَرٌّ لِّیۡ فِیۡ دِیۡنِیۡ وَمَعَاشِیۡ وَعَاقِبَۃِ اَمۡرِیۡ (اَوۡقَالَ فِیۡ عَاجِلِ اَمۡرِیۡ وَاٰجِلِہٖ) فَاصۡرِفۡہُ عَنِّیۡ وَاصۡرِفۡنِیۡ عَنۡہُ وَاقۡدُرۡ لِیَ الۡخَیۡرَ حَیۡثُ کَانَ ثُمَّ اَرۡضِنِیۡ بِہٖ قَالَ وَیُسَمِّیۡ حَاجَتَہٗ

ଅନୁବାଦ:- ହେ ମୋର ଅଲ୍ଲାଃ ! ମୁଁ ତୁମଠାରୁ ତୁମ ଜ୍ଞାନର ଆଧାରରେ ଉତମତା ଆଶା କରୁଛି ଓ ତୁମ ଅସୀମ ଶକ୍ତିରୁ ଶକ୍ତି ଚାହୁଁଛି ଏବଂ ତୁମ ମହାନ କୃପାରୁ ତୁମଠାରୁ କିଛି ମାଗୁଅଛି । ତୁମର କ୍ଷମତା ଅଛି ମୋର କ୍ଷମତା ନାହିଁ । ତୁମର ଜ୍ଞାନ ଅଛି ମୁଁ ଅଜ୍ଞାନ ଏବଂ ତୁମେ ଅଦୃଶ୍ୟର କଥା ଜାଣିଛ । ହେ ମୋର ଅଲ୍ଲାଃ ! ଯଦି ତୁମେ ଏହା ଜାଣିଛ ଯେ ଏହି କାର୍ଯ୍ୟ ମୋ ଧର୍ମ ପାଇଁ ଓ ମୋ ଜୀବିକା ନିର୍ବାହ ପାଇଁ ଓ ମୋର ଏହି କାର୍ଯ୍ୟର ପରିଣାମ ଦୃଷ୍ଟିରୁ ଉତମ (ବା କହିଲେ: ବର୍ତମାନ ବା ଆସନ୍ତାକୁ ଉତମ ହେବ) ତେବେ ମୋ ଭାଗ୍ୟରେ ଏହାକୁ ପ୍ରଦାନ କର ଓ ଏହାକୁ ମୋ ପାଇଁ ସହଜ କରିଦିଅ ଓ ଏଥିରେ ମୋ ପାଇଁ ବରକତ୍ ରଖିଦିଅ । ଯଦି ତୁମେ ଏହା ଜାଣିଛ ଯେ ଏହି କାମ ମୋ ପାଇଁ ମୋ ଧର୍ମ ପାଇଁ ଏବଂ ମୋ ଜୀବିକା ପାଇଁ ଓ ମୋର ଏହି କାର୍ଯ୍ୟର ପରିଣାମ ଦୃଷ୍ଟିରୁ କ୍ଷତିକାରକ (ବା କହିଲେ: ବର୍ତମାନ ବା ଆସନ୍ତା ପାଇଁ କ୍ଷତିକାରକ) ହେବ ତେବେ ତାହାକୁ ମୋ ଠାରୁ ଅଲଗା କରିଦିଅ ଓ ମତେ ମଧ୍ୟ ତା'ଠାରୁ ଅଲଗା କରିଦିଅ ଏବଂ ଯେଉଁଠାରେ ମୋ ପାଇଁ ଉତମତା ସ୍ଥିର ହୋଇଛି ମୋତେ ସେଠାରେ ପ୍ରଦାନ କର । ପୁଣି ମତେ ସେଥିରେ ପ୍ରସନ୍ନ ରଖ । ରାୱି କହୁଛନ୍ତି ଯେ ମହାଭାଗ ସ:ଆ:ସ କହିଲେ ଦୁଆ କରିବା ବେଳେ ନିଜ କାମର ନାମ ଧରି ଦୁଆ କର ।

***(ସହି ବୁଖାରୀ, ଖଣ୍ଡ-୨, କିତାବୁଲ ତହଜ୍ଜୁଦ, ମୁଦ୍ରଣ କାଦିଆନ୍-୨୦୦୬)***

ଉପରେ ପଡ଼ିବ । (୫) ଆକ୍ରମଣ କରିବା ପରେ ଶତୃପକ୍ଷକୁ ନଶ୍ୱାସ ନେବାପାଇଁ ମଧ୍ୟ ଅବସର ଦେବାର ନାହିଁ କାରଣ ଏପରି ହେଲେ ଶତୃ ପୁଣି ଶକ୍ତି ସୃଷ୍ଟି କରିନେବ । ପ୍ରଥମ ଆକ୍ରମଣ ଶେଷ ହୋଇ ନଥିବ ଯେ ଦ୍ୱିତୀୟ ଆକ୍ରମଣ ଆରମ୍ଭ କରିଦେବା ଉଚିତ । ସମସ୍ତ ଅମ୍ବିୟା (ଅବତାରଗଣ) ଏହି ଉପାୟକୁ ଅବଲମ୍ବନ କରି ଆସିଛନ୍ତି ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ମଧ୍ୟ ଏହି ଶୈଳୀ ଥିଲା । ମହାଭାଗ ଗୋଟିଏ ଇସ୍ତେହାର୍ ପ୍ରକାଶ କରୁଥିଲେ, ଏବେ ତାହାର ଚର୍ଚ୍ଚା ଚାଲିଥିବା ସ୍ଥଳେ ଅନ୍ୟ ଏକ ଇସ୍ତେହାର ଛପାଇ ପ୍ରକାଶ କରିଦେଉଥିଲେ ।

ଅତଏବ ସଫଳତା ପ୍ରାପ୍ତ କରିବା ପାଇଁ ଏହି ପାଂଚଟି ଉପାୟ ଜରୁରୀ ହୋଇଥାଏ । ହଜ୍‌ରତ୍ ନୁହ୍ ଆ:ସ ନିଜ କୌମ୍ (ସମ୍ପ୍ରଦାୟ)କୁ ନିଜେ ଏହି ମାର୍ଗ ପ୍ରତି ଧ୍ୟାନ ଆକର୍ଷଣ କରାଇଛନ୍ତି ଏବଂ କହୁଛନ୍ତି ତୁମେମାନେ ଏହି ପାଂଚଟି ଶୈଳୀକୁ ବ୍ୟବହାର କରି ନିଅ କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ସଫଳ ହେବନାହିଁ । କାରଣ ଗୋଟିଏ ଷଷ୍ଠ ଜିନିଷ ଅଛି, ଯାହା ବିନା ଏହି ସମସ୍ତ ଉପାୟ ଅସଫଳ ହୋଇଯାଏ, ଅର୍ଥାତ ଅଲ୍ଲାଃଙ୍କ ଉପରେ ଭରସା କରିବା, ଏହା ତୁମ ନିକଟରେ ନାହିଁ ବରଂ ଏହା ମୋ ନିକଟରେ ଅଛି । ସେଥିଯୋଗୁଁ ଅଲ୍ଲାଃ ତାଲାଙ୍କ ସାହାଯ୍ୟ ମତେ ପ୍ରାପ୍ତ ହୋଇଛି । ସୁତରାଂ ତୁମେ ସବୁ ପ୍ରକାରର ଚେଷ୍ଟା କରିନିଅ କିନ୍ତୁ ମୁଁ ହିଁ ବିଜୟୀ ହେବି ।

ଅମ୍ବିଆ (ଅର୍ଥାତ ଅବତାର)ମାନଙ୍କୁ ନିଜର ସତ୍ୟତା ଓ ଈଶ୍ୱରଙ୍କ ପ୍ରତିଶୃତି ଉପରେ ଏତେମାତ୍ରାରେ ଭରସା ଥାଏ ଯେ ନା କେବଳ ସେମାନେ ବିରୋଧିମାନଙ୍କ ବିରୋଧକୁ ପରବାଏ କରିନଥାନ୍ତି ବରଂ ସେମାନଙ୍କୁ ଆହୁରି ଅଧିକ ଗର୍ବିତ କରିଥାନ୍ତି । ଏହା ସତ୍ତ୍ୱେ ମଧ୍ୟ ଏମାନେ ଏଥିରେ ସନ୍ତୁଷ୍ଟ ହୋଇଥାନ୍ତି ଯେ ପରିଶେଷରେ ଆମେ ହିଁ ବିଜୟୀ ହେବୁ । ଶେଷରେ ଏହା ହିଁ ହୋଇଥାଏ । ଅନ୍ୟାନ୍ୟ ଐଶି ଚମତ୍କାରଗୁଡ଼ିକୁ ଆଣଦେଖା କରି ବାସ୍ତବତାର ଆଖି ପାଇଁ ଏହା ହିଁ ଈଶ୍ୱରଙ୍କ ତରଫରୁ ସେମାନଙ୍କ ପାଇଁ ଏକ ଚମତ୍କାର ହେବାର ପ୍ରମାଣ ନିମନ୍ତେ ଯଥେଷ୍ଟ କିନ୍ତୁ ପରିତାପର ବିଷୟ ଯେ ଏ ଅନ୍ଧ ଦୁନିଆ ଏହାକୁ ଦେଖୁନାହିଁ । ***(ତଫ୍‌ସୀର୍ କବୀର୍, ଖଣ୍ଡ-୩, ପୃ-୧୧୦-୧୧୧.........୨୦୧୦)***

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ......*

ସେବା ପାଇଁ ଉତ୍ସର୍ଗ କରିଦେବେ..... ହଜ୍‌ରତ୍ ରସୁଲେ୍ କରିମ୍ ସ:ଆ:ସଙ୍କ ସାହାବାମାନଙ୍କ ନମୁନା ଦେଖିବା ଉଚିତ । ସେମାନେ ଏପରି ନଥିଲେ ଯେ, କିଛି ସାଂସାରିକ ଓ କିଛି ଧାର୍ମିକ ବରଂ ସମ୍ପୂର୍ଣ୍ଣ ରୂପେ ସେମାନେ ଧାର୍ମିକ ହୋଇଯାଇଥିଲେ ଏବଂ ନିଜର ଜୀବନ ଓ ଧନ ସବୁକିଛି ଇସ୍‌ଲାମ୍ ପାଇଁ ଉତ୍ସର୍ଗ କରିଦେଇଥିଲେ । ଏହିପରି ଲୋକ ଦରକାର ଯେଉଁମାନେ ଏ ସମ୍ପ୍ରଦାୟ ନିମନ୍ତେ ମୁବଲ୍ଲିଗ୍ ଏବଂ ଉପଦେଶକ ଭାବରେ ନିଯୁକ୍ତ ହେବେ । ସେମାନେ ଅଳ୍ପକେ ସନ୍ତୁଷ୍ଟ ହେବା ଉଚିତ ଓ ଧନଦୌଲତର ସେମାନଙ୍କୁ ଚିନ୍ତା ଘାରୁନଥିବ । ହଜ୍‌ରତ୍ ରସୁଲେ୍ କରିମ ସ:ଆ:ସ ଯେତେବେଳେ କାହାକୁ ତବ୍‌ଲିଗ୍ କରିବାପାଇଁ ପଠାଉଥିଲେ ସେତେବେଳେ ସେମାନେ ନିର୍ଦ୍ଦେଶ ପାଇବା ମାତ୍ରେ ହିଁ ଏହି କାମ ପାଇଁ ଧାଇଁ ଯାଉଥିଲେ ନା ଯାତ୍ରାର ଖର୍ଚ୍ଚ ମାଗୁଥିଲେ ଓ ନା ଘରର ଲୋକମାନଙ୍କ ଅସୁବିଧାକୁ ଉପସ୍ଥାପନ କରୁଥିଲେ । ଏହି କାମ ତା ଦ୍ୱାରା ହୋଇପାରେ ଯିଏ ନିଜ ଜୀବନକୁ ଏଥିପାଇଁ ୱକ୍‌ଫ ଅର୍ଥାତ ଉତ୍ସର୍ଗ କରିଦେବ । ମୁତ୍‌ତକି (ଧର୍ମପରାୟଣ) ବ୍ୟକ୍ତିଙ୍କୁ ଖୁଦାତାଲା ସ୍ୱୟମ ସାହାଯ୍ୟ କରିଥାନ୍ତି । ସେ ଖୁଦାଙ୍କ ପାଇଁ କଷ୍ଟରେ ଜୀବନଯାପନ କରିବାକୁ ରାଜି ହୋଇଯାଇଥାଏ........ ଯିଏ ସମ୍ପୂର୍ଣ୍ଣ ରୂପେ ଧାର୍ମିକ ହୋଇଯାଆନ୍ତି ଖୁଦାତାଙ୍କୁ ପ୍ରେମ କରିଥାନ୍ତି । ଆମେ ଏହା ଚାହୁଁଛୁ ଯେ, କିଛି ଲୋକ ଏପରି ନିର୍ବାଚିତ ହୁଅନ୍ତୁ ଯେଉଁମାନେ ତବ୍‌ଲିଗ୍ (ଧର୍ମର ପ୍ରଚାର ପ୍ରସାର) କାର୍ଯ୍ୟ ନିମନ୍ତେ ନିଜକୁ ଉତ୍ସର୍ଗ କରିଦେଉ ଏବଂ ଅନ୍ୟ କୌଣସି କଥାକୁ ସେ ଗୁରୁତ୍ୱ ନ ଦେଉ ସବୁପ୍ରକାରର ଦୁଃଖ ଓ କଷ୍ଟକୁ ସେ ବରଦାସ୍ତ କରୁ ଏବଂ ପ୍ରତ୍ୟେକ ଜାଗାକୁ ଯାଇ ଈଶ୍ୱରଙ୍କ କଥାକୁ ପହଂଚାଉ । ଧୈର୍ଯ୍ୟ ଓ ସହନଶୀଳ ହୋଇ କାମ କରୁ ତା ପ୍ରକୃତିରେ ଆବେଗ ନ ରହୁ । ସବୁ ପ୍ରକାରର କଠିନ କଥା ଗାଳିଗୁଲଜକୁ ଶୁଣି ନମ୍ରତାର ସହିତ ଉତର ଦେବାପାଇଁ ସେ ଶକ୍ତି ରଖିଥାଉ । ପୁଣି ଯେଉଁଠି ସେ ଦୁଷ୍ଟାମିର ଭୟ ଦେଖିବ ସେଠାରୁ ସେ ଚାଲିଯାଉ ଏବଂ ଫିତ୍‌ନା ଫସାଦ୍ ଅର୍ଥାତ ବିଭ୍ରାଟ ପୂର୍ଣ୍ଣ କାର୍ଯ୍ୟରେ ନିଜକୁ ନିୟୋଜିତ ନ କରୁ ଏବଂ ଯେଉଁଠାରେ ସେ ଏକଥା ଦେଖିବ ଯେ, ଯଦି କୌଣସି ଭଦ୍ର ବ୍ୟକ୍ତି ତା କଥାକୁ ଶୁଣୁଛି ତେବେ ସେ ତାକୁ ନମ୍ରତାର ସହିତ ବୁଝାଉ । ଜଲ୍‌ସା ଓ ତର୍କପୂର୍ଣ୍ଣ ସ୍ଥାନରୁ ସେ ଦୁରେଇ ରହୁ କାରଣ ଏହିଭଳି ସ୍ଥାନରୁ ବିଭ୍ରାଟ ଉପୁଜିଥାଏ । ଧିରେ ଧିରେ ଓ ସନ୍ତୋଷଜନକ ଅବସ୍ଥାରେ ନିଜର କାମକୁ କରିଚାଲୁ" ।

**(ବଦର୍ ୩ ଅକ୍ଟୋବର ୧୯୦୭)**

ତା'ପରେ ଅଜିଜମ୍ ସୋହେବ୍ ନାସିର୍ ଷଷ୍ଠଶ୍ରେଣୀର ଛାତ୍ର "ଖାନାକାବା ୱକ୍‌ଫେ ଜିନ୍ଦଗୀକି ବୁନିୟାଦ୍ ହୈ" ଅର୍ଥାତ ଖାନାକାବା ଜଣେ ଜୀବନ ଉତ୍ସର୍ଗକାରୀର ଭିତିଭୂମି ଅଟେର ବିଷୟବସ୍ତୁ ଉପରେ ଗୋଟିଏ ବକ୍ତବ୍ୟ ପ୍ରଦାନ କଲେ ।

ପବିତ୍ର କୁର୍‌ଆନ୍‌ରେ ଖୁଦାତାଲାଙ୍କର ଏ ବାଣୀ ରହିଛି ଯେ, **ଇନ୍ନା ଅୱ୍ୱଲା ବଏତିନ୍....... ହୁଦଲ୍ ଲିଲ୍ ଆଲମିନ୍ (ଆଲେ ଇମ୍‌ରାନ୍:୯୭)** ଅର୍ଥାତ ଏହି ପୃଥିବୀ ପୃଷ୍ଠରେ ଖାନାକାବା ହେଉଛି ସେହି ପ୍ରଥମ ଅଟ୍ଟାଳିକା ଯାହା ଅଲ୍ଲାଃଙ୍କ ଏକେଶ୍ୱରବାଦ ଏବଂ ଅଲ୍ଲାଃଙ୍କ ବାଣୀର ବଢ଼ାଇ ପାଇଁ ତତ୍‌ସହିତ ମୁମିନ୍‌ମାନଙ୍କ ନିମନ୍ତେ ଉପାସନା କରିବାପାଇଁ ନିର୍ମାଣ କରାଯାଇଅଛି । ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କହିଲେ ଯେ, ଏହି ଖାନାକାବା ହଜ୍‌ରତ୍ ଆଦମ୍ ଆ:ସଙ୍କ ଯୁଗରୁ ଚାଲିଆସିଛି । **(ତଫ୍‌ସୀର୍ କବୀର୍ ଖଣ୍ଡ-୨, ପୃ-୪୪୮)** ସେଥିପାଇଁ ପ୍ରାରମ୍ଭରୁ ହିଁ ପବିତ୍ର ଈଶ୍ୱର ଏ ନିର୍ଦ୍ଦେଶ ଦେଇଛନ୍ତି ଯେ, ପ୍ରତ୍ୟେକ ବର୍ଷ ଏ ପୃଥିବୀ ପୃଷ୍ଠରେ ରହୁଥିବା ଏକେଶ୍ୱରବାଦର ପ୍ରେମୀମାନେ ଏଠାରେ ଏକତ୍ରିତ ହୋଇ ଏହାର ହଜ୍ ଓ ଉମ୍‌ରାଃ କରନ୍ତୁ ଏବଂ ଈଶ୍ୱରଙ୍କ ନିର୍ଦ୍ଦେଶାବଳୀଗୁଡ଼ିକୁ ନିଜ ମନ ଭିତରେ ତାଜା କରନ୍ତୁ । ଇସ୍‌ଲାମ୍ ଧର୍ମରେ ଖାନାକାବାର ଗୁରୁତ୍ୱ ସର୍ବସମତ ଏହି କାରଣ ଯୋଗୁଁ ଇସ୍‌ଲାମ୍‌ର ପୈଗାମ୍ବର ସ:ଆ:ସଙ୍କୁ ନବୁୱତ୍ ପୂର୍ବରୁ ହିଁ ଖାନାକାବାର ପବିତ୍ରତା ଓ ତାହାର ବୈଶିଷ୍ଟ୍ୟର ବିଶେଷ ଧ୍ୟାନ ଥିଲା ।

ମଦିନା ହିଜ୍‌ରତ୍ କରିବା ସମୟରେ ମକ୍କା ଉପରେ ଶେଷ ଦୃଷ୍ଟି ପକାଇ ରସୁଲେ୍ ଅକ୍‌ରମ୍ ସ:ଆ:ସ ଅତ୍ୟନ୍ତ ପ୍ରେମ ପୂର୍ଣ୍ଣ ଶୈଳୀରେ କହିଲେ ଯେ, "ହେ ମକ୍କା ! ତୁ ମତେ ଏ ପୃଥିବୀ ପୃଷ୍ଠରେ ଥିବା ସମସ୍ତ ଜନବସତିଠାରୁ ଅଧିକ ପ୍ରୀୟ କିନ୍ତୁ କଣ କରିବି ତୋର ଅଧିବାସୀମାନେ ମତେ ଏଠାରେ ରହିବାକୁ ଦେଉନାହାନ୍ତି" । ପବିତ୍ର ମକ୍କା ସହିତ ଏତେମାତ୍ରାରେ ପ୍ରେମ ଏଥିପାଇଁ ଥିଲା ଯେ, ଗୋଟିଏ ପଟେ ମକ୍କା ହେଉଛି ଆପଣ ସ:ଆ:ସଙ୍କ ବାପାଙ୍କ ସ୍ଥାନ ଏବଂ ଅପରପକ୍ଷେ ଏହି ସହରରେ ଖାନାକାବା ମଧ୍ୟ ରହିଛି । ଏହି ପ୍ରେମ ଯୋଗୁଁ ନମାଜର ଧାର୍ଯ୍ୟ କର୍ତବ୍ୟ ପରେ ରସୁଲେ୍ ଅକ୍‌ରମ୍ ସ:ଆ:ସଙ୍କ ଆନ୍ତରିକା ଇଚ୍ଛା ଏହା ଥିଲା ଯେ, ଇସ୍‌ଲାମ୍ ଧର୍ମରେ ଈଶ୍ୱରଙ୍କୁ ଉପାସନା କରିବା ସମୟରେ ଇସ୍‌ଲାମ୍‌ର କିବ୍‌ଲା ଖାନାକାବା ହୁଅନ୍ତା କି । ଯେହେତୁ ଖାନାକାବା ହିଁ ଆଧ୍ୟାତ୍ମିକ ଶାରୀରିକ ଦୃଷ୍ଟିକୋଣରୁ ମୁସଲମାନମାନଙ୍କ ଆସନ୍ତା ଉନ୍ନତିର କେନ୍ଦ୍ରବିନ୍ଦୁ ହେଲା । ତେଣୁ ଅଲ୍ଲାଃ ଏକଥା ଚାହିଁଲେ ଯେ, ଖାନାକାବା ଜରିଆରେ ମୁସଲମାନମାନଙ୍କର ଆଧ୍ୟାତ୍ମିକ ଶିକ୍ଷା ଓ ପ୍ରଶିକ୍ଷଣର ମଧ୍ୟ ବିଶେଷଭାବେ ବନ୍ଦୋବସ୍ତ କରାଯାଉ ଯାହା ସବୁଦିନ ପାଇଁ ଜାରି ରହୁ । ଅର୍ଥାତ ଖାନାକାବାକୁ ମୁସଲମାନମାନଙ୍କ ଆଧ୍ୟାତ୍ମିକ ଶିକ୍ଷା ଓ ପ୍ରଶିକ୍ଷଣର ମର୍କଜ ରୂପେ ଅଭିହିତ କରାଗଲା । ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ କହୁଛନ୍ତି:

"ଖାନାକାବା କଣ ? ତାହା ହେଉଛି ଏକ ଘର ଯାହାକୁ ଖୁଦାତାଲାଙ୍କ ଉପାସନା ନିମନ୍ତେ ୱକ୍‌ଫ କରାଯାଇଅଛି । ଯେହେତୁ ସାରା ଦୁନିଆର ଲୋକମାନେ ଖାନାକାବାକୁ ଯାଇପାରିବେ ନାହିଁ ଅତଏବ ଯେଉଁଭଳି ଖୁଦତାଲା ଏହା ଚାହିଁଛନ୍ତି ଯେ, ଇବ୍ରାହିମ୍ ଆ:ସଙ୍କ ପ୍ରତିରୂପ ଏ ପୃଥିବୀରେ ଜନ୍ମ ହୁଅନ୍ତୁ ସେହିଭଳି ସେ ଏହା ମଧ୍ୟ ଚାହାନ୍ତି ଯେ, ତୁମେ ଖାନାକାବାର ପ୍ରତିରୂପ ବନାଅ ଯେଉଁଥିରେ ତୁମେ ଓ ତୁମ ସନ୍ତାନମାନେ ନିଜ ଜୀବନକୁ ଧର୍ମ ସେବାପାଇଁ ଉତ୍ସର୍ଗ କରି ବସିଯାଆନ୍ତୁ...... ଓ ବାସ୍ତବିକ କଥା ହେଉଛି ଏହା ଯେ, ଯେପର୍ଯ୍ୟନ୍ତ ଖାନାକାବାର ଛାୟା ସଂସାରର କୋଣ ଅନୁକୋଣରେ ନ ପହଂଚି ସେ ପର୍ଯ୍ୟନ୍ତ ଧର୍ମ କେବେବି ପ୍ରସାର ହୋଇପାରିବ ନାହିଁ" । **(ତଫ୍‌ସୀର କବୀର ଖଣ୍ଡ-୨, ପୃ-୧୬୯-୧୭୦ ସୁରତୁଲ୍ ବକ୍‌ରାଃ ୧୨୬)**

ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ରହେମୁଲ୍ଲାଃ ତାଲା ମଧ୍ୟ ବଇତୁଲ୍ଲାଃର ନିର୍ମାଣର ମହାନ୍ ଉଦ୍ଦେଶ୍ୟ ଉପରେ ଆଧାରିତ ଜ୍ଞାନବର୍ଦ୍ଧକ ଖୁତ୍‌ବାର ଧାରା ମଧ୍ୟରୁ ଗୋଟିଏ ଖୁତ୍‌ବାରେ ଏପରି କହିଛନ୍ତି:

"ଇତିହାସ ଆମକୁ ଏକଥା ବତାଉଛି ଯେ, କେବଳ ମକ୍କାରୁ ହିଁ ନୁହେଁ ବରଂ ଅନ୍ୟ ଇଲାକାମାନଙ୍କରୁ ମଧ୍ୟ କବିଲାଗୁଡ଼ିକର କିଛି ପ୍ରତିନିଧି ନିଜ ଇଲାକାକୁ ଛାଡ଼ି ଓ ନିଜ କବିଲାକୁ ଛାଡ଼ି ମଦିନାରେ ଆସି ବସିଯାଇଥିଲେ । ସେମାନଙ୍କର ଯେଉଁ ହିଜ୍‌ରତ୍ ଥିଲା ତାହା ସେ ପ୍ରକାର ନଥିଲା ଯେମିତି ମକ୍କାରୁ ହିଜ୍‌ରତ୍ ହୋଇଥିଲା । ବରଂ ଏ ପ୍ରକାରର ହିଜ୍‌ରତ୍ ଥିଲା ଯେଉଁ ପ୍ରକାରର ଜଣେ ୱାକିଫ୍‌ଙ୍କର ହିଜ୍‌ରତ୍ ହୋଇଥାଏ ଯିଏ ନିଜର ଇଲାକାକୁ ଛାଡ଼ି, ନିଜ ବନ୍ଧୁବାନ୍ଧବକୁ ଛାଡ଼ି, ନିଜ ଘରଦ୍ୱାରକୁ ଛାଡ଼ି, ନିଜ ଧନସମ୍ପତିକୁ ଛାଡ଼ି ଖୁଦାଙ୍କ ପାଇଁ ମର୍କଜ ଚାଲିଆସିଥାଏ ଓ ପୁଣି ମର୍କଜର ନିର୍ଦ୍ଦେଶ ମୁତାବକ ପୃଥିବୀର ବିଭିନ୍ନ ସ୍ଥାନରେ କାମ କରିଥାଏ" ।

**(ଖୁତ୍‌ବା ଜୁମା ପ୍ରଦତ ୨୬ ମଇ ୧୯୬୭)**

*କ୍ରମଶଃ......*

## ଜରୁରୀ ଘୋଷଣା

### ହଜୁର ଅନୱ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନୱ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନୱ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

''ହେ ଉସ୍‌ମାନ୍! ସମ୍ଭବତଃ ଅଲ୍ଲାଃ ତାଲା ତୁମକୁ ଏକ ଜାମା ପିନ୍ଧାଇବେ ଯଦି ଲୋକମାନେ ସେହି ଜାମାକୁ ତୁମଠାରୁ କାଢ଼ିବା ପାଇଁ ମୋତାଲବା କରନ୍ତି ତା'ହେଲେ ତୁମେ ସେମାନଙ୍କ କହିବାରେ ତାହାକୁ କଦାପି କାଢ଼ିବନାହିଁ।'' (ଅଲ୍ ହଦିସ୍)

**ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ମହାନ୍ ପଦମର୍ଯ୍ୟାଦା ସମ୍ପନ୍ନ ଖଲିଫା ରାଶିଦ୍ ଜୁନ୍ ନୁରେନ୍
ହଜ୍‌ରତ୍ ଉସ୍‌ମାନ୍ ବିନ୍ ଅଫାନ୍ ର:ଅଙ୍କ ସୁଗୁଣର ବର୍ଣ୍ଣନା**

ହଜ୍‌ରତ୍ ଉସ୍‌ମାନ୍ ର:ଅ ତ ଏପରି ବ୍ୟକ୍ତି ଥିଲେ ଯାହାଙ୍କ ସମ୍ବନ୍ଧରେ ହଜ୍‌ରତ୍ ରସୁଲେ କରିମ୍ ସ:ଆ:ସ କହିଛନ୍ତି ଯେ ସେ ଇସ୍‌ଲାମ୍‌ର ଏତେ ସେବା କରିଛନ୍ତି ଯେ, ସେ ଏବେ ଯାହା ଚାହନ୍ତୁ କରନ୍ତୁ ଈଶ୍ୱର ତାଙ୍କର ହିସାବ ନେବେନାହିଁ। ତାଙ୍କର ପୂଣ୍ୟ ଏତେ ଥିଲା ଯେ, ତାଙ୍କର ସୁଗୁଣ ଏତେମାତ୍ରାରେ ଥିଲା ଯେ ଓ ସେ ପୂଣ୍ୟକର୍ମରେ ଏତେ ଆଗକୁ ବଢ଼ି ଯାଇଥିଲେ ଯେ ତାଙ୍କ ପାଇଁ ଏହା ସମ୍ଭବ ନଥିଲା ଯେ ତାଙ୍କର କୌଣସି କର୍ମ ଅଲ୍ଲାଃଙ୍କ ନିର୍ଦ୍ଦେଶାବଳୀ ବିରୁଦ୍ଧ ହୋଇପାରେ।

ଚାରିଜଣ ମରହୁମିନ୍ (ମୃତକ) ମୋକରମ୍ ଅବ୍‌ଦୁଲ୍ କାଦିର୍ ସାହେବ (ଶହୀଦ୍) ବାଜିଦ୍ ଖୈଲ୍ ପେଶାଓ୍ୱର, ମୋକରମ୍ ଅକ୍‌ବର୍ ଅଲୀ ସାହେବ ଅସିରେ ରାହେ ମୌଲା (ଅଲ୍ଲାଃଙ୍କ ପାଇଁ ଜେଲ ଦଣ୍ଡ ପାଇଥିବା) ଆଫ୍ ଶୌକତ୍ କଲୋନି ଜିଲ୍ଲା ନନ୍‌କାନା ସାହେବ୍, ମୋକରମ୍ ଖାଲିଦ୍ ମହ୍‌ମୁଦୁଲ୍ ହସନ୍ ଭଟ୍ଟି ସାହେବ୍ ଓ୍ୱକିଲୁଲ୍ ମାଲ୍ ସାଲିସ୍ ତହ୍‌ରିକ୍-ଏ-ଜିଦ୍ ରବ୍‌ଓ୍ୱା ଏବଂ ମୋକରମ୍ ମୁବାରକ୍ ଅହ୍‌ମଦ୍ ତାହେର ସାହେବ ମୁଶିରେ କାନୁନି (କାନୁନ୍ ପରାମର୍ଶଦାତା) ସଦର୍ ଅଞ୍ଜୁମନ୍ ଅହ୍‌ମଦିୟା ପାକିସ୍ତାନ୍‌ଙ୍କ ଗୁଣଗାରିମା ବର୍ଣ୍ଣନା ଏବଂ ନମାଜ ଜନାଯାଃ ଗାଏବ୍ ପାଠ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ:ବ**
**(ପ୍ରଦତ୍: ୨୬ ଫେବୃୟାରୀ ୨୦୨୧ ଅନୁଯାୟୀ ୨୬ ତବ୍‌ଲିଗ୍ ୧୪୦୦ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ।**

أَشْهَدُ أَنْ لَا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ - بِسْمِ اللّٰهِ الرَّحْمٰنِ الرَّحِيمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - إِيَّاكَ نَعْبُدُ وَإِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ସମୟର ଯୁଦ୍ଧ ଓ ବିଜୟ ସମ୍ବନ୍ଧିତ ଚର୍ଚ୍ଚା ଚାଲିଥିଲା। ଆଜି ମଧ୍ୟ ସେହି ଚର୍ଚ୍ଚା କରିବି। ଅଲି ବିନ୍ ମୁହମ୍ମଦ୍ ମଦାଇନି ବର୍ଣ୍ଣନା କରୁଛନ୍ତି ଯେ ତବ୍‌ରିସ୍ତାନ ଉପରେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଯୁଗରେ ହଜ୍‌ରତ୍ ସଈଦ୍ ବିନ୍ ଆସ ର:ଅ ୩୦ ହିଜ୍‌ରିରେ ଆକ୍ରମଣ କଲା, ସେଠାରେ ଯୁଦ୍ଧ ହେଲା ଫଳତଃ ସେଠିକାର କିଲ୍ଲାକୁ ଜଣାଗଲା।

***(ତାରିଖେ ତିବ୍‌ରି ଖଣ୍ଡ-୫, ପୃ-୧୦୨-୧୦୩..... ଦାରୁଲ୍ ଫିକ୍‌ରି ୧୯୯୩)***

ସେହିଭଳି ସଓ୍ୱାରିକୁ ବିଜୟ ୩୧ ହିଜ୍‌ରିରେ ହେଲା। ସେ ସମ୍ବନ୍ଧରେ ବର୍ଣ୍ଣିତ ଅଛି ଯେ ଅଧିକାଂଶ ଇତିହାସ ପୁସ୍ତକର ସେହି ଯୁଦ୍ଧ ଘଟିବାର ନିର୍ଦ୍ଧାରିତ ତାରିଖ ଦରଜ ହୋଇନାହିଁ। ଅଲ୍ଲାମାଃ ଇବ୍‌ନେ ଖୁଲ୍‌ଦୁନ୍ ସେହି ଯୁଦ୍ଧର ସ୍ଥାନ ଇସ୍‌କନ୍ଦରିୟା ବୋଲି ଉଲ୍ଲେଖ କରିଛନ୍ତି। ***(ତାରିଖେ ଇବ୍‌ନେ ଖୁଲ୍‌ଦୁନ୍ ଖଣ୍ଡ-୨, ପୃ-୫୭୫.....ବେରୁତ ୨୦୦୦)***

***(ଅନ୍‌ନଜୁମୁଲ୍ ଜୋହ୍‌ରା.....ଖଣ୍ଡ-୧, ପୃ-୮୦...... ମିସ୍‌ରିୟା ୧୯୨୯)***

ଆଉ ଏକ କଥନ ମୁତାବକ ୩୧ ହିଜ୍‌ରିରେ ମୁସଲମାନମାନେ ରୋମ୍‌ବାସୀଙ୍କ ସହିତ ଏକ ଯୁଦ୍ଧ ଲଢ଼ିଥିଲେ ଯାହାକୁ ସଓ୍ୱାରି କୁହାଯାଏ। ଅବୁ ମାଆଶରଙ୍କ ରିଓ୍ୱାୟତ୍ ମୁତାବକ ସଓ୍ୱାରି ଯୁଦ୍ଧ ୩୧ ହିଜ୍‌ରୀରେ ଅନୁଷ୍ଠିତ ହୋଇଥିଲା। ଓ୍ୱାକ୍‌ଦିଙ୍କ ଅନୁସାରେ ସଓ୍ୱାରି ଯୁଦ୍ଧ ଏବଂ ଅସାଓ୍ୱିଦାଃ ଯୁଦ୍ଧ ଦୁଇଟିଯାକ ୩୧ ହିଜ୍‌ରୀରେ ଅନୁଷ୍ଠିତ ହୋଇଥିଲା।

***(ତାରିଖେ ତିବ୍‌ରି ଖଣ୍ଡ-୫, ପୃ-୧୧୫ ଗଜ୍‌ଓ୍ୱା ସଓ୍ୱାରି..... ଦାରୁଲ୍ ଫିକ୍‌ର ୧୯୯୮)***

ଯେବେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ସାଆଦ୍ ବିନ୍ ଅବି ସରହ୍ ର:ଅ ଫିରଙ୍ଗିମାନଙ୍କୁ ଅର୍ଥାତ ଫରାସୀ ଓ ବର୍‌ବରିମାନଙ୍କୁ ଆଫ୍ରୀକା ଓ ଉନ୍‌ଦୁଲୁସ୍‌ଠାରେ ହରାଇ ଦେଲେ ସେତେବେଳେ ରୋମିମାନେ ବହୁତ ବଡ଼ ଶିକ୍ଷା ପାଇଲେ। ସମସ୍ତେ ମିଶି କୁସ୍‌ତନ୍‌ତିନ ବିନ୍ ହିର୍‌କଲ୍‌ଙ୍କ ନିକଟରେ ଏକାଠି ହୋଇଗଲେ ଏବଂ ମୁସଲମାନମାନଙ୍କ ବିପକ୍ଷରେ ଏମିତି ସେନାଦଳ ନେଇ ବାହାରିଲେ ଯାହାର ଦୃଷ୍ଟାନ୍ତ ଇସ୍‌ଲାମ୍‌ର ପ୍ରାରମ୍ଭିକ ସମୟଠାରୁ ନେଇ ଏ ପର୍ଯ୍ୟନ୍ତ ଦେଖିବାକୁ ମିଳିନଥିଲା। ଏହି ସେନାଦଳଟି ପାଂଚଶହ ସାମୁଦ୍ରୀକ ଯୁଦ୍ଧ ଜାହାଜ ଦ୍ୱାରା ସୁସଜ୍ଜିତ ଥିଲା ଓ ତାହା ମୁସଲମାନମାନଙ୍କ ମୁକାବିଲା ପାଇଁ ପ୍ରସ୍ତୁତ ହୋଇ ବାହାରିଲା। ଅମୀର୍ ମାଓ୍ୱିୟା ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ସାଆଦ୍ ବିନ୍ ଅବି ସରହ୍‌ଙ୍କୁ ସାମୁଦ୍ରିକ ଯୁଦ୍ଧ ବାହିନୀର ଅମୀର୍ ନିଯୁକ୍ତ କଲେ। ଦୁଇ ପକ୍ଷର ସେନାଦଳ ଆମନାସାମନା ହୋଇ ଭିଷଣ ଯୁଦ୍ଧ କଲେ। ପରିଶେଷରେ ଈଶ୍ୱରଙ୍କ ସାହାଯ୍ୟ ସହଯୋଗ ବଳରେ ମୁସଲମାନମାନେ ବିଜୟ ଲାଭ କଲେ। କୁସ୍‌ତନ୍‌ତିନ୍ ଓ ତା ସହିତ ଥିବା ଅନ୍ୟ ସେନାମାନେ ଛତ୍ରଭଙ୍ଗ ଦେଇ ପଳାୟନ କଲେ।

***(ତାରିଖେ ତିବ୍‌ରି ଖଣ୍ଡ-୫, ପୃ-୧୧୬ ଦାରୁଲ୍ ଫିକର୍ ୧୯୯୮) (ଅଲ୍‌ବିଦାୟତୁଲ୍ ନହାୟା ଲେ ଇବ୍‌ନେ କସିର୍ ଖଣ୍ଡ-୭, ପୃ-୧୫୨-୧୫୩..... ବେରୁତ ୨୦୦୧)***

ଅର୍‌ମିନିୟା ବିଜୟ ୩୧ ହିଜ୍‌ରୀରେ ହୋଇଥିଲା। ଓ୍ୱାକ୍‌ଦିଙ୍କ କଥନ ଅନୁସାରେ ୩୧ ହିଜ୍‌ରୀରେ ହବିବ୍ ବିନ୍ ମସ୍‌ଲମା ଫିହ୍‌ରୀଙ୍କ ହାତରେ ଆର୍‌ମିନିୟାକୁ ଜଣାଗଲା।

***(ତାରିଖେ ତବ୍‌ରି ଖଣ୍ଡ-୫, ପୃ-୧୧୮ ଦାରୁଲ୍ ଫିକର୍ ୧୯୯୮)***

ଫତହ୍ ଖୁରାସାନ୍ ୩୧ ହିଜ୍‌ରୀରେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଆମିର୍ ଖୁରାସାନ୍ ଆଡ଼କୁ ବାହାରିଲେ। ସେ ଅବ୍‌ରେ ଶହର୍ (Abar shahr), ତୁସ୍ (Tous), ଅବିଓ୍ୱର୍‌ଦ୍ (Abivard) ଏବଂ ନେସା (Nesa)କୁ ଜିଣିନେଲେ। ଏମିତିକି ସେ ସର୍‌ଖସ୍ (Sarakhs)ରେ ପହଂଚିଗଲେ। ମରଭ୍ (Merv)ବାସୀ ମଧ୍ୟ ସେହି ବର୍ଷ ସନ୍ଧି କରିନେଲେ।

***(ତାରିଖେ ତିବ୍‌ରି ଖଣ୍ଡ-୫, ପୃ-୧୨୩ ଦାରୁଲ୍ ଫିକର୍ ୧୯୯୮)***

ଏହି ସ୍ଥାନଟି ମର୍‌ଓ୍ୱତ୍‌ର କମାନ୍‌ସ୍ତାନ୍‌ରେ ରହିଛି। ବାକି ଇଲାକା ଇରାନ୍ ଦେଶରେ ରହିଛି। ରୋମ୍ ସହର ଆଡ଼କୁ ୩୨ ହିଜ୍‌ରୀରେ ଅଭିଯାନ ହେଲା। ୩୨ ହିଜ୍‌ରୀରେ ଅମୀର୍ ମାଓ୍ୱିୟା ରୋମ୍ ସହର ସହିତ ଯୁଦ୍ଧ କଲେ ଏପରି କି ସେ କୁସ୍‌ତନ୍‌ତନିୟାର ଦ୍ୱାର ଦେଶରେ ପହଂଚିଗଲେ। ***(ବିଦାୟତୁନ୍ ନହାୟା ଲେ ଇବ୍‌ନେ କସିର୍ ଖଣ୍ଡ-୭, ପୃ-୧୫୫, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ ଲେବ୍‌ନାନ୍ ୨୦୦୧)***

ମର୍‌ଓ୍ୱରୁଜ୍, ତାଲକାନ୍, ଫାରିୟାବ୍(Faryab), ଜୁଯଜାନ୍(Jowz) ଏବଂ ତଖାରିସ୍ତାନ୍(Takhar) ୩୨ ହିଜ୍‌ରୀରେ ଫତହ୍ କରାଗଲା ଅର୍ଥାତ ପରାଜିତ କରାଗଲା। ୩୨ ହିଜ୍‌ରୀରେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଆମୀର୍ ମର୍‌ଓ୍ୱରୁଜ୍ ଏବଂ ତାଲ୍‌କାନ୍ ଯାହା ବର୍ତମାନର ଆଫ୍‌ଗାନିସ୍ତାନରେ ବଲଖ୍ ଏବଂ ମରୁରୁଜ୍ ଇଲାକାର ମଧ୍ୟ ଭାଗରେ ଅବସ୍ଥିତ। ସେହି ଫାରିୟାବ୍ ଇଲାକା ମଧ୍ୟ ଆଫ୍‌ଗାନିସ୍ତାନ୍‌ରେ ରହିଛି। ଜୁଯଜାନ୍ ମଧ୍ୟ ଆଫ୍‌ଗାନିସ୍ତାନ୍ ଇଲାକାରେ ସେହିପରି ତଖାରିସ୍ତାନ୍ ମଧ୍ୟ ଆଫ୍‌ଗାନିସ୍ତାନ୍ ଇଲାକାରେ ରହିଛି।

***(ତାରିଖେ ତିବ୍‌ରି ଖଣ୍ଡ-୫, ପୃ-୬୩୦........ ୧୯୮୭)***

***(ସିରସ୍ ସାହାବା ଖଣ୍ଡ-୧, ପୃ-୧୬୮, ଦାରୁଲ୍ ଇଶାଅତ୍ କରାଚି ୨୦୦୪)***

ଅବୁଲ୍ ଅଶ୍‌ହବ୍ ସାଆଦି ନିଜ ବାପାଙ୍କଠାରୁ ବର୍ଣ୍ଣନା କରିଛନ୍ତି ଯେ ଅହ୍‌ନଫ୍ ବିନ୍ କଏସ୍‌ଙ୍କର ମରୁରୋଜ୍, ତାଲ୍‌କାନ୍, ଫରିୟାବ୍, ଏବଂ ଜୁଯଜାନ୍‌ବାସୀଙ୍କ ସହିତ ରାତିର ଅନ୍ଧକାର ପର୍ଯ୍ୟନ୍ତ ଯୁଦ୍ଧ ଜାରି ରହିଥିଲା, ଏପରି କି ଅଲ୍ଲାଃ ତାଲା ଶତୃପକ୍ଷଙ୍କୁ ପରାଜିତର ସ୍ୱାଦ ଚଖାଇଲେ।

***(ତାରିଖେ ତିବ୍‌ରି ଖଣ୍ଡ-୫, ପୃ-୧୩୦ ଦାରୁଲ୍ ଫିକର୍ ୧୯୯୮)***

ଅହ୍‌ନଫ୍ ବିନ୍ କୈସ୍ ଅକ୍‌ରଅ ବିନ୍ ହାବିସ୍‌ଙ୍କୁ ଗୋଟିଏ ଅଶ୍ୱବାହିନୀ ସେନାଦଳ ଦେଇ ଜୁଯଜାନ୍ ଆଡ଼କୁ ପଠାଇଲେ। ଅକ୍‌ରଅଙ୍କୁ ସେହି ବଂଚି ରହିଥିବା ସେନାମାନଙ୍କ ନିକଟକୁ ପ୍ରେରଣ କରାଯାଇଥିଲା ଯାହାକୁ ଅହ୍‌ନଫ୍ ହରାଇ ସାରିଥିଲେ। ଅତଏବ୍ ଅକ୍‌ରଅ ବିନ୍ ହାବିସ୍

ସେମାନଙ୍କ ସହିତ ଭିଷଣ ଯୁଦ୍ଧ କଲେ ଫଳତଃ ତାଙ୍କ ଘୋଡା ଚାଳକ ଶହୀଦ ମଧ୍ୟ ହୋଇଗଲେ । କିନ୍ତୁ ପରିଶେଷରେ ଅଲ୍ଲାଃ ତାଲା ମୁସଲମାନମାନଙ୍କୁ ବିଜୟ ପ୍ରଦାନ କଲେ ।

***(ତାରିଖେ ତିବ୍‌ରି ଖଣ୍ଡ-୫, ପୃ-୧୩୦-୧୩୧ ଦାରୁଲ୍ ଫିକର୍ ୧୯୯୮)***

ବଲଖ୍ ଉପରେ ୩୨ ହିଜ୍‌ରୀରେ ବିଜୟ ପ୍ରାପ୍ତ କରାଗଲା । ଅହ୍‌ନଫ୍ ବିନ୍ କୈସ୍ ମରୁରୁଜ୍‌ଠାରୁ ବଲଖ୍ ଆଡ଼କୁ ଅଗ୍ରସର ହେଲେ ଏବଂ ସେଠାରେ ଯାଇ ବଲଖ୍‌ବାସୀଙ୍କୁ ଘେରିଗଲେ । ପୁରୁଣା ବଲଖ୍ ଖରାସାନ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ସହର ଥିଲା ଏବଂ ଏହା ବର୍ତମାନର ଆଫ୍‌ଗାନିସ୍ତାନ୍ ଦେଶର ସବୁଠାରୁ ପୁରୁଣା ସହର ଅଟେ । ବର୍ତମାନ ସେହି ପୁରୁଣା ସହରଗୁଡ଼ିକର ଧ୍ୱଂସାବିଶେଷମାନ ରହିଛି । ବଲଖ୍ ନଦୀର ଡ଼ାହାଣପାର୍ଶ୍ୱରୁ ୧୨ କିଲୋମିଟର ଦୂରରେ ଏହା ଅବସ୍ଥିତ । ସେଠିକାର ଲୋକମାନେ ଚାରିଲକ୍ଷ ଟଙ୍କା ଅର୍ଥରାଶି ପ୍ରଦାନ କରି ସନ୍ଧି କରିବାକୁ ନିବେଦନ କଲେ ତାହା ଅହ୍‌ନଫ୍ ବିନ୍ କୈସ୍ ଗ୍ରହଣ କରିନେଲେ । ***(ତାରିଖେ ତିବ୍‌ରି ଖଣ୍ଡ-୫, ପୃ-୧୩୧ ଦାରୁଲ୍ ଫିକର୍ ୧୯୯୮) (ମୁଅଜୁମଲ୍ ବଲ୍‌ଦାନ୍ ଖଣ୍ଡ-୧, ପୃ-୫୬୮..... ବେରୁତ)***

୩୨ ହିଜ୍‌ରୀରେ ହରାସ୍ ଅଭିଯାନ ହୋଇଥିଲା । ହଜ୍‌ରତ୍ ଉସ୍‌ମାନ୍ ର:ଅ ଖୁଲୈଦ୍ ବିନ୍ ଅବ୍‌ଦୁଲ୍ଲାଃ ବିନ୍ ହନଫିଙ୍କୁ ହରାସ୍ ଏବଂ ବାଜ୍‌ଗୀସ୍ ଇଲାକା ଆଡ଼କୁ ପ୍ରେରଣ କଲେ । ସେ ସେହି ଦୁଇଟି ଇଲାକାକୁ ପରାଜିତ କଲେ । କିନ୍ତୁ ପରେ ସେମାନେ ବିଦ୍ରୋହ କରି କାରିନ୍ ରାଜାଙ୍କ ସହିତ ମିଶିଗଲେ । ***(ତାରିଖେ ତିବ୍‌ରି ଖଣ୍ଡ-୫, ପୃ-୧୩୧ ଦାରୁଲ୍ ଫିକର୍ ୧୯୯୮)***

୩୨ ହିଜ୍‌ରୀରେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଆମୀର୍, ଖୁରାସାନ୍ ଉପରେ କୈସ୍ ବିନ୍ ହୈଶମ୍‌ଙ୍କୁ ନିଜର ଉତରାଧିକାରୀ ରୂପେ ନିଯୁକ୍ତ କରି ସେଠାରୁ ଚାଲିଗଲେ ।

***(ତାରିଖେ ତିବ୍‌ରି ଖଣ୍ଡ-୫, ପୃ-୧୩୨ ଦାରୁଲ୍ ଫିକର୍ ୧୯୯୮)***

କାରିନ୍ ମୁସଲମାନମାନଙ୍କ ପାଇଁ ଏକ ବଡ଼ ସେନା ପ୍ରସ୍ତୁତ କରି ରଖିଥିଲେ । କୈସ୍ ବିନ୍ ହୈଶମ୍ ଇମାରତ୍‌କୁ ଅବ୍‌ଦୁଲ୍ଲାଃ ବିନ୍ ଖାଜିମ୍‌ଙ୍କୁ ନ୍ୟସ୍ତ କରି ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଆମୀର୍‌ଙ୍କ ନିକଟକୁ ସାହାଯ୍ୟ କରିବାପାଇଁ ଚାଲିଗଲେ ।

***(ତାରିଖେ ତିବ୍‌ରି ଖଣ୍ଡ-୫, ପୃ-୧୩୩-୧୩୩ ଦାରୁଲ୍ ଫିକର୍ ୧୯୯୮)***

ଅବ୍‌ଦୁଲ୍ଲାଃ ବିନ୍ ହାଜିମ୍ ଚାରି ହଜାର ସୈନିକ ସାଙ୍ଗରେ ଧରି କାରିନ୍ ସହିତ ଯୁଦ୍ଧ କରିବାପାଇଁ ବାହାରିପଡ଼ିଲେ । ଅବ୍‌ଦୁଲ୍ଲାଃ ବିନ୍ ହାଜିମ୍ ଛଅଶହ ସିପାହୀଙ୍କୁ ଆଗରେ ପଠାଇଲେ ଏବଂ ସେମାନଙ୍କ ପଛେ ପଛେ ନିଜେ ବାହାରିଲେ । ସେହି ପ୍ରଥମେ ଯାଇଥିବା ସୈନ୍ୟଦଳଟି ଅଧରାତି ବେଳକୁ କାରିନ୍‌ର ସୈନ୍ୟଦଳ ନିକଟରେ ପହଂଚିଗଲା ଏବଂ ତାଙ୍କ ଉପରେ ଆକ୍ରମଣ କରିଦେଲା । ଏହି ଅଚାନକ ଆକ୍ରମଣ ଦ୍ୱାରା ଶତୃପକ୍ଷ ଭୟଭୀତ ହୋଇଗଲେ ଏବଂ ପଛେ ପଛେ ଆସୁଥିବା ମୁସଲମାନମାନଙ୍କ ସୈନ୍ୟଦଳଟି ସେଠାରେ ପହଂଚି ଶତୃପକ୍ଷଙ୍କ ନିର୍ମମ ଭାବେ ପରାସ୍ତ କଲେ ଏବଂ କାରିନ୍ ନିହତ ହେଲା । ମୁସଲମାନମାନେ ସେମାନଙ୍କର ପଶ୍ଚାଧାବନ କରି ଅନେକଙ୍କୁ ହତ୍ୟା କଲେ ଓ ବହୁତ ଲୋକଙ୍କୁ ବନ୍ଦୀ କରିନେଲେ ।

***(ତାରିଖେ ତିବ୍‌ରି ଖଣ୍ଡ-୫, ପୃ-୧୩୨ ଜିକ୍‌ରି ସୁଲ୍‌ହାଲ୍ ଅହ୍‌ନଫ୍......୧୯୯୮)***

ହଜ୍‌ରତ୍ ଉସ୍‌ମାନ ର:ଅ ଖିଲାଫତ୍ ଯୁଗରେ ଉପମହାଦେଶ ଭାରତରେ ଇସ୍‌ଲାମ୍ ପହଂଚିଗଲା । ଇମାମ୍ ଅବୁ ୟୁସୁଫ୍ କିତାବୁଲ୍ ଖିରାଜିରେ ଇମାମ୍ ଜୋହ୍‌ରିଙ୍କ ସନ୍ଦର୍ଭରେ ଲେଖିଛନ୍ତି ଯେ ମିଶର୍ ଏବଂ ଶାମ୍ (ଅର୍ଥାତ ସିରିଆ) ହଜ୍‌ରତ୍ ଉମର୍ ର:ଅଙ୍କ ସମୟରେ ଜଣାଯାଇଥିଲା । ଆଫ୍ରିକା, ଖୁରାସାନ୍, ଏବଂ ସିନ୍ଧ୍‌ର କିଛି ଅଂଚଳ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ସମୟରେ ଜିଣାଗଲା । ***(କିତାବୁଲ୍ ଖରାଜ୍, ଇମାମ୍ ଅବୁ ୟୁସୁପ୍ ପୃ-୨୧୮..... ଅଲ୍‌ମକ୍ତବତୁଲ୍ ତୌଫିକାଃ ୨୦୧୩)***

ଭାରତର ଉପମହାଦେଶରେ ଇସ୍‌ଲାମ୍‌ର ଆଗମନ ସମ୍ବନ୍ଧରେ ଗୋଟିଏ ରିୱାୟତ୍ ଏମିତି ମିଳୁଛି । ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଯୁଗରେ ହଜ୍‌ରତ୍ ଉବୈଦୁଲ୍ଲାଃ ବିନ୍ ମାମର୍‌ଙ୍କୁ ଗୋଟିଏ ସେନାଦଳ ସାଥିରେ ଦେଇ ମକ୍‌ରାନ୍ ଓ ସିନ୍ଧ୍ ଇଲାକା ଆଡ଼କୁ ପଠାଗଲା । ମକ୍‌ରାନ୍ ବିଜୟ ଅଭିଯାନରେ ସେ ଖୁବ୍ ସାହାସିକତା ଦେଖାଇଥିଲେ । ପରେ ସେହି ସମସ୍ତ ଇଲାକାର ସେ ଅମୀର ଭାବେ ନିଯୁକ୍ତି ପାଇଥିଲେ । ***(ବର୍‌ରେ ସଗୀର୍ ମେଁ ଇସ୍‌ଲାମ୍ କେ ଅୱ୍‌ଲୀନ୍ ନକୁଶ୍ । ସଂକଳକ ମୁହମ୍ମଦ୍ ଇସ୍‌ହାକ୍ ଭଟି ପୃ-୬୩ ନଭେମ୍ବର ୨୦୦୯)***

ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଖିଲାଫତ୍ ଯୁଗରେ ଯେଉଁ ବିଭ୍ରାଟ ହେବାକୁ ଥିଲା, ସେ ସମ୍ବନ୍ଧରେ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ପେଶ୍‌ଗୋଇ (ଭବିଷ୍ୟବାଣୀ) ମଧ୍ୟ ଥିଲା । ହଜ୍‌ରତ୍ ଆଇଶା ର:ଅ ବର୍ଣ୍ଣନା କରୁଛନ୍ତି ଯେ ନବୀ କରିମ୍ ସ:ଆ:ସ କହିଲେ: ହେ ଉସ୍‌ମାନ୍! ହୋଇପାରେ ସମ୍ଭବତଃ ଅଲ୍ଲାଃ ତାଲା ତୁମକୁ ଏକ କୁର୍ତା ପିନ୍ଧାଇବେ । ଯଦି ଲୋକମାନେ ତୁମଠାରୁ ସେହି କୁର୍ତାଟିକୁ ଓହ୍ଲେଇ ଦେବାପାଇଁ ଚାହିଁବେ ତେବେ ତୁମେ ସେମାନଙ୍କ କହିବାରେ ସେହି କୁର୍ତାକୁ କଦାପି ଓହ୍ଲାଇବ ନାହିଁ ।

***(ସୁନନେ ତିର୍‌ମିଜି ଅବ୍‌ୱାବୁଲ୍ ମନାକିବ୍...... ହଦିସ୍ ନଂ-୩୭୦୫)***

ସୁନନେ ଇବ୍‌ନେ ମାଜାଃରେ ଏହି ବିଷୟଟି ଏପରି ବର୍ଣ୍ଣିତ ଅଛି ଯେ ହଜ୍‌ରତ୍ ଆଇଶା ର:ଅ ବର୍ଣ୍ଣନା କଲେ ଯେ ରସୁଲୁଲ୍ଲାଃ ସ:ଆ:ସ କହିଲେ ହେ ଉସ୍‌ମାନ୍! ଯଦି ଅଲ୍ଲାଃ ତାଲା କେଉଁଦିନ ଏହି ଦାୟିତ୍ୱ ତୁମଠାରୁ ନ୍ୟସ୍ତ କରିଦିଅନ୍ତି ଓ ମୁନାଫିକ୍ (ଅର୍ଥାତ କପଟୀମାନେ) ଏ ଇଚ୍ଛା ପୋଷଣ କରିବେ ଯେ ତୁମେ ନିଜର ବସ୍ତ୍ରକୁ, ଯାହା ଅଲ୍ଲାଃ ତାଲା ତୁମକୁ ପିନ୍ଧାଇଛନ୍ତି, ତାହା ଓହ୍ଲାଇ ଦିଅନ୍ତୁ ତେବେ ତୁମେ ତାହାକୁ ବାହାର କରିବ ନାହିଁ । ମହାଭାଗ ସ:ଆ:ସ ଏ କଥା ତିନିଥର କହିଲେ । ରାଓ୍ୱି ନୁମାନ୍ କହୁଛନ୍ତି ଯେ ମୁଁ ହଜ୍‌ରତ୍ ଆଇଶାର ର:ଅଙ୍କୁ କହିଲି ଯେ ଆପଣଙ୍କୁ କିଏ ମନା କରିଥିଲା ଯେ ଆପଣ ଏକଥା ଲୋକମାନଙ୍କୁ କୁହନ୍ତୁ ? ହଜ୍‌ରତ୍ ଆଇଶା ର:ଅ କହିଲେ ମୁଁ ଏକଥା ଭୁଲିଯାଇଥିଲି । ***(ସୁନନେ ଇବ୍‌ନେ ମାଜାଃ.... ହଦିସ୍ ନଂ-୧୧୨)***

ହଜ୍‌ରତ୍ କାଆବ୍ ବିନ୍ ଉଜ୍‌ରାଃ ବର୍ଣ୍ଣନା କରିଛନ୍ତି ଯେ ରସୁଲୁଲ୍ଲାଃ ସ:ଆ:ସ ଏକ ଫିତ୍‌ନା (ବିଭ୍ରାଟ) ସମ୍ବନ୍ଧରେ କହିଲେ ଓ ତାହା ନିକଟ ଭବିଷ୍ୟତରେ ଘଟିବ ବୋଲି ବତାଇଲେ । ସେତିକି ବେଳେ ଜଣେ ବ୍ୟକ୍ତି ସେହି ରାସ୍ତା ଦେଇ ଯାଉଥିଲା । ସେହି ବ୍ୟକ୍ତି ଜଣକ ନିଜ ମୁଣ୍ଡକୁ ଏକ ଚାଦର ସାହାଯ୍ୟରେ ଘୋଡ଼ାଇ ହୋଇ ରହିଥିଲା । ରସୁଲୁଲ୍ଲାଃ ସ:ଆ:ସ କହିଲେ ଯେ ଏହି ବ୍ୟକ୍ତି ଜଣକ ସେତେବେଳେ ସତ୍‌ମାର୍ଗରେ ରହିବ, ଯେତେବେଳେ ସେହି ଫିତ୍‌ନା ହେବ । ରାଓ୍ୱି କହୁଛନ୍ତି ଯେ ମୁଁ ଡ଼ିଆଁ ମାରି ସେହି ବ୍ୟକ୍ତିଙ୍କୁ ଧରିନେଲି । ଦେଖିଲା ବେଳକୁ ସେ ହଜ୍‌ରତ୍ ଉସ୍‌ମାନ ର:ଅ ଥିଲେ । ତାଙ୍କର ଦୁଇ ହାତକୁ ଧରି ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟକୁ ଯାଇ କହିଲି କଣ ଏହି ଲୋକ ? ଏଥିରେ ହଜୁର ସ:ଆ:ସ କହିଲେ ହଁ ଏହି ଲୋକ ।

***(ସୁନନେ ଇବ୍‌ନେ ମାଜାଃ ଇଫ୍‌ତିତାହୁଲ୍ କିତାବ୍.... ହଦିସ୍ ନଂ-୧୧୧)***

ହଜ୍‌ରତ୍ ଆଇଶା ର:ଅ ବର୍ଣ୍ଣନା କରିଛନ୍ତି ଯେ ରସୁଲୁଲ୍ଲାଃ ସ:ଆ:ସ ନିଜ ରୋଗଗ୍ରସ୍ତ ଥିବା ଅବସ୍ଥାରେ କହିଲେ ଯେ ମୁଁ ଚାହୁଁଅଛି ଯେ ମୋ ନିକଟରେ କିଛି ସାହାବା ରହନ୍ତୁ । ଆମେ କହିଲୁ ହେ ଅଲ୍ଲାଃଙ୍କ ରସୁଲ୍! କଣ ଆମେ ଆପଣଙ୍କ ସେବାରେ ଅବୁବକର ର:ଅଙ୍କୁ ଡ଼ାକି ଦେବୁ କି ? ଆପଣ ସ:ଆ:ସ ନୀରବ ରହିଲେ । ପୁଣି ଆମେମାନେ କହିଲୁ କଣ ଆମେ ଆପଣଙ୍କ ଗୋଚରେ ଉମର୍ ର:ଅଙ୍କୁ ଡ଼ାକି ଆଣିବୁ କି ? ଏଥିରେ ଆପଣ ନିରବ ରହିଲେ । ପୁଣି ଆମେ କହିଲୁ କଣ ଆମେ ଆପଣଙ୍କ ନିକଟକୁ ଉସ୍‌ମାନଙ୍କୁ ଡ଼ାକି ଆଣିବୁ ? ଏଥିରେ ମହାଭାଗ ସ:ଆ:ସ କହିଲେ ହଁ । ଅତଏବ ସେ ଆସିଲେ ଓ ଆପଣ ସ:ଆ:ସ ତାଙ୍କ ସହିତ ଏକାନ୍ତରେ ସାକ୍ଷାତ କଲେ ଓ ବାର୍ତାଳାପ କଲେ । ସେ ସମୟରେ ଉସ୍‌ମାନ ର:ଅଙ୍କ ଚେହେରାର ରଙ୍ଗ ବଦଳିଗଲା । କୈସ୍ କହୁଛନ୍ତି ମୋତେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଦ୍ୱାରା ସ୍ୱାଧିନ ପ୍ରାପ୍ତ କ୍ରୀତଦାସ ଅବୁ ସହ୍‌ଲା କହିଲେ ଯେ ହଜ୍‌ରତ୍ ଉସ୍‌ମାନ ବିନ୍ ଅଫାନ୍ ର:ଅ ୟୋମେ ଦାର୍ ଅବସରରେ ବର୍ଣ୍ଣନା କଲେ ଯେ, ରସୁଲୁଲ୍ଲାଃ ସ:ଆ:ସ ମତେ ଏକ ତାଗିଦ୍ ଉପଦେଶ ଦେଇଥିଲେ ତେଣୁ ମୁଁ ସେଇ ଆଡ଼କୁ ଯାଉଅଛି । ରାଓ୍ୱି ବର୍ଣ୍ଣନା କରୁଛନ୍ତି ଯେ ହଜ୍‌ରତ୍ ଉସ୍‌ମାନ ର:ଅ କହିଲେ: **ଆନା ସାବିରୁନ୍ ଆଲୈହେ** । ମୁଁ ତାହା ଉପରେ ଦୃଢ଼ତାର ସହିତ କାଏମ୍ ରହିଛି ।

ୟୋମେ ଦାର୍ ସେହି ଦିନକୁ କୁହାଯାଏ ଯେଉଁଦିନ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ମୁନାଫିକ୍ (ଅର୍ଥାତ କପଟୀ)ମାନେ ତାଙ୍କ ଘରେ ତାଙ୍କୁ ଘେରି ରହିଥିଲେ ଓ ପୁଣି ଅତ୍ୟନ୍ତ ନିଷ୍ଠୁର ଭାବେ ଶହୀଦ୍ କରିଦେଲେ । ***(ସୁନନେ ଇବ୍‌ନେ ମାଜାଃ.... ହଦିସ୍ ନଂ-୧୧୩ ମାଆ ହାଶିୟା)***

ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଖିଲାଫତ୍ ସମୟରେ ଯେଉଁ ମତଭେଦ ଆରମ୍ଭ ହୋଇଥିଲା, ତାହାର କାରଣଗୁଡ଼ିକ ସମ୍ବନ୍ଧରେ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ବହୁତ ବିସ୍ତୃତ ଭାବେ ବର୍ଣ୍ଣନା କରିଛନ୍ତି ।

ଆପଣ କହୁଛନ୍ତି: ହଜ୍‌ରତ୍ ଉସ୍‌ମାନ୍ ର:ଅ ଏବଂ ହଜ୍‌ରତ୍ ଅଲୀ ର:ଅ ଏହି ଦୁଇଜଣ ପୂଣ୍ୟବାନ ବ୍ୟକ୍ତି ଇସ୍‌ଲାମ୍‌ର ପ୍ରାଥମିକ ଉତ୍ସର୍ଗୀମାନଙ୍କ ମଧ୍ୟରୁ ଅନ୍ୟତମ । ସେମାନଙ୍କ ସାଥିମାନେ ମଧ୍ୟ ଇସ୍‌ଲାମ୍‌ର ଉତମ ଫଳ ଅଟନ୍ତି । ସେମାନଙ୍କର ସଚ୍ଚୋଟତା ଏବଂ ତାଙ୍କର ଧର୍ମପରାୟଣତା ଉପରେ ଆରୋପ ଲଗାଇବା ହେଉଛି ବାସ୍ତବିକ ଇସ୍‌ଲାମ୍ ଉପରେ ଅଙ୍ଗୁଳି ଉଠାଇବା । ଯେଉଁ ମୁସଲମାନ ମଧ୍ୟ ସହୃଦୟତାର ସହିତ ଏହି ସତ୍ୟତା ଉପରେ ଚିନ୍ତନ କରିବ ତାକୁ ଏ ନିସ୍କର୍ଷରେ ଉପନିତ ହେବାକୁ ପଡ଼ିବ ଯେ ସେହି ଲୋକମାନଙ୍କର ଅସ୍ତିତ୍ୱ ବାସ୍ତବିକ ସବୁ ପ୍ରକାରର ନକରାତ୍ମକ ଆଚରଣରୁ ଉର୍ଦ୍ଧ୍ୱରେ ଥିଲା । ଏ କଥା ଅକାରଣ ନୁହେଁ ବରଂ ଇତିହାସର ପୃଷ୍ଠା ସେମାନଙ୍କ ପାଇଁ ସାକ୍ଷ୍ୟ ସଦୃଶ ରହିଛି ଯେଉଁମାନେ ଆଖି ଖୋଲି ତାହାକୁ ଦେଖୁଛନ୍ତି । ଯେଉଁଠି ମୋ ଗବେଷଣାର କଥା ଉଠୁଛି ଅର୍ଥାତ ସେହି ପୂଣ୍ୟବନ୍ତ ଲୋକମାନଙ୍କର ସମ୍ବନ୍ଧରେ ତଥା ସେମାନଙ୍କ ସାଥିମାନଙ୍କ ସମ୍ବନ୍ଧରେ ଯାହା କିଛି ବର୍ଣ୍ଣନା କରାଯାଉଅଛି ମୋ ଗବେଷଣା ମୁତାବକ ତାହା ହେଉଛି ଇସ୍‌ଲାମ୍‌ର ଶତୃମାନଙ୍କ କାମ । ଯଦିଓ ସାହାବାମାନଙ୍କ ପରେ କିଛି ମୁସଲମାନ ବୋଲାଉଥିବା ଲୋକେ ମଧ୍ୟ ନିଜ ମାନସିକତା ଅନୁସାରେ ସେହି ପୂଣ୍ୟବନ୍ତ ବୟୋଜ୍ୟେଷ୍ଠ ଲୋକମାନଙ୍କ ମଧ୍ୟରୁ ଏକ ବା ଦୁଇଜଣଙ୍କ ଉପରେ ଦୋଷାରୋପ କରିଛନ୍ତି । କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ସତ୍ୟର ସର୍ବଦା ବିଜୟ ହୋଇଥାଏ ଏବଂ ସତ୍ୟ କେବେ ପର୍ଦା ଆଢୁଆଳରେ ଲୁଚି ରହେନାହିଁ ।

***(ଇସ୍‌ଲାମ୍ ମେଁ ଇକ୍‌ତିଲାଫାତ୍ କା ଆଗାଜ୍, ଅନୱାରୁଲ୍ ଉଲୁମ ଖଣ୍ଡ-୪, ପୃ-୨୪୯)***

ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ବିରୁଦ୍ଧରେ ଯେଉଁ ଫିତ୍‌ନା ଅର୍ଥାତ ବିଭ୍ରାଟ ମୁଣ୍ଡ ଟେକି ଥିଲା ସେ ସମ୍ବନ୍ଧରେ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ବର୍ଣ୍ଣନା କରି କହୁଛନ୍ତି ଯେ "ପ୍ରଶ୍ନ ଉଠୁଛି ଯେ ଏହି ଫିତ୍‌ନା କେଉଁଠୁ ସୃଷ୍ଟି ହେଲା ? ଏହାର କାରଣ କିଛି ଲୋକେ ହଜ୍‌ରତ୍ ଉସ୍‌ମାନ ର:ଅ ଥିଲେ ବୋଲି ଦର୍ଶାଇଛନ୍ତି ଏବଂ କିଛି ଲୋକେ ହଜ୍‌ରତ୍ ଅଲୀ ର:ଅଙ୍କୁ ଦାୟି କରିଛନ୍ତି । କିଛି ଲୋକେ ଏହା କହୁଛନ୍ତି ଯେ ହଜ୍‌ରତ୍ ଉସ୍‌ମାନ୍ ର:ଅ କେତେକ ବିଦ୍‌ଅତ୍ ଅର୍ଥାତ ଅଣଇସ୍‌ଲାମୀୟ ପ୍ରଥା ଆରମ୍ଭ କରିଦେଇଥିଲେ ଫଳତଃ ମୁସଲମାନମାନଙ୍କ ମଧ୍ୟରେ ଆକ୍ରୋଶ ସୃଷ୍ଟି ହେଲା । ଆଉ କେତେକ କହୁଛନ୍ତି ଯେ ହଜ୍‌ରତ୍ ଅଲୀ ର:ଅ ଖିଲାଫତ୍ ପାଇବା ପାଇଁ ଗୁପ୍ତ ଚେଷ୍ଟା ଆରମ୍ଭ କରିଦେଇଥିଲେ ଓ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ବିରୋଧରେ ଚକ୍ରାନ୍ତ କରି ତାଙ୍କୁ ହତ୍ୟା କରିଦେଲେ ଯଦ୍ୱାରା ସେ ନିଜେ ଖଲିଫା ହୋଇପାରିବେ ।" ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ କହୁଛନ୍ତି "କିନ୍ତୁ ଏହି ଦୁଇଟି କଥା ବିଲ୍‌କୁଲ୍ ଭୁଲ୍ । ନା ହଜ୍‌ରତ୍ ଉସ୍‌ମାନ୍ ର:ଅ କୌଣସି ବିଦ୍‌ଅତ୍ (ଅଣଇସ୍‌ଲାମୀୟ ପ୍ରଥା) ଜାରି କରିଥିଲେ ଓ ନା ହଜ୍‌ରତ ଅଲୀ ର:ଅ ନିଜେ ଖଲିଫା ହେବା ପାଇଁ ତାଙ୍କୁ ହତ୍ୟା କରାଇଥିଲେ । ନା ତାଙ୍କ ହତ୍ୟାର ଯୋଜନାରେ ସାମିଲ ଥିଲେ । ବରଂ ଏହି ଫିତ୍‌ନାର ଅନ୍ୟ କାରଣମାନ ରହିଛି । ହଜ୍‌ରତ ଅଲୀ ର:ଅ ଓ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ କାନି ଏହି ପ୍ରକାରର ଆପତି ଅଭିଯୋଗରୁ ସମ୍ପୁର୍ଣ୍ଣ ରୂପେ ପବିତ୍ର । ସେମାନେ ଅତ୍ୟନ୍ତ ପବିତ୍ର ଲୋକେ ଥିଲେ । ହଜ୍‌ରତ୍ ଉସ୍‌ମାନ୍ ର:ଅ ତ ଏପରି ଲୋକ ଥିଲେ ଯାହାଙ୍କ ସମ୍ବନ୍ଧରେ

ରସୁଲେ୍ କରିମ୍ ସ:ଆ:ସ କହିଛନ୍ତି ଯେ ସେ (ଅର୍ଥାତ ଉସ୍‌ମାନ୍ ର:ଅ) ଇସ୍‌ଲାମ୍‌ର ଏତେ ସେବା କରିଛନ୍ତି ଯେ ସେ ଏବେ ଯାହା ଇଚ୍ଛା ତାହା କରନ୍ତୁ ଅଲ୍ଲାଃ ତାଙ୍କର ହିସାବ ନେବେ ନାହିଁ ।" ଏହା ତିର୍‌ମିଜିର ରିୱାୟତ୍ । ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ କହୁଛନ୍ତି "ଏହାର ଅର୍ଥ ଏହା ନୁହେଁ କି ସେ ଯଦି ଇସ୍‌ଲାମ୍‌ରୁ ଅଲଗା ହୋଇଯିବେ ତା ହେଲେ ମଧ୍ୟ ତାଙ୍କର ହିସାବ ହେବନାହିଁ ବରଂ ଏହାର ଅର୍ଥ ହେଉଛି ଏହା କି ତାଙ୍କଠାରେ ଏତେମାତ୍ରାରେ ସୁଗୁଣ ଭରି ରହିଛି ଯେ ସେ ପୂର୍ଣ୍ୟକର୍ମର ଏତେ ମାତ୍ରାରେ ବଢ଼ିଯାଇଛନ୍ତି କି ଏହା ଏବେ ସମ୍ଭବ ନୁହେଁ ଯେ ତାଙ୍କର କୌଣସି କର୍ମ ଏବେ ଅଲ୍ଲାଃଙ୍କ ନିର୍ଦ୍ଦେଶ ବିରୁଦ୍ଧ ହେବ । ଅତଏବ ହଜ୍‌ରତ୍ ଉସ୍‌ମାନ୍ ର:ଅ ଏପରି ବ୍ୟକ୍ତି ନଥିଲେ ଯେ ସେ କୌଣସି ପ୍ରକାରର ଶରିୟତି ବିରୋଧି ପ୍ରଥା ପ୍ରଚଳନ କରିବେ ଏବଂ ନା ହଜ୍‌ରତ୍ ଅଲୀ ର:ଅ ଏପରି ବ୍ୟକ୍ତି ଥିଲେ ଯିଏ ଖିଲାଫତ୍ ପାଇବା ପାଇଁ ଗୁପ୍ତ ଯୋଜନା କରିଥାନ୍ତେ ।" ***(ଇସ୍‌ଲାମ୍ ମେଁ ଏଖ୍‌ତିଲାଫାତ୍ କା ଆଗଜ୍, ଅନୱାରୁଲ୍ ଉଲୁମ୍ ଖଣ୍ଡ-୪, ପୃ-୨୫୩-୨୫୪)***

ପୁଣି ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ "ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଖିଲାଫତ୍‌ର ପ୍ରାରମ୍ଭିକ ଛଅ ବର୍ଷ ମଧ୍ୟରେ ଆମକୁ କୌଣସି ବିଭ୍ରାଟ ଦେଖାଯାଉନାହିଁ ବରଂ ଏହା ଜଣାପଡୁଛି ଯେ ଲୋକମାନେ ସାଧାରଣତଃ ତାଙ୍କ ଶାସନରେ ଖୁସି ଥିଲେ ବରଂ ଇତିହାସରୁ ଜଣାପଡୁଛି ଯେ ସେହି ସମୟ କାଳରେ ସେ ହଜ୍‌ରତ୍ ଉମର୍ ର:ଅଙ୍କଠାରୁ ମଧ୍ୟ ଲୋକମାନଙ୍କ ନିକଟରେ ଅଧିକା ଲୋକପ୍ରୀୟ ଥିଲେ । କେବଳ ଲୋକ ପ୍ରିୟ ନଥିଲେ ବରଂ ଲୋକମାନଙ୍କ ହୃଦୟରେ ତାଙ୍କର ପ୍ରଭାବ ମଧ୍ୟ ଥିଲା । ସେ ସମୟର କବି ତାଙ୍କ ନିଜ କବିତାରେ ଏ ବିଷୟ ସାକ୍ଷ୍ୟ ଦେଇ କହିଛନ୍ତି ଯେ ହେ ଉପଦ୍ରବୀ ଖଳ ପ୍ରକୃତିର ଲୋକମାନେ ! ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ପ୍ରଶାସନରେ ଲୋକମାନଙ୍କ ଧନସମ୍ପତି ଲୁଟି ଖାଅନାହିଁ । କାରଣ ଇବ୍‌ନେ ଅଫାନ୍ ହେଉଛନ୍ତି ଏପରି ବ୍ୟକ୍ତି ଯାହାଙ୍କ ଅନୁଭବ ତୁମେ କରିସାରିଛ । ସେ ଲୁଟେରାମାନଙ୍କୁ ପବିତ୍ର କୁର୍‌ଆନ୍‌ର ଶିକ୍ଷା ଅନ୍ତର୍ଗତ ମୃତ୍ୟୁଦଣ୍ଡ ଦେଇଥାଏ ଏବଂ ସର୍ବଦା ପବିତ୍ର କୁର୍‌ଆନ୍‌ର ନିର୍ଦ୍ଦେଶାବଳୀଗୁଡ଼ିକର ସୁରକ୍ଷା କରିଥାଏ ଏବଂ ଲୋକମାନଙ୍କ ଅଙ୍ଗ ପ୍ରତ୍ୟେଙ୍ଗ ଓ ଗଣ୍ଠି ଉପରେ ତାହାଙ୍କ ନିର୍ଦ୍ଦେଶକୁ ଜାରି କରିଥାଏ । କିନ୍ତୁ ଛଅ ବର୍ଷ ପରେ ସପ୍ତମ ବର୍ଷ ଆମକୁ ଏକ ଆହ୍ୱାନ ଦେଖିବାକୁ ମିଳିଥାଏ । ସେହି ଆହ୍ୱାନ୍ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ବିରୋଧରେ ନୁହେଁ ବରଂ ତାହା ସାହାବାମାନଙ୍କ ବିରୋଧରେ ଅବା କିଛି ଗଭର୍ଣ୍ଣରମାନଙ୍କ ବିରୁଦ୍ଧରେ ଥିଲା । ଅତଏବ୍ ତିବ୍‌ରି ବର୍ଣ୍ଣନା କରୁଛି ଯେ ଲୋକମାନଙ୍କ ଅଧବକାରୁ ହଜ୍‌ରତ୍ ଉସ୍‌ମାନ୍ ର:ଅ ପୂରାପୁରା ଧ୍ୟାନ ରଖୁଥିଲେ କିନ୍ତୁ ଯେଉଁ ଲୋକମାନଙ୍କୁ ଇସ୍‌ଲାମ୍‌ରେ କୌଣସି ବିଶେଷ ସ୍ଥାନ ମିଳିନଥିଲା, ସେମାନେ ପୂର୍ବ ଓ ପୁରୁଣା ମୁସଲମାନମାନଙ୍କ ପରି ନା ତ ସଭାରେ ସମ୍ମାନ ପାଉଥବଲେ ଏବଂ ନା ପ୍ରଶାସନରେ ତାଙ୍କୁ ସେମାନଙ୍କ ସମଭାଗ/ଅଂଶ ମିଳୁଥିଲା ଓ ନା ଧନସମ୍ପତିରେ ତାଙ୍କ ସମ ତାଙ୍କର ହକ୍ ଥିଲା । କିଛି ସମୟ ପରେ କେତେକ ଲୋକେ ଏହି ପ୍ରାଧାନ୍ୟତାକୁ ବଖାଣିବାକୁ ଲାଗିଲେ ଓ ତାହାକୁ ଜୁଲମ୍ ବୋଲି ଅଭିହିତ କରିବାକୁ ଲାଗିଲେ । କିନ୍ତୁ ଏମାନେ ସାଧାରଣ ମୁସଲମାନମାନଙ୍କୁ ଭୟ ମଧ୍ୟ କରୁଥିଲେ । ସେମାନେ ଏ ଭୟ କରୁଥିଲେ ଯେ କାଳେ ଲୋକମାନେ ସେମାନଙ୍କର ବିରୋଧ କରିବେ ତେଣୁ ନିଜର ଭାବନାକୁ ପ୍ରକାଶ କରୁନଥିଲେ ବରଂ ସେମାନେ ଏ ଉପାୟ ଅବଲମ୍ବନ କରିଥିଲେ ଯେ ଗୁପ୍ତ ଭାବରେ ସାହାବାମାନଙ୍କ ବିରୋଧରେ ଲୋକମାନଙ୍କ ମଧ୍ୟରେ ଅନ୍ଦୋଳନ ସୃଷ୍ଟି କରୁଥବଲେ । ଯେତେବେଳେ କୌଣସି ଅଜ୍ଞାନ ମୁସଲମାନ ବା କୌଣସି ଦେହାତି ସ୍ୱାଧିନ ଗୁଲାମ୍ (କ୍ରିତଦାସ) ମିଳୁଥିଲା, ସେତେବେଳେ ତାଙ୍କ ସମ୍ମୁଖରେ ନିଜର ଆପତି ଅଭିଯୋଗକୁ ବଖାଣୁଥିଲେ । ଫଳତ ନିଜର ଅଜ୍ଞାନତା ଯୋଗୁଁ ବା ନିଜର ସ୍ୱାର୍ଥ ପୂରଣ ପାଇଁ କିଛି ଲୋକ ସେମାନଙ୍କ ସହିତ ମିଶି ଯାଉଥିଲେ । ଏହିପରି ଅଳ୍ପ ଅଳ୍ପ ହୋଇ ଏହି ଗୋଷ୍ଠିଙ୍କ ସଂଖ୍ୟା ବଢ଼ିବାକୁ ଲାଗିଲା ଓ ଏକ ବଡ଼ ଦଳରେ ପରିଣତ ହୋଇଗଲା । ଯେବେ କୌଣସି ଫିତ୍‌ନା (ବିଭ୍ରାଟ) ସୃଷ୍ଟି ହେବାକୁ ଲାଗେ ସେତେବେଳେ ତାହାର ସାଧନଗୁଡ଼ିକ ମଧ୍ୟ ଅସାଧାରଣ ରୂପେ ଏକାଠି ହେବାକୁ ଲାଗେ । ଏପଟେ କେତେକ ଇର୍ଷାପରାୟଣ ବ୍ୟକ୍ତିଙ୍କ ମଧ୍ୟରେ ସାହାବାମାନଙ୍କ ବିରୋଧରେ ଆନ୍ଦୋଳନ ସୃଷ୍ଟି ହେବା ଆରମ୍ଭ ହେଲା ସେପଟେ ସେହି ଇସ୍‌ଲାମୀୟ ଉତ୍ସାହ ଯାହା ପ୍ରତ୍ୟେକ ଧର୍ମ ପରିବର୍ତନ କରିଥିବା ଲୋକମାନଙ୍କ ହୃଦୟରେ ରହିଥାଏ ତାହା ସେହି ନୂଆ ମୁସଲମାନମାନଙ୍କ ହୃଦୟରୁ ଉଣା ହେବାକୁ ଲାଗିଲା । କାରଣ ନା ତ ସେମାନଙ୍କୁ ରସୁଲେ୍ କରିମ୍ ସ:ଆ:ସଙ୍କ ସଙ୍ଗତ ମିଳିଥିଲା ଓ ନା ତାଙ୍କ ସଙ୍ଗତରେ ରହିଥିବା ଲୋକମାନଙ୍କ ନିକଟରେ ରହିବାର ମୌକା ମିଳିଥିଲା ବରଂ ଇସ୍‌ଲାମ୍ ଗ୍ରହଣ କରିବାମାତ୍ରେ ସେମାନେ ଏକଥା ଭାବି ନେଇଥିଲେ ଯେ ସେମାନେ ସବୁକିଛି ଶିଖି ନେଇଛନ୍ତି । ଇସ୍‌ଲାମ୍‌ର ଉତ୍ସାହ କମ୍ ହେବାରେ ସେମାନଙ୍କ ହୃଦୟରୁ ଇସ୍‌ଲାମ୍‌ର ପ୍ରଭାବ କମ୍ ହୋଇଗଲା । ଫଳତଃ ସେମାନେ ସେହି ପାପରେ ଲିପ୍ତ ହୋଇଗଲେ ସେଥିରେ ଖୁସି ଅନୁଭବ କରିବାକୁ ଲାଗିଗଲେ ଯେଉଁଥିରେ ସେମାନେ ଇସ୍‌ଲାମ୍ ଗ୍ରହଣ କରିବା ପୂର୍ବରୁ ଲିପ୍ତ ଥିଲେ । ଯେତେବେଳେ ସେମାନଙ୍କ ଅପରାଧର ଦଣ୍ଡ ସେମାନଙ୍କୁ ମିଳିଲା ସେତେବେଳେ ସୁଧୁରିବା ପରିବର୍ତେ ଦଣ୍ଡ ଦେଇଥିବା ଲୋକମାନଙ୍କ ଅନିଷ୍ଟ କରିବାକୁ ଲାଗିଲେ । ପରିଶେଷରେ ଇସ୍‌ଲାମ୍‌ର ଏକତା ମଧ୍ୟରେ ଏକ ବଡ଼ ଫାଟ ସୃଷ୍ଟି ହେବାର କାରଣ ସାଜିଲେ । ସେହି ଲୋକମାନଙ୍କ ମର୍କଜ (ପେଣ୍ଠସ୍ଥଳୀ) କୁଫାଠାରେ ଥିଲା କିନ୍ତୁ ସବୁଠାରୁ ବଡ଼ ଆଶ୍ଚର୍ଯ୍ୟର କଥା ହେଉଛି ଏହା କି ସ୍ୱୟଂ ମଦିନା ମନୱରାରେ ଏପରି ଏକ ଘଟଣା ଘଟିଲା । ଯେଉଁଥିରୁ ଜଣାପଡୁଛି ଯେ ସେତେବେଳେ କିଛି ଲୋକେ ଇସ୍‌ଲାମ୍ ବିଷୟରେ ଏତେ ଅଜ୍ଞ ଥିଲେ ଯେମିତି ଆଜିକାଲିର କିଛି ଅନ୍ଧକାରରେ ଥିବା ମୂର୍ଖ ଲୋକ ଅଛନ୍ତି ।

ଖୁମ୍‌ରାନେ ଇବ୍‌ନେ ଅବାନ୍ ନାମକ ଜଣେ ଏପରି ବ୍ୟକ୍ତି ଥିଲା ଯିଏ ଜଣ ମହିଳାଙ୍କୁ ତାଙ୍କ ଇଦତ୍ (ସ୍ୱାମୀଙ୍କ ମୃତ୍ୟୁ ପରେ ଧାର୍ଯ୍ୟ ସମୟ/ଦିନ ଅତିବାହିତ କରିବା) ସମୟରେ ହିଁ ବିବାହ କରିନେଇଥିଲା । ଯବେ ହଜ୍‌ରତ୍ ଉସ୍‌ମାନ୍ ର:ଅ ଏ ବିଷୟରେ ଜାଣିଲେ ସେତେବେଳେ ଆପଣ ର:ଅ ତା ଉପରେ ନାରାଜ୍ ହୋଇ ସେହି ମହିଳାକୁ ତା'ଠାରୁ ଅଲଗା କରି ଦେଲେ । ଏତଦ୍‌ବ୍ୟତିତ ତାକୁ ମଦିନାରୁ ବିତାଡ଼ଇତ କରି ବସ୍‌ରାଃ ପଠାଇଦେଲେ । ଏହି ଘଟଣାରୁ ଜଣାପଡୁଛି ଯେ କିପରି କିଛି ଲୋକେ କେବଳ ଇସ୍‌ଲାମ୍‌କୁ ଗ୍ରହଣ କରି ନିଜକୁ ଜ୍ଞାନୀ ବୋଲି ମଣିବାକୁ ଲାଗିଥିଲେ । ଅଧିକା କିଛି ଜାଣିବାକୁ ବା ଗବେଷଣା କରିବାକୁ ଆବଶ୍ୟକ ମଣୁନଥିଲେ ବା ବିଭିନ୍ନ କୁଧାରଣା ଯୋଗୁଁ ଶରିୟତ୍ ଉପରେ ପରିଚାଳିତ ହେବାକୁ ବ୍ୟର୍ଥ ମଣୁଥିଲେ ।" ***(ଇସ୍‌ଲାମ୍ ମେଁ ଏଖତିଲାଫାତ୍ କା ଆଗାଜ୍, ଅନୱାରୁଲ୍ ଉଲୁମ୍ ଖଣ୍ଡ-୪, ପୃ-୨୬୨-୨୬୩)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କହୁଛନ୍ତି ଯେ "ସତ୍ୟ ହେଉଛି ଏହା କି ଏହି ସବୁ ଉତେଜନା ଏକ ଗୁପ୍ତ ଯୋଜନାର ଫଳାଫଳ ଥିଲା ଯାହାର ଅସଲ କର୍ତାଧର୍ତା ଇହୁଦୀ ଥିଲେ । ସେମାନଙ୍କ ସହିତ କେତେକ ବସ୍ତୁବାଦୀ ମୁସଲମାନ ଯେଉଁମାନେ ଧର୍ମରୁ ବାହାରି ସାରିଥିଲେ, ସାମିଲ ହୋଇଯାଇଥିଲେ । ଅନ୍ୟଥା ନା ତା ସହରୀ ଅମୀରମାନଙ୍କର କୌଣସି ଭୁଲ ଥିଲା ନା ସେମାନେ ଏହି ବିଭ୍ରାଟର କାରଣ ଥିଲେ । ସେମାନଙ୍କର ଭୂଲ କେବଳ ଏତିକି ଥିଲା ଯେ ସେମାନଙ୍କୁ ହଜ୍‌ରତ୍ ଉସ୍‌ମାନ୍ ର:ଅ ସେହି କାର୍ଯ୍ୟରେ ନିୟୋଜିତ କରିଥିଲେ । ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଏ ଭୁଲ ଥିଲା ଯେ ବୁଢ଼ା ହେବା ସତ୍ୱେ ଓ ଦୃବଳ ସ୍ୱାସ୍ଥ୍ୟ ଥିବା ସତ୍ୱେ ମଧ୍ୟ ଇସ୍‌ଲାମ୍‌ର ଏକତାର ରଜ୍ଜୁକୁ ନିଜ ହାତରେ ଧରି ରଖିଥିଲେ ଓ ଇସ୍‌ଲାମ୍‌ର ବୋଝକୁ ନିଜ କାନ୍ଧରେ ଉଠାଇ ରଖିଥିଲେ । ଶରିୟତ୍‌ର ସ୍ଥାପନର ଚିନ୍ତା ଥିଲା ଏବଂ ଧର୍ମଛଡ଼ା ଓ ଅତ୍ୟାଚାରୀମାନଙ୍କୁ ମନଇଚ୍ଛା ଦୃବଳ ଓ ଅନାଥ ମାନଙ୍କ ଉପରେ ଅତ୍ୟାଚାର କରିବାକୁ ଦେଉନଥିଲେ । ସୁତରାଂ ଏକଥାର ତସ୍‌ଦିକ୍ ଏହି ଘଟଣାରୁ ହୋଇଯାଏ ଯେ କୁଫାଠାରେ ଏହି ବିଭ୍ରାଟକାରୀମାନଙ୍କର ଏକ ସଭା ହେଲା । ସେଥିରେ ମୁସଲମାନ ଅମୀରମାନଙ୍କ ବିରୁଦ୍ଧରେ ବାର୍ତାଳାପ ହେଲା । ସମସ୍ତେ ଏକସ୍ୱରରେ ଏ କଥା କହିଲେ ଯେ **ଲା ୱ୍‌ଲ୍ଲାହି ଲା ୟର୍‌ଫଉ ରାସୁନ୍ ମା ଦାମା ଉସ୍‌ମାନୁ ଅଲନ୍ ନାସି ।** ଅର୍ଥାତ କୌଣସି ଲୋକ ସେ ପର୍ଯ୍ୟନ୍ତ ମୁଣ୍ଡ ଉଠାଇ ପାରିବନାହିଁ ଯେ ପର୍ଯ୍ୟନ୍ତ ଉସ୍‌ମାନ୍‌ଙ୍କ ଶାସନ ଚାଲିଛି । ହଜ୍‌ରତ୍ ଉସ୍‌ମାନ୍ ର:ଅ ହିଁ ଏପରି ଏକ ଅସ୍ତିତ୍ୱ ଥିଲେ ଯିଏ ଦୁଷ୍ଟ ଲୋକମାନଙ୍କ ଦୁଷ୍ଟତାରୁ ସୁରକ୍ଷିତ ରଖିଥିଲେ । ତାହାଙ୍କୁ ମଝିରୁ ଉଠାଇଦେବା ମନଇଚ୍ଛାରେ ନିଜର ମନୋବାଞ୍ଛାକୁ ପୂରଣ କରିବାପାଇଁ ଜରୁରି ଥିଲା ।" ***(ଇସ୍‌ଲାମ୍ ମେଁ ଏଖତିଲାଫାତ୍ କା ଆଗାଜ୍, ଅନୱାରୁଲ୍ ଉଲୁମ୍ ଖଣ୍ଡ-୪, ପୃ-୨୮୨-୨୮୩)***

ଏହି ଫିତ୍‌ନାର ଚର୍ଚ୍ଚା କରି ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ପୁଣି କହୁଛନ୍ତି ଯେ ଆପଣ ର:ଅ (ଅର୍ଥାତ ହଜ୍‌ରତ୍ ଉସ୍‌ମାନ୍ ର:ଅ) ସେହି ବିଭ୍ରାଟକାରୀମାନଙ୍କୁ ଡ଼କାଇ ପଠାଇଲେ ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ସାହାବାମାନଙ୍କୁ ମଧ୍ୟ ଏକାଠି କଲେ । ଯେତେବେଳେ ସବୁ ଲୋକେ ଯମା ହୋଇଗଲେ ସେତେବେଳେ ଆପଣ ର:ଅ ସେହି ଲୋକମାନଙ୍କର ସମସ୍ତ ଘଟଣାବଳୀ ଶୁଣାଇଲେ ଏବଂ ସେହି ଦୁଇଜଣ ସୁଚନାଦାତା ମଧ୍ୟ ସାକ୍ଷ୍ୟ ଦେବା ପାଇଁ ଛିଡ଼ା ହୋଇଗଲେ ଓ ସାକ୍ଷ୍ୟ ଦେଲେ । ଅର୍ଥାତ ଯେଉଁ ସୁଚନାଦାତାମାନେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ଏ ଖବର ଦେଇଥିଲେ ଯେ ସେହି ବିଭ୍ରାଟକାରୀମାନେ ବିଭ୍ରାଟ ସୃଷ୍ଟି କରିବାପାଇଁ ଚେଷ୍ଟା କରୁଥିଲେ । ଏଥିରେ ସବୁ ସାହାବାମାନେ ଫତ୍‌ୱା (ରାୟ) ଦେଲେ ଯେ ସେମାନଙ୍କୁ ହତ୍ୟା କରିଦିଆଯାଉ । ଅର୍ଥାତ ଯେଉଁ ବିଭ୍ରାଟକାରୀମାନେ ଅଛନ୍ତି, ଯେଉଁମାନେ ସଂସ୍କାର କରିବା ଆଳରେ ବିଭ୍ରାଟ କରୁଛନ୍ତି, ସେମାନଙ୍କୁ ହତ୍ୟା କରିଦିଅନ୍ତୁ । କାରଣ ରସୁଲେ୍ କରିମ୍ ସ:ଆ:ସ କହିଛନ୍ତି ଯେ ଯେଉଁ ବ୍ୟକ୍ତି ଜଣେ ଇମାମ୍‌ଙ୍କ ଉପସ୍ଥିତିରେ ନିଜର ଆଜ୍ଞାପାଳନ କରିବାପାଇଁ ବା ଅନ୍ୟ କାହାର ଆଜ୍ଞାପାଳନ କରିବାପାଇଁ ଲୋକମାନଙ୍କୁ ଡ଼ାକିଥାଏ ତା ଉପରେ ଖୁଦାଙ୍କ ଅଭିଶାପ ଅବତୀର୍ଣ୍ଣ ହେଉ । ତୁମେ ଏପରି ଲୋକଙ୍କୁ ହତ୍ୟା କରିଦିଅ ସେ ଯେ କେହି ବି ହୋଇତାଉ ନା କାହିଁକି । ଏହା ମୁସ୍‌ଲିମ୍‌ର ରିୱାୟତ୍ ଅଟେ । ପୁଣି ହଜ୍‌ରତ୍ ଉମର୍ ର:ଅଙ୍କର ଏହି କଥା ମନେ ପକାଇଦେଲେ ଯେ ମୁଁ ତୁମ ପାଇଁ ଏପରି କୌଣସି ବ୍ୟକ୍ତିକୁ ହତ୍ୟା କରିବାକୁ ଉଚିତ ମଣୁନାହିଁ ଯେଉଁଥିରେ ମୁଁ ସାମିଲ ନାହିଁ । ଅର୍ଥାତ ଶାସକଙ୍କ ସଙ୍କେତ ବିନା କୌଣସି ବ୍ୟକ୍ତିକୁ ହତ୍ୟା କରିବା ଉଚିତ ନୁହେଁ । ହଜ୍‌ରତ୍ ଉସ୍‌ମାନ୍ ର:ଅ ସାହାବାମାନଙ୍କର ଏହି ଫତ୍‌ୱାକୁ ଶୁଣି କହିଲେ ନା ଆମେ ଏମାନଙ୍କୁ କ୍ଷମା ଦେବୁ ଓ ଏମାନଙ୍କ କଥାକୁ ଗ୍ରହଣ କରିବୁ ଏବଂ ନିଜର ସମସ୍ତ ପ୍ରଚେଷ୍ଟା ଦ୍ୱାରା ଏମାନଙ୍କୁ ବୁଝାଇ ଦେବୁ । କାହାର ବିରୋଧ କରିବୁ ନାହିଁ ଯେ ପର୍ଯ୍ୟନ୍ତ ଏମାନେ ଶରିୟତ୍ ର ସୀମାକୁ ଟପି ନଯାଇଛନ୍ତି ବା ଅମାନ୍ୟକାରୀ ହେବାର ସ୍ୱୀକାର ନ କରିଛନ୍ତି । ପୁଣି କହିଲେ ଯେ ସେମାନେ କିଛି କଥା କହିଛନ୍ତି ଯାହା ତୁମକୁ ମଧ୍ୟ ଜଣାଅଛି କିନ୍ତୁ ସେମାନଙ୍କର ମତ ଯେ ସେମାନେ ସେହି କଥା ସମ୍ବନ୍ଧରେ ମୋ ସହିତ ତର୍କ କରିବେ ଯଦ୍ୱାରା ଲେଉଟି ଯାଇ କହିପାରିବେ ଯେ ଆମେ ସେହି କଥା ସମ୍ବନ୍ଧରେ ଉସ୍‌ମାନ୍ ସହିତ ତର୍କ କଲୁ ଓ ସେ ହାରିଗଲେ । ଏମାନେ ହଜ୍‌ରତ୍ ଉସ୍‌ମାନ୍ ର:ଅଭ୍‌କ ସମ୍ବନ୍ଦରେ କହୁଛନ୍ତି ଯେ ହଜ୍‌ରତ୍ ଉସ୍‌ମାନ୍ ର:ଅ ସଫର ଅର୍ଥାତ ଯାତ୍ରା କରିବା ବେଳେ ନମାଜ ପୁରା ପୁରା ପଢ଼ିଛନ୍ତି । ଗୋଟିଏ ଯାତ୍ରା ସମୟରେ ମୁଁ ମକ୍କାଠାରେ ସମ୍ପୁର୍ଣ୍ଣ ନମାଜ ପାଠ କରିଛି ଯେବେ କି ରସୁଲେ୍ କରିମ୍ ସ:ଆ:ସ ସଫର୍ ବେଳେ ନମାଜ କସର କରୁଥିଲେ ଅର୍ଥାତ ଶରିୟତ ଅନୁସାରେ କମ୍ ପଢୁଥିଲେ । ହଜ୍‌ରତ୍ ଉସ୍‌ମାନ୍ ର:ଅ କହୁଛନ୍ତି ମୁଁ କେବଳ ମିନାଠାରେ ପୂରା ନମାଜ ପାଠ କରିଛି । ତାହା ମଧ୍ୟ ଦୁଇଟି କାରଣ ଯୋଗୁଁ । ପ୍ରଥମ କାରଣ ହେଉଛି ଏହା କି ସେଠାରେ ମୋର ସମ୍ପତି ଥିଲା ଓ ମୁଁ ସେଠାରେ ବିବାହ ମଧ୍ୟ କରିଥିଲି । ଦ୍ୱିତୀୟ କାରଣ ହେଉଛି ଏହା କି ମୁଁ ଜାଣିଥିଲି ଯେ ଚାରିଆଡୁ ଲୋକମାନେ ହଜ୍ କରିବା ପାଇଁ ଏଠାକୁ ଆସିଛନ୍ତି, ସେମାନଙ୍କ ମଧ୍ୟରୁ ଅଜ୍ଞାନମାନେ ଏକଥା କହିବାକୁ ଲାଗିଲେ ଯେ ଖଲିଫା ତ' ଦୁଇ ରେକାତ ନମାଜ ପଢୁଛନ୍ତି, ତାହେଲେ ନମାଜ ବୋଧେ ଦୁଇ ରେକାତ ପଢ଼ାହେବ । ଏହା କହି ହଜ୍‌ରତ୍ ଉସ୍‌ମାନ୍ ର:ଅ ସାହାବାମାନଙ୍କୁ ପଚାରିଲେ କଣ

ଏକଥା ଠିକ୍ ନୁହେଁ? ସାହାବାମାନେ ଉତର ଦେଲେ ଯେ ହଁ ଠିକ୍ କଥା । ପୁଣି ହଜ୍‌ରତ୍ ଉସ୍‌ମାନ୍ ର:ଅ କହିଲେ: ସେମାନେ ଦ୍ୱିତୀୟ ଆରୋପ ଏହା ଲଗାଇଛନ୍ତି ଯେ ମୁଁ "ରଖ" ଧାର୍ଯ୍ୟ କରିବାର ବିଦଅତ୍ (କୁପ୍ରଥା) ଜାରି କରିଛି, ଯେବେ କି ଏହି ଆରୋପ ସମ୍ପୂର୍ଣ୍ଣ ଭୂଲ ଅଟେ । "ରଖ୍" ମୋ ପୂର୍ବରୁ ଧାର୍ଯ୍ୟ କରାଯାଇଥିଲା । ହଜ୍‌ରତ୍ ଉମର୍ ର:ଅ ଏହାର ଆରମ୍ଭ କରିଥିଲେ । ମୁଁ କେବଳ ସଦ୍‌କାରେ ଦିଆଯାଇଥିବା ଓଟକୁ ସେଥିରେ ସାମିଲ କରିଛି । ସରକାରୀ ଚାରଣ ଭୂମିରେ ଯେଉଁ ପଶୁମାନଙ୍କୁ ରଖାଯାଇଥାଏ ସେଥିରେ ସଦ୍‌କା ନିମନ୍ତେ ଓଟଗୁଡ଼ିକୁ ରଖିବା ପାଇଁ ବଢ଼ାଇ ଦେଇଥିଲି । ପୁଣି "ରଖ୍"ରେ ଯେଉଁ ଜାଗା ଲଗାଯାଏ ତାହା କାହାର ସମ୍ପତି ନୁହେଁ । ତାହା ସରକାରୀ ଜାଗା ଥିଲା ମୋର ସେଥିରେ କିଛି ଲାଭ ନାହିଁ । ମୋର ତ ସେଥିରେ ଦୁଇଟି ଓଟ ଅଛନ୍ତି । ଯେବେ କି ମୁଁ ଯେତେବେଳେ ଖଲିଫା ହେଲି ଅର୍ଥାତ ହଜ୍‌ରତ୍ ଉସ୍‌ମାନ୍ ର:ଅ କହୁଛନ୍ତି ମୁଁ ଯେତେବେଳେ ଖଲିଫା ହେଲି ସେତେବେଳେ ମୁଁ ସାରା ଆରବରେ ସମସ୍ତଙ୍କଠାରୁ ଧନୀ ଥିଲି, ଏବେ କେବଳ ଦୁଇଟି ଓଟ ଅଛନ୍ତି ଯାହା ହଜ୍‌ର କରିବାପାଇଁ ରଖାଯାଇଛନ୍ତି । କଣ ଏପରି କରିବା ଠିକ୍ ନୁହେଁ? ସାହାବାମାନେ କହିଲେ ହଁ ଠିକ୍ କଥା । ପୁଣି ହଜ୍‌ରତ୍ ଉସ୍‌ମାନ୍ ର:ଅ କହିଲେ:- ଏମାନେ ଲୋକମାନଙ୍କ ସମ୍ମୁଖରେ ଦୋଷ ଦୁବଳତା ତ ବର୍ଣ୍ଣନା କରୁଛନ୍ତି କିନ୍ତୁ ଅସଲ ଘଟଣାକୁ ବର୍ଣ୍ଣନା କରୁନାହାନ୍ତି । ଅତଏବ୍ ଏହିପରି ହଜ୍‌ରତ୍ ଉସ୍‌ମାନ୍ ର:ଅ ସମସ୍ତ ଆରୋପ ଅଭିଯୋଗର ଗୋଟିଏ ଗୋଟିଏ କରି ବର୍ଣ୍ଣନା କଲେ ଓ ସେମାନଙ୍କର ବିଭ୍ରାଟକାରୀମାନଙ୍କୁ ହତ୍ୟା କରି ଦିଆଯାଉ କିନ୍ତୁ ହଜ୍‌ରତ୍ ଉସ୍‌ମାନ୍ ର:ଅ ସେମାନେଙ୍କର ଅର୍ଥାତ ସାହାବାମାନଙ୍କର କଥାକୁ ମାନିଲେ ନାହିଁ ଓ ସେହି ଅପରାଧିମାନଙ୍କୁ ଛାଡ଼ିଦେଲେ । ତିବ୍‌ରି କହୁଛି ଯେ **ଅଦଲ୍ ମୁସ୍‌ଲିମୁନା ଇଲ୍ଲା କତ୍‌ଲହୁମ୍ ଓ୍ୱ ଅବା ଇଲ୍ଲା ତର୍‌କହୁମ୍** ଅର୍ଥାତ ବାକି ସବୁ ମୁସଲମାନମାନେ ସେମାନଙ୍କୁ ହତ୍ୟା କରିବା ଛଡ଼ା ଅନ୍ୟ କୌଣସି କଥାରେ ରାଜି ହେଉନଥିଲେ କିନ୍ତୁ ହଜ୍‌ରତ୍ ଉସ୍‌ମାନ୍ ର:ଅ ଦଣ୍ଡ ଦେବାକୁ କୌଣସି ମତେ ରାଜି ନଥିଲେ ।

ଏହି ଘଟଣାରୁ ଜଣାପଡୁଛି ଯେ ବିଭ୍ରାଟକାରୀମାନେ କି କି ପ୍ରକାରର ଧୋକା ଦେଇ କପଟି କାର୍ଯ୍ୟ କରୁଥିଲେ । ସେ ଯୁଗରେ ଆଜିକାଲି ଭଳି ପ୍ରେସ୍ ଏବଂ ଯାତ୍ରାର ସୁବିଧାର ବ୍ୟବସ୍ଥା ନଥିଲା ତେଣୁ ସାଧାରଣ ଅଜ୍ଞାନ ଲୋକମାନଙ୍କୁ ପଥଭ୍ରଷ୍ଟ କରିବାପାଇଁ ସେମାନଙ୍କ ନମନ୍ତେ ସହଜ ଥିଲା । ଅସଲରେ ବିଭ୍ରାଟ ପାଇଁ ସେମାନଙ୍କ ନିକଟରେ କୌଣସି ଯୁକ୍ତିଯୁକ୍ତ କାରଣ ନଥିଲା । ନା ତାଙ୍କଠାରେ ସତ୍ୟ ଥିଲା ନା ସତ୍ୟ ସେମାନଙ୍କ ସହିତ ଥିଲା । ସେମାନଙ୍କ ସମସ୍ତ ଯୋଜନାର ଆଧାର ମିଥ୍ୟା ଉପରେ ପର୍ଯ୍ୟବେଶିତ ଥିଲା । କେବଳ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଦୟା ସେମାନଙ୍କୁ ବଂଚାଇ ରଖିଥିଲା ନଚେତ ମୁସଲମାନମାନେ ସେମାନଙ୍କୁ ଖଣ୍ଡ ଖଣ୍ଡ କରି ଦେଇଥାନ୍ତେ । ଅର୍ଥାତ ସାହାବାମାନେ କେବେ ବି ବରଦାସ୍ତ କରିପାରିନଥାନ୍ତେ, ଯେଉଁ ପୁରୁଣା ସାହାବାମାନେ ଥିଲେ ସେମାନେ ମଧ୍ୟ ବରଦାସ୍ତ କରିପାରିନଥାନ୍ତେ ଯେ ଯେଉଁ ଶାନ୍ତି ଏବଂ ସୌହାର୍ଦ୍ଧ୍ୟକୁ ସେମାନେ ନିଜର ଜୀବନକୁ ବାଜି ଲଗାଇ ହାସଲ କରିଥିଲେ ତାହା କିଛି ମାତ୍ର ହାତଗଣତି ଦୁଷ୍ଟ ଲୋକମାନଙ୍କ ଦୁଷ୍କାତ ଯୋଗୁଁ ଏଭଳି ନଷ୍ଟ ହୋଇଯିବ ଓ ସେମାନେ ଏହା ଦେଖୁଥିବେ । ତେଣୁ ସେମାନେ ଏ ଚିନ୍ତା କରୁଥିଲେ ଯେ ଏଭଳି ଲୋକମାନଙ୍କୁ ଯଦି ଯଥାଶିଘ୍ର ଦଣ୍ଡ ନ ଦିଆଗଲା ତେବେ ଇସ୍‌ଲାମୀୟ ହକୁମତ୍ ଓଲଟପାଲଟ ହୋଇଯିବ, କିନ୍ତୁ ହଜ୍‌ରତ୍ ଉସ୍‌ମାନ୍ ର:ଅ ଦୟାବନ୍ତ ଥିଲେ । ସେ ଚାହୁଁଥିଲେ ଯେ କେଉଁ ପ୍ରକାରେ ହେଉ ପଛକେ ଏମାନଙ୍କୁ ସତ୍‌ପଥ ମିଳିଯାଉ ଫଳତଃ ଏମାନେ ଅବିଶ୍ୱାସୀକାରୀଙ୍କ ମଧ୍ୟରେ ଗଣା ନ ହୁଅନ୍ତୁ । ତେଣୁ ହଜ୍‌ରତ୍ ଉସ୍‌ମାନ୍ ର:ଅ କୋହଳ ମନବୃତି ରଖିଥିଲେ ଏବଂ ସେମାନଙ୍କର ଖୋଲା ଖୋଲି ବିଦ୍ରୋହକୁ କେବଳ ବିଦ୍ରୋହର ମନସ୍ଥ ବୋଲି ଭାବି ଦଣ୍ଡ ଦେଉନଥିଲେ ।

ଏହି ଘଟଣାରୁ ଏହା ଜଣାପଡୁଛି ଯେ ସାହାବାମାନେ ସେମାନଙ୍କୁ ବହୁତ ଘୃଣଶ କରୁଥିଲେ କାରଣ ପ୍ରଥମତଃ ନିଜେ ସେମାନେ ବର୍ଣ୍ଣନା କରୁଛନ୍ତି ଯେ କେବଳ ତିନିଜଣ ମଦିନାବାସୀ ଆମ ସହିତ ଅଛନ୍ତି ଅର୍ଥାତ ବିଭ୍ରାଟକାରୀମାନେ ମଦିନାରେ କେବଳ ତିନିଜଣଙ୍କର ନାମ ନେଲେ, ଯେଉଁମାନେ ସେମାନଙ୍କ ସହିତ ଥିଲେ, ତା'ଠାରୁ ଅଧିକା ନୁହେଁ । ଯଦି ଆଉ କିଛି ସାହାବା ସେମାନଙ୍କ ସହିତ ଥାନ୍ତେ ତେବେ ସେମାନେ ତାଙ୍କ ନା ମଧ୍ୟ ଧରିଥାନ୍ତେ । ଅନ୍ୟ ସାହାବାମାନେ ନିଜ କର୍ମଦ୍ୱାରା ଏହା ପ୍ରମାଣ କରିଦେଲେ ଯେ ସେମାନେ ସେହି ବିଭ୍ରାଟକାରୀଙ୍କ କର୍ମ ଦ୍ୱାରା ଅତିଷ୍ଠ ଥିଲେ ଓ ସେମାନଙ୍କ କର୍ମକୁ ଏଭଳି ଶରିୟତ ବିରୋଧି ଜାଣୁଥିଲେ ଯେ ମୃତ୍ୟୁ ଦଣ୍ଡରୁ କିଛି କମ କରିବାକୁ ଅନୁଚିତ ଭାବୁଥିଲେ । ଯଦି ସାହାବାମାନେ ସେମାନଙ୍କ ସହିତ ଥାନ୍ତେ ଓ ମଦିନାବାସୀ ସେମାନଙ୍କ ସହିତ ସମାନ ମନୋଭବା ରଖିଥାନ୍ତେ ତେବେ ଆଉ କିଛି ବାହାନା କରିବାର ଆବଶ୍ୟକତା ନଥିଲା ବରଂ ସେହି କ୍ଷଣ ସେମାନେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ହତ୍ୟା କରିଦେଇଥାନ୍ତେ । କିନ୍ତୁ ଆମେ ଦେଖୁଛେ ଯେ ସେମାନେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ହତ୍ୟା କରିବାରେ ସଫଳ ହେବା ପରିବର୍ତେ ନିଜେ ସେମାନେ ସାହାବମାନଙ୍କ ତରବାରୀର ଶିକାର ହେବାର ବିପଦରେ ପଡ଼ିଯାଇଥିଲେ ଓ କେବଳ ସେହି ଦୟାବନ୍ତ ଅସ୍ତିତ୍ୱର ଦୟା ଯୋଗୁଁ ସେମାନେ ସେଠାରୁ ବଂଚିଯାଇପାରିଲେ, ଯାହାଙ୍କୁ ହତ୍ୟା କରିବା ପାଇଁ ସେମାନେ ମନସ୍ଥ କରିଥିଲେ ଓ ଯାହାଙ୍କ ବିରୋଧରେ ଏତେମାତ୍ରାରେ ବିଭ୍ରାଟ ଓ ଉତେଜନା ସୃଷ୍ଟି କରିଥିଲେ । ସେହି ବିଭ୍ରାଟକାରୀମାନଙ୍କର କପଟତା ଓ ଧର୍ମପରାୟଣତାରୁ ଦୂରତା ଦେଖି ବଡ଼ ଆଶ୍ଚର୍ଯ୍ୟ ଲାଗୁଛି । ଏହି ଘଟଣାରୁ ସେମାନେ କିଛି ବି ଲାଭ ଉଠାଇଲେ ନାହିଁ । ସେମାନଙ୍କର ଗୋଟିଏ ଗୋଟିଏ ଆପତି ଅଭିଯୋଗର ଖୁବ୍ ଉତର ଦିଆଗଲା ଓ ସମତ ଆପତି ଅଭିଯୋଗକୁ ଭୂଲ ଓ ଭିତିହିନ ସାବ୍ୟସ୍ତ କରାଗଲା । ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଦୟା ଓ କ୍ଷମାକୁ ସେମାନେ ଦେଖିଲେ । ପ୍ରତ୍ୟେକ ବ୍ୟକ୍ତିର ଜୀବନ ଏକଥାର ସାକ୍ଷ ଦେଇଥିଲା ଯେ ଏଭଳି ଦୟାବନ୍ତ ବର୍ତମାନ ଦୁନିଆରେ ମିଳିବ ନାହିଁ । କିନ୍ତୁ ସେମାନେ ନିଜ ପାପରୁ ପଶ୍ଚାତାପ କରିବା ପରିବେର୍ତ, ନିର୍ଯ୍ୟାତନା ପାଇଁ ଅନୁତାପ କରିବା ପରିବର୍ତେ ଓ ନିଜର ଦୁଷ୍କର୍ମିରୁ ରହିତ ହେବା ପରିବର୍ତେ ଏମାନେ କ୍ରୋଧର ଅଗ୍ନିରେ ଆହୁରି ଅଧିକା ଜଳିବାକୁ ଲାଗିଲେ ଓ ନିଜର ନିରୁତର ହେବାକୁ ନିଜର ଅପମାନ ଏବଂ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ କ୍ଷମା, ଦୟାକୁ ନିଜର ସୁନ୍ଦର ଯୋଜନାର ଫଳ ବୋଲି ବୁଝି ଆସନ୍ତାକୁ ନିଜର ବାକି ଯୋଜନାକୁ ପୂରଣ କରିବାର ଉପାୟ ପାଂଚି ସେହି ଲୋକମାନେ ସେଠାରୁ ଫେରି ଚାଲିଗଲେ । ***(ଇସ୍‌ଲାମ୍ ମେଁ ଏଖ୍‌ତିଲାଫାତ୍ କା ଆଗାଜ୍, ଅନୱାରୁଲ୍ ଉଲୁମ୍ ଖଣ୍ଡ-୪, ପୃ-୨୯୩-୨୯୬)***

ଏହି ଧାରା (ଅର୍ଥାତ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କର ବର୍ଣ୍ଣନାର ଧାରା) ଏବେ ଜାରି ରହିଛି ଆସନ୍ତାରେ ଇନ୍‌ଶାଅଲ୍ଲାଃ (ବର୍ଣ୍ଣନା) ହେବ ।

ବତର୍ମାନ ମୁଁ କିଛି ମର୍‌ହୁମୀନ୍ (ମୃତକ)ଙ୍କ ଚର୍ଚ୍ଚା କରିବାକୁ ଚାହୁଁଛି ଯେଉଁମାନଙ୍କର ଦେହାନ୍ତ ବିଗତ ଦିନଗୁଡ଼ିକରେ ହୋଇଅଛି । ସେମାନଙ୍କ ମଧ୍ୟରେ ସର୍ବପ୍ରଥମେ ଜଣେ ଶହୀଦ ଅଛନ୍ତି । ଯାହାଙ୍କ ନାମ ହେଉଛି ଅବ୍‌ଦୁଲ୍ କାଦିର୍ ସାହେବ୍ ଇବ୍‌ନେ ବଶିର୍ ଅହ୍‌ମଦ୍ ସାହେବଙ୍କର, ଯି ବାଜିଦ୍‌ଖୈଲ୍ ପେଶାଓ୍ୱର୍ ନିବାସୀ ଥିଲେ । ତାଙ୍କୁ ୧୧ ଫେବୃୟାରୀ ଦିନ ଶହୀଦ କରିଦିଆଗଲା । ***ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍***

ବିବରଣୀ ମୁତାବକ ଅବ୍‌ଦୁଲ୍ କାଦିର୍ ସାହେବ ନିଜର ଚାଚା ମର୍‌ହୁମ୍ (ମୃତ) ଡ଼ାକ୍ତର ମନ୍‌ଜୁର୍ ଅହ୍‌ମଦ୍ ସାହେବଙ୍କ ବାଜିଦ୍ ଖୈଲ୍ ପେଶାଓ୍ୱରଠାରେ ଥିବା କ୍ଲିନିକ୍‌ରେ କାମ କରୁଥିଲେ । ଶହୀଦ୍ ଅବ୍‌ଦୁଲ୍ କାଦିର୍ ସାହେବ ମର୍‌ହୁମ୍ ଜମାତ୍‌ର ଅନ୍ୟ ସଦସ୍ୟମାନଙ୍କ ସହିତ, ଯେଉଁମାନେ ସେତେବେଳେ ସେହି କ୍ଲିନିକ୍‌ରେ ଉପସ୍ଥିତ ଥିଲେ, ଜୋହର୍ ନମାଜ ପଢ଼ିବା ପାଇଁ ଏକତ୍ରିତ ହେଉଥିଲେ ଯେ ରୋଗୀମାନେ ବସିଥିବା କୋଠରୀର କଡ଼ରେ ଥିବା କୋଠରୀର ଘଂଟି ବାଜିଲା । ଏଥିରେ ଅବ୍‌ଦୁଲ୍ କାଦିର୍ ସାହେବ କବାଟ ଖୋଲିଲେ । ରୋଗୀ ରୂପରେ ଉପସ୍ଥିତ ଥିବା ସେଠାରେ ଜଣେ ଯୁବକ ତାଙ୍କ ଉପରକୁ ଫାଇରିଂ (ଗୋଳି) ଚଳାଇ ଦେଲା ଫଳତଃ ସେ ଭିଷଣଭାବରେ ଗୁରୁତ୍ର ଆହତ ହେଲେ । ଛାତିରେ ଦୁଇଟି ଗୋଳି ବାଜିଥିଲଶ । ତତ୍‌କ୍ଷଣାତ୍ ତାଙ୍କୁ ଡ଼ାକ୍ତରଖାନ ନେଇ ନିଆଗଲା ଯେଉଁଠି ସେ ଆଘାତ ସହି ନପାରି ଶହୀଦ୍ ହୋଇଗଲେ । ***ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍***

ଶହୀଦଙ୍କର ବୟସ ୬୫ ବର୍ଷ ଥିଲା ସେ ଯାହା ହେଉ ନା କାହିଁକି ପୋଲିସ୍ ଅପରାଧିକୁ ଧରିନେଲେ ବା ଲୋକମାନେ ହତ୍ୟାକାରୀକୁ ଧରି ପୋଲିସ୍‌କୁ ଦେଇଦେଲେ । ଶହୀଦ୍ ମର୍‌ହୁମ୍‌ଙ୍କ ପରିବାରକୁ ଅନ୍ୟ ଅହେମଦୀ ପରିବାର ଭଳି ଭିଷଣ ବିରୋଧର ସମ୍ମୁଖିନ ହେବାକୁ ପଡୁଥିଲା । ୧୯ ଜାନୁୟାରୀ ୨୦୦୯ ଦିନ ଧାର୍ମିକ କଠୋର ପନ୍ଥୀମାନେ ସେହି କ୍ଲିନିକ୍ ଉପରେ ଆକ୍ରମଣ କରିଥିଲେ ଯଦ୍ୱାରା ଅବ୍‌ଦୁଲ୍ କାଦିର୍ ସାହେବଙ୍କ ଗୋଡ଼ରେ ଗୋଳି ଲାଗିଥିଲା । ସେଥିଯୋଗୁଁ ସେ ପେଶାଓ୍ୱରରୁ ହିଜ୍‌ରତ୍ କରି ଯିବାପାଇଁ ବାଧ୍ୟ ହୋଇଥିଲେ । ପୁଣି ବହୁଦିନ ପରେ ପେଶାଓ୍ୱର ଯାଇ ବସବାସ କଲେ । ବର୍ତମାନ ଯେଉଁ ଅହେମଦୀ ବିରୋଧି ଲହର୍ ଚାଲିଛି, ତା'ଫଳରେ ପ୍ରାୟତଃ ଦୁଇ ମାସ ପୂର୍ବରୁ ପୂନର୍ବାର ଜମାତ୍‌ର ହିଦାୟତ୍ ଫଳରେ ରବଓ୍ୱା ହିଜ୍‌ରତ୍ କରି ଯିବାକୁ ବାଧ୍ୟ ହେଲେ । ତାଙ୍କ ପରିବାର ଏବେ ରବଓ୍ୱାରେ ହିଁ ରହୁଛନ୍ତି । କିନ୍ତୁ ଶହୀଦ୍ ମର୍‌ହୁମ୍ ନିଜେ ନିଜର ଚାକିରି ଯୋଗୁଁ ବାଜିଦ୍ ଖୈଲ୍‌ର କ୍ଲିନିକ୍‌କୁ ଚାଲିଗଲେ ଓ ସେଠାରେ ହିଁ ରହୁଥିଲେ ।

ଶହୀଦଙ୍କ ବଂଶରେ ଅହେମଦୀୟତ୍ ତାଙ୍କ ଦାଦା (ଜେଜେ) ମୋକରମ୍ ନିଜାମୁଦ୍ଦିନ୍ ଅହେମଦ୍‌ଙ୍କ ଜରିଆରେ ଆସିଥିଲା । ସେ ଅର୍ଥାତ ତାଙ୍କ ଜେଜେ ଖିଲାଫତ୍ ଉଲା (ପ୍ରଥମ ଖଲିଫାଙ୍କ) ସମୟରେ ବୟତ କରି ଅହେମଦୀୟତ୍‌ରେ ସାମିଲ ହେବାର ସୌଭାଗ୍ୟ ପାଇଥିଲେ । ତାଙ୍କ ଜେଜେଙ୍କର ଦୁଇଜଣ ବଡ଼ ଭାଇ ଥିଲେ । ଡ଼ାକ୍ତର ଫତହ୍ ଦୀନ୍ ସାହେବ୍ ସିଭିଲ୍ ସର୍ଜନ ପେଶାଓ୍ୱର୍ ଏବଂ ଇଞ୍ଜିନିୟର୍ ଅବ୍‌ଦୁଲ୍ ଲତିଫ୍ ସାହେବ । ଡ଼ାକ୍ତର ଫତହ୍ ଦୀନ୍ ସାହେବ୍ ୧୯୦୨ ମସିହାରେ ଛାତ୍ର ଜୀବନରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଦାବିର ଖବର ଶୁଣି କାଦିଆନ୍ ଯାଇ ବୁଲି ଆସିଥିଲେ । ହଜୁର ଆ:ସ ବହୁତ ସ୍ନେହର ସହିତ ତାଙ୍କ ମୁଣ୍ଡ ଉପରେ ହାତ ରଖିଥିଲେ ଓ ଏହା କହିଥିଲେ ଯେ ବହୁତ ଭଲ ପିଲା । କିନ୍ତୁ ସେ ବୟତ କରିପାରିନଥିଲେ । ପରେ ସେ ସ୍କଲାର୍‌ଶିପ୍‌ରେ ୟୁ.କେ ଯାଇଥିଲେ । ସେଠାରେ ଡ଼ାକ୍ତରୀ ଶିକ୍ଷା ଆହାରଣ କଲେ । ପୁଣି ସେ ୧୯୦୮ ମସିହାରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଦେହାନ୍ତ ଖବର ଶୁଣି କାଦିଆନ୍‌ରେ ପହଂଚି ପ୍ରଥମ ଖଲିଫାଙ୍କ ସମୟରେ ବୟତ କଲେ । ତାଙ୍କ ଜେଜେଙ୍କ ଦ୍ୱିତୀୟ ଭାଇ ଅବ୍‌ଦୁଲ୍ ଲତିଫ୍ ସାହେବ ଇଞ୍ଜିନିୟର ଥିଲେ । ସେ ମଧ୍ୟ ପ୍ରଥମ ଖଲିଫାଙ୍କ ସମୟରେ ନଜ ଭାଇଙ୍କ ସହିତ ଯାଇ ବୟତ କରିଥିଲେ । ଦୁଇଭାଇଙ୍କ ଆହ୍ୱାନ କ୍ରମେ ତାଙ୍କ ବଂଶର ଅନ୍ୟ ସଦସ୍ୟମାନେ ଯେଉଁ ମାନଙ୍କ ମଧ୍ୟରେ ଶହୀଦଙ୍କ ଦାଦା (ଜେଜେ) ମଧ୍ୟ ସାମିଲ ଥିଲେ, କିଛି ଦିନ ପରେ ବୟତ କରି ଅହେମଦୀୟତ୍‌ରେ ସାମିଲ ହୋଇଗଲେ ।

ଶହୀଦ୍ ମର୍‌ହୁମ୍ ଅନେକ ସୁଗୁଣ ଅଧିକାରୀ ଥିଲେ । ଖିଲାଫତ୍ ସହିତ ଅପାର ପ୍ରେମ ଥିଲା । ଯମାତ୍‌ର ଓ୍ୱଲ୍‌ଦାଦାର୍‌ମାନେଙ୍କ ସହିତ ବହୁତ ଶ୍ରଦ୍ଧା ଥିଲା । ଦାଓ୍ୱତେ ଇଲଲ୍ଲାଃ (ଅର୍ଥାତ ଅଲ୍ଲାଃଙ୍କ ଆଡ଼କୁ ନିମନ୍ତ୍ରଣ ଦେବା) କାର୍ଯ୍ୟ କରିବାର ବହୁତ ଆଗ୍ରହ ଥିଲା । ସେଥି ସକାଶେ ବିରୋଧିର ସମ୍ମୁଖିନ ହେବାକୁ ପଡ଼ିଲା । ସେହି ବିରୋଧ ଯୋଗୁଁ ବିଗତ ଦୁଇବର୍ଷ ମଧ୍ୟରେ ସାତଥର ଘର ପରିବର୍ତନ

କରିଛନ୍ତି କିନ୍ତୁ ଏହା ସତ୍ୱେ ମଧ୍ୟ ଅହେମଦୀୟତ୍‌ରେ କାଏମ୍ ରହିଲେ । ତହଜ୍ଜୁଦ୍ ଏବଂ ନମାଜ ବ୍ୟତୀତ ପବିତ୍ର କୁର୍‌ଆନ୍‌ର ନିୟମିତ ପାଠ କରନ୍ତି । ଅତ୍ୟନ୍ତ ସ୍ନେହୀ ଓ ମେଳାପି ବ୍ୟକ୍ତି ଥିଲେ । ସାରା ଜୀବନରେ କେବେ ହେଲେ କାହା ସହିତ ଝଗଡ଼ା କରିନାହାନ୍ତି । ତାଙ୍କ ପତ୍ନୀ ଏହା କହିଛନ୍ତି ଯେ ଜୀବନରେ ଅନେକଥର ଉତ୍ଥାନ-ପତନ ଆସିଛି କିନ୍ତୁ ସେ କେବେ ବି ଆକ୍ରମଣାତ୍ମକ ମାର୍ଗକୁ ଅକ୍ତିଆର କରିନାହାନ୍ତି ଏବଂ ମୁଁ ଯେବେ ବି ତାଙ୍କ ସହିତ ଟାଣ କଥା ହୋଇଥାଏ, ସେ ପୁଣି ମଧ୍ୟ ନମ୍ରତାର ସହିତ ଉତର ଦିଅନ୍ତି । ପିଲାମାନଙ୍କୁ ବହୁତ ଭଲପାଆନ୍ତି । ଶହୀଦ ହେବାପାଇଁ ଭିଷଣ ଇଛା ଥିଲା । ସବୁବେଳେ ଏହା କହୁଥିଲେ ଯେ ଯଦି କେବେ ପରୀକ୍ଷାର ସମୟ ଆସେ, ସେତେବେଳେ ଖିଲାଫତ୍ ଅହେମଦୀୟାରୁ ଦୂରେଇ ଯିବା ପରିବର୍ତେ ମୃତ୍ୟୁକୁ ଅଗ୍ରାଧିକାର ଦେବି । ପୁଣି ସେ ଲେଖିଛନ୍ତି ଯେ ନମାଜ ପଢ଼ିବାର ଅବସ୍ଥା ତାଙ୍କର ଏଭଳି ଥିଲା ଯେ ଘରର ଲୋକମାନେ ବେଳେବେଳେ ତାଙ୍କୁ ଛୁଇଁ ଏହା ଦେଖୁଥିଲେ ଯେ କାଳେ ସିଜ୍‌ଦାଃ କରିବା ସମୟରେ ତାଙ୍କର କିଛି ହୋଇଯାଇନାହିଁ ତ ? ସେ ବହୁତ ଲମ୍ବା ସିଜ୍‌ଦାଃ କରନ୍ତି । ତାଙ୍କୁ ବାଜିଦ୍ ଖୈଲ୍ ଜମାତ୍‌ରେ ମୁନ୍‌ତଜିମ୍ ତରବିୟତ୍ ଅର୍ଥାତ ପ୍ରଶିକ୍ଷଣ ବ୍ୟବସ୍ଥାପକ ଭାବରେ ମଧ୍ୟ ସେବା କରିବାର ସୌଭାଗ୍ୟ ମିଳିଛି । ତାଙ୍କ ଅନ୍ତେ ତାଙ୍କ ଉତରାଧିକାରୀ ରୂପେ ତାଙ୍କ ପତ୍ନୀ ମୋହ୍‌ତରମା ସାଜ୍‌ଦାଃ କାଦିର୍ ସାହିବାଙ୍କ ବ୍ୟତିତ ଚାରିଜଣ ପୁତ୍ର ଓ ପାଂଚଜଣ ପୁତ୍ରୀ ଅଛନ୍ତି । ଅଲ୍ଲାଃ ତାଲା ଶହୀଦ୍ ମରହୁମ୍‌ଙ୍କର ସ୍ତର ଉଚ୍ଚା କରନ୍ତୁ ଏବଂ ତାଙ୍କ ଶୋକସନ୍ତପ୍ତ ପରିବାର ବର୍ଗଙ୍କର ମଧ୍ୟ ସହାୟକ ହୁଅନ୍ତୁ । ତାଙ୍କ ସନ୍ତାନମାନଙ୍କୁ ମଧ୍ୟ ତାଙ୍କ ପୂଣ୍ୟକର୍ମକୁ ଜାରି ରଖିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।

ଦ୍ୱିତୀୟ ଯନାଜାଃ ହେଉଛି ଶ୍ରୀମାନ୍ ଅକ୍‌ବର୍ ଅଲୀ ସାହେବ୍ ଅସିରେ ରାହେମୌଲାଙ୍କର ଯିଏ ଇବ୍ରାହିମ୍ ସାହେବଙ୍କର ସୁପୁତ୍ର ଥିଲେ । ଶୌକତ୍ ଆବାଦ୍ କଲୋନୀ ଜିଲ୍ଲା ନନ୍‌କାନାର ଅଧିବାସୀ ଥିଲେ । ଅକ୍‌ବର୍ ଅଲୀ ସାହେବ ଅସିରେ ରାହେ ମୌଲା ଶେଖୋପୁରା ଜେଲ୍‌ରେ ୧୬ ଫେବୃୟାରି ୨୦୨୧ ଦିନ ହୃଦଘାତ ଦ୍ୱାରା ଶେଷ ନିଶ୍ୱାସ ତ୍ୟାଗ କଲେ । ***ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍.***

ତାଙ୍କର ଆଉ ଦୁଇଜଣ ସାଥି ଥିଲେ । ୨ ମଇ ୨୦୨୦ ଦିନ ତାଙ୍କ ଖିଲାଫ ମୋକଦ୍ଦମା ଦରଜ ହେଲା ଏବଂ ହାଇକୋର୍ଟରେ ଜାମିନ ମିଳିବାର Confirmation ତାରିଖ ଦିନ ଅଦାଲତ ତାଙ୍କର ଜାମିନ୍ ଖାରଜ କରିଦେଲେ ଓ ଗିରଫ କରିବାକୁ ଆଦେଶ ଦେଲେ । ସେ ଯାହା ହେଉ ଏହି ତିନିଜଣ ସାଥି ଗିରଫ ହେଲେ । ପୁଣି ନନ୍‌କାନା ସାହେବର ମାଜିଷ୍ଟ୍ରେଟ୍ ଗୋଟିଏ ଦରଖାସ୍ତ ଉପରେ ଏକତରଫା ଶୁଣାଣି କରିବା ପରେ ଆମର ଅଭିମୁଖ୍ୟଙ୍କୁ ନ ଶୁଣି ଜାନୁଆରୀ ୨୦୨୧ ଦିନ 259C କୁ ବଢ଼ାଇଦେଲେ । ଯାହା ହେଉଛି ଏକ ବିପଜ୍ଜନକ ଦଫା । ସେ ଯାହା ହେଉ ମରହୁମ୍ ସାଢ଼େ ଚାରିମାସ ହେବ ବନ୍ଦି ଅବସ୍ଥାରେ ଥିଲେ । ମୃତ୍ୟୁ ବେଳକୁ ତାଙ୍କର ବୟସ ୫୫ ବର୍ଷ ହୋଇଥିଲା । ଅଲ୍ଲାଃଙ୍କ କୃପାରୁ ସେ ୱସିୟତ୍ ବ୍ୟବସ୍ଥାରେ ସାମିଲ ଥିଲେ ।

ମୃତକଙ୍କ ବଂଶରେ ଅହେମଦୀୟତ୍ ତାଙ୍କ ବାପା ମୋକରମ୍ ଇବ୍ରାହିମ୍ ସାହେବଙ୍କ ଜରିଆରେ ଆସିଥିଲା ଯିଏ ନିଜ ଭାଇ ମୋକରମ୍ ମିଆଁ ଇସ୍‌ମାଇଲ ସାହେବଙ୍କ ସହିତ ୧୯୨୦ ମସିହାରେ ଦ୍ୱିତୀୟ ଖଲିଫାଙ୍କ ସମୟରେ ବୟତ କରିଥିଲେ । ଅକ୍‌ବର୍ ଅଲୀ ସାହେବ୍ ସେନାରେ ଉଡିତ ହୋଇଥିଲେ । ୨୩ ବର୍ଷ ହାୱିଲ୍‌ଦାର ଭାବରେ ସେବା କରିଛନ୍ତି । ଶୋହଳ ବର୍ଷ ପୂର୍ବେ ସେନାରୁ ରିଟାୟର୍ଡ଼ ହେଇଥିଲେ, ପୁଣି ପରେ ସିକ୍ୟୁରିଟି ଗାର୍ଡ଼ ଚାକିରି କରୁଥିଲେ । ବହୁତ ଦାୟିତ୍ୱବାନ ଓ ବାହାଦୁର୍ ବ୍ୟକ୍ତି ଥିଲେ । ଜେଲ୍ ଯିବା ପୂର୍ବରୁ ବ୍ୟାଙ୍କରେ ସିକ୍ୟୁରିଟି ଗାର୍ଡ଼ ଭାବରେ କାର୍ଯ୍ୟରତ ଥିଲେ । ସେହି ବ୍ୟାଙ୍କର ମ୍ୟାନେଜର୍‌ଙ୍କୁ ଜଣେ ବିରୋଧି ଏ ଅଭିଯୋଗ କଲା ଯେ ଆପଣ ଅକ୍‌ବର୍ ଅଲୀଙ୍କୁ ଚାକିରିରେ ରଖିଛନ୍ତି ଯେବେ କି ସେ ତ ଜଣେ କାଫିର୍ (ଅବିଶ୍ୱାସୀ) । ବ୍ୟାଙ୍କ ମେନେଜର୍ ସାହେବ ପ୍ରତି ଉତରରେ କହିଲେ ମୁଁ ସବୁଦିନ ସକାଳେ ଆସି ରେକର୍ଡ଼ିଂ ଦେଖୁଛି ସିସି ଟିଭି କ୍ୟାମେରାରେ ରେକର୍ଡ଼ିଂ ଦେଖୁଛି ଯେ ଅକ୍‌ବର୍ ଅଲୀ ରାତିରେ ନଫିଲ୍ ନମାଜ ପଢୁଛନ୍ତି, ତିଲାୱତ (ପବିତ୍ର କୁର୍‌ଆନ୍‌ର ଆବୃତି) କରୁଛନ୍ତି, ରମ୍‌ଜାନ୍ ମାସରେ ରୋଜା ରଖୁଛନ୍ତି । ତେବେ ଏପରି ଲୋକ କେମିତି କାଫିର୍ ହୋଇପାରେ ? ସେ ଯାହା ହେଉ ବଡ଼ ସାହାସୀ ମ୍ୟାନେଜର ଥିଲେ । ମରହୁମ୍‌ଙ୍କୁ ସଦର ଯମାତ୍ ଭାବରେ ଛଅବର୍ଷ ଯମାତ୍‌ର ସେବା କରିବାର ଅବସର ମିଳିଛି । ଜେଲ୍ ଯିବା ପୂର୍ବରୁ ସେକ୍ରେଟାରୀ ମାଲ୍ ଭାବରେ ସେବାରତ ମିଳିଛି । ଗରୀବଙ୍କ ସହିତ ସହାନୁଭୂତି ଦେଖାଇବା, ଅତିଥି ପରାୟଣ ବ୍ୟତିତ ବଂଶର ସମସ୍ତ ଲୋକମାନଙ୍କ ସହିତ ପ୍ରେମପୂର୍ଣ୍ଣ ବ୍ୟବହାର ଥିଲା । ଦାୱତେ ଇଲଲ୍ଲାଃର ବହୁତ ଆଗ୍ରହ ଥିଲା । ସର୍ବଦା ପ୍ରମାଣ ଦେଇ କଥା ହୁଅନ୍ତି ସେଥିଯୋଗୁଁ ବିରୋଧର ସମ୍ମୁଖିନ ହେଉଥିଲେ । ସିକ୍ୟୁରିଟି ଗାର୍ଡ଼ ଚାକିରି ମଧ୍ୟ ବିରୋଧ ହେବା ଯୋଗୁଁ ଛାଡ଼ିବାକୁ ପଡ଼ିଲା । ତାଙ୍କ ପରିବାରରେ ତାଙ୍କର ଦୁଇଜଣ ବେଓ୍ୱା ଜୈନବ୍ ବିବି ସାହିବା ଏବଂ ଫଜିଲତ୍ ବିବି ସାହିବା ଅଛନ୍ତି । ଏତଦ୍ ବ୍ୟତିତ ୧୯ ବର୍ଷର ଜଣେ ପୁଅ ଓ ୧୬ ବର୍ଷର ଜଣେ ଝିଅ ଅଛନ୍ତି । ଅଲ୍ଲାଃ ତାଲା ତାଙ୍କ ସହିତ କ୍ଷମା ଓ କରୁଣାର ବ୍ୟବହାର କରନ୍ତୁ ଓ ତାଙ୍କ ସ୍ତରକୁ ଉଚ୍ଚ କରିଚାଲନ୍ତୁ । ତାଙ୍କ ସନ୍ତାନମାନଙ୍କର ମଧ୍ୟ ସୁରକ୍ଷା କରନ୍ତୁ ଓ ସେମାନଙ୍କୁ ତାଙ୍କ ପୂଣ୍ୟମାର୍ଗରେ ପରିଚାଳିତ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ ।

ତୃତୀୟ ଜନାଯାଃ ହେଉଛି ଶ୍ରୀମାନ୍ ଖାଲିଦ୍ ମେହ୍‌ମୁଦୁଲ୍ ହସନ୍ ଭଟ୍ଟି ସାହେବଙ୍କର ଯିଏ ଆଜିକାଲି ରବ୍‌ୱାରେ ତହ୍‌ରିକ୍-ଏ-ଜଦିଦ୍ ବିଭାଗରେ ୱକିଲୁଲ୍ ମାଲ୍ ସାଲିସ୍ ଥିଲେ । ସେହିପରି ନାଏବ୍ ସଦର ଅନ୍‌ସାରୁଲ୍ଲାଃ ମଧ୍ୟ ଥିଲେ ଏବଂ ନାଏବ୍ ଅଫିସର୍ ଜଲ୍‌ସା ସାଲାନା ମଧ୍ୟ ଥିଲେ । ତାହେର୍ ହାର୍ଟ ଇନ୍‌ସିଚ୍ୟୁଟରେ ୬୭ ବର୍ଷ ବୟସରେ ତାଙ୍କର ଦେହାନ୍ତ ହେଲା । ***ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍*** ତାଙ୍କର ଦାଦା (ଜେଜେ) ବାବୁଲ୍ ଖାନ୍ ଭଟ୍ଟି ସାହେବ ଅହମଦୀୟତ୍ ଗ୍ରହଣ କରିଥିଲେ । କିନ୍ତୁ ଖାଲିଦ୍ ମେହ୍‌ମୁଦୁଲ୍ ହସନ ଭଟ୍ଟି ସାହେବଙ୍କ ବାପା ଅହେମଦୟିତ୍ ଗ୍ରହଣ କରିନଥିଲେ । ତାଙ୍କୁ ଏହାର ସୌଭାଗ୍ୟ ନଥିଲା କିନ୍ତୁ ତାଙ୍କ ବାପା ଅହେମଦିୟତ୍ ଗ୍ରହଣ କରିଥିଲେ । ତାଙ୍କର ଡ଼େରା ଥିଲା, ସେ ଜମିଦାରୀ କରୁଥିଲେ । ଦିନେ ଡ଼େରାରେ ବସିଥିଲେ ଖାଲିଦ୍ ମେହ୍‌ମୁଦ୍‌ଙ୍କ ବାପା ମଧ୍ୟ ସେଠାରେ ଚାଦର ଘୋଡ଼ି ଶୋଇଥିଲେ । ଯେଉଁ ମସ୍‌ଜିଦ୍‌ରେ ତାଙ୍କ ବାପା ନମାଜ ପଢ଼ିବାକୁ ଯାଆନ୍ତି, ସେଠିକାର ଗଏର୍ ଅହେମଦୀ (ଅଣ ଅହେମଦୀ) ମୌଲବୀ ସେହି ରାସ୍ତା ଦେଇ ଯାଉଥିଲେ ତେଣୁ ସେ ମଧ୍ୟ ସେଠାରେ ବସିପଡ଼ିଲେ । ଅହେମଦୟିତ୍ ଉପରେ ଚର୍ଚ୍ଚା ଚାଲିଲା । କଥା କଥାରେ ମୌଲବୀ ସାହେବ ଏହା ମାନିନେଲେ ଯେ ବାସ୍ତବରେ ଅହେମଦିୟତ୍ ହିଁ ସଚ୍ଚା । ଏହା ଶୁଣି ତତ୍‌କ୍ଷଣାତ୍ ତାଙ୍କ ବାପା ମୁହଁରୁ ଚାଦର ଉଠାଇ ବସି ପଡ଼ିଲେ ଏବଂ କହିଲେ ଯେ ଯଦି ଅହେମଦିୟତ୍ ସତ୍ୟ ତେବେ ପୁଣି ଆପଣମାନେ ଆମକୁ ପଥଭ୍ରଷ୍ଟ କାହିଁକି କରୁଅଛ ? ପୁଣି କହିଲେ ଏ ପର୍ଯ୍ୟନ୍ତ ତୁମେ ମତେ ପଥଭ୍ରଷ୍ଟ କରି ଏହା କହୁଥିଲ ଯେ ଅହେମଦିୟତ୍ ମିଥ୍ୟା ଅଟେ ତେଣୁ ତାକୁ ଗ୍ରହଣ କରନାହିଁ ଓ ତୁମ ବାପାଙ୍କ ପଛରେ ଚାଲନାହିଁ ବୋଲି । ତାହେଲେ ଏବେ ଶୁଣି ରଖ ଯେଉଁଠି ସତ୍ୟ ଅଛି ମୁଁ ସେଠାରେ ଅଛି । ତା'ପରେ ପୁଣି ସେ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅଙ୍କ ହାତରେ ଯାଇ ବୟତ କରିନେଲେ । ଖାଲିଦ୍ ମେହ୍‌ମୁଦୁଲ୍ ଭଟ୍ଟି ସାହେବ ପଞ୍ଜାବ ୟୁନିଭରସିଟିରୁ ବି.ଏ ଡ଼ିଗ୍ରୀ କରି ୧୯୭୮ ମସିହାରେ ପଲିଟିକାଲ୍ ସାଇନ୍‌ସରେ ଏବଂ ୧୯୮୦ରେ ହିସ୍‌ଟ୍ରି (ଇତିହାସ)ରେ ଏମ୍.ଏ କଲେ । ପୁଣି ଦୁଇବର୍ଷ ସରକାରୀ ଲେକ୍‌ଚର୍ ନିଯୁକ୍ତି ହେଲେ । ଦୁଇ ବର୍ଷ ପରେ ଇସ୍ତଫା ଦେଇଦେଲେ । ୧୯୮୨ ମସିହାରେ ନିଜର ଜୀବନ ୱକ୍‌ଫ (ଉତ୍ସର୍ଗ) କରିଦେଲେ । ବିଭିନ୍ନ ପଦବୀରେ ପ୍ରାୟ ୩୮ ବର୍ଷ ପର୍ଯ୍ୟନ୍ତ ଯମାତ୍‌ର ସେବା କରିବାର ସୌଭାଗ୍ୟ ମିଳିଲା । ୧୯୮୨ ମସିହାରେ ତାଙ୍କର ନିଯୁକ୍ତି ୱକାଲତେ ତାମିଲ୍ ୱ ତନ୍‌ଫିଜ୍ ଦପ୍ତର୍‌ରେ ହୋଇଥିଲା । ପୁଣି ସେ ନାଏବ୍ ୱକିଲ୍ ମଧ୍ୟ ହେଲେ । ପୁଣି ୱକିଲୁଲ୍ ଦିୱାନ୍ ନିଯୁକ୍ତ ହେଲେ । ପୁଣି ସେ ୱକିଲୁଲ୍ ମାଲ୍ ସାଲିସ୍ ଥିଲେ । ପୁଣି ଇଣ୍ଡୋନେସିଆ, ସିଙ୍ଗାପୁର, ବର୍ମା, ଶ୍ରୀଲଙ୍କା, ନେପାଳ ଏବଂ ୟୁଗାଣ୍ଡା ଇତ୍ୟାଦି ସ୍ଥାନକୁ ଗସ୍ତ କରିଥିଲେ । ସେ ଯେଉଁ ଇଲାକାକୁ ଗସ୍ତ କରୁଥିଲେ, ବହୁତ ଗଭୀରତାର ସହିତ ନିରିକ୍ଷଣ କରୁଥିଲେ ଓ ସେମାନଙ୍କର ମାର୍ଗଦର୍ଶନ କରୁଥିଲେ । ସେ ଯେଉଁ ଯମାତ୍‌ଗୁଡ଼ିକୁ ଯାଇଛନ୍ତି, ବିଶେଷଭାବରେ ବର୍ମା ଓ ଶ୍ରୀଲଙ୍କାର ଜମାତ୍‌ଗୁଡ଼ିକ ତାଙ୍କଠାରୁ ବହୁତ କିଛି ଶିଖିଛନ୍ତି । ସେଠିକାର ଲୋକମାନେ ଏକଥା ସ୍ୱୀକାର ମଧ୍ୟ କରିଛନ୍ତି । କେତେକ ଲୋକେ ମତେ ଚିଠି ଲେଖିଛନ୍ତି ଯେ ଆମେ ବହୁତ କିଛି ଶିଖିଛୁ ଏବଂ ନିଜାମ୍ (ବ୍ୟବସ୍ଥା) ସମ୍ବନ୍ଧରେ ସଠିକ୍ ସୂଚନା ଆମକୁ ଭଟ୍ଟି ସାହେବ୍ ଦେଇଛନ୍ତି ଏବଂ ଖିଲାଫତ୍ ସହିତ ସମ୍ପର୍କ ଯୋଡ଼ିବା ପାଇଁ ତାଙ୍କର ଭୂମିକା ବହୁତ ଅଛି । ପୁଣି ସେ ଖୁଦ୍ଦାମୁଲ୍ ଅହେମଦୀୟାର କେନ୍ଦ୍ରୀୟ ଆମେଲା ଓ ଅନ୍‌ସାରୁଲ୍ଲାଃର କେନ୍ଦ୍ରୀୟ ଆମେଲାରେ ମଧ୍ୟ ରହିଛନ୍ତି । ସେହିଭଳି ବିଭିନ୍ନ କମିଟିର ସଦସ୍ୟ ମଧ୍ୟ ଥିଲେ । କଜା ବୋର୍ଡ଼ର ସଦସ୍ୟ ମଧ୍ୟ ଥିଲେ । ତାଙ୍କ ପତ୍ନୀ ହେଉଛନ୍ତି ନୁସ୍‌ରତ୍ ନାହିଦ୍ ସାହିବା । ତାଙ୍କୁ ଅଲ୍ଲାଃ ତାଲା ଦୁଇଜଣ ଝିଅ ଓ ଜଣେ ପୁଅ ପ୍ରଦାନ କରିଛନ୍ତି । ତାଙ୍କ ପୁଅ ଖୁର୍‌ସମ୍ ଉସ୍‌ମାନ୍ ଏଠି ୟୁ.କେରେ ଆମ ଏମ୍‌ଟିଏରେ କାମ କରୁଛନ୍ତି । ସେ ୱାକିଫେ ଜିନ୍ଦେଗୀ ଅଛନ୍ତି ।

ତାଙ୍କ ପତ୍ନୀ କହୁଛନ୍ତି ଯେ ଏମ୍.ଏ ପଲିଟିକାଲ୍ ସାଇନ୍ସ କରିବା ପରେ ସେ ତାଙ୍କ ବାପାଙ୍କୁ କହିଲେ ଯେ ମୁଁ ଏମ୍.ଏ ହିଷ୍ଟ୍ରି (ଇତିହାସ) କରିବାକୁ ଚାହୁଁଛି । ତାଙ୍କ ବାପା କହିଲେ ଯେତେ ଇଛା ସେତେ ପଢ଼ିପାର କିନ୍ତୁ ମନେରଖ ଯେ ଯଦି ଚାକିରି କରିବାକୁ ଅଛି ତାହେଲେ ଯମାତ୍‌ର ଚାକିରି କର । ସେ ପୁଣି କହୁଛନ୍ତି ତାଙ୍କର ୪୩ ବର୍ଷର ବୈବାହିକ ଜୀବନରେ ସେ ସର୍ବଦା ପ୍ରେମପୂର୍ଣ୍ଣ ବ୍ୟବହାର କରିଛନ୍ତି । ଯେବେ ବି ଗସ୍ତ କରି ଫେରୁଥିଲେ ସର୍ବଦା ଘଟଣାବଳୀର ବର୍ଣ୍ଣନା କରିଥାନ୍ତି ଯେ ଅଲ୍ଲାଃ ତାଲା କିପରି ତାଙ୍କ ସହିତ ପ୍ରେମପୂର୍ଣ୍ଣ ବ୍ୟବହାର କରିଛନ୍ତି । ପିଲାମାନଙ୍କ ପାଇଁ ସ୍ନେହୀ ବାପା ଥିଲେ । ପ୍ରତ୍ୟେକ ପିଲାର ଉଚିତ ଇଛାକୁ ପୂରଣ କରିବାପାଇଁ ଚେଷ୍ଟା କରୁଥିଲେ । ତାଙ୍କ ବଡ଼ ଝିଅ ହେଉଛନ୍ତି ଡ଼ାଃ ସାଇମା । ସେ କହୁଛନ୍ତି ଯେ ମୁଁ ଭିଜା ପାଇଁ ଆବେଦନ କରିଥିଲି । ଦୁଇଥର ଖାରଜ ହୋଇଗଲା । ପୁଣି ମୁଁ ତୃତୀୟଥର ଆବେଦନ କଲି । ଭଟ୍ଟି ସାହେବ୍ ଗସ୍ତରେ ବାହାରୁଥିଲେ, ତେଣୁ ସେ କହିଲେ ଯେ କିଛି ଦିନ ଆଗକୁ କରି ଦିଅନ୍ତୁ କାରଣ ଭିଜା ମିଳିବାର ତାରିଖ ଆସୁଅଛି ଆମ୍ଭସି ଯିବାକୁ ହେବ । ସେ କହିଲେ ଏହା ହୋଇ ପାରିବନାହିଁ । ତୁମେ ଏକୁଟିଆ ଯାଅ କାରଣ ମୁଁ ଅଲ୍ଲାଃଙ୍କ ଖାତିର ଏହି ଯାତ୍ରା କରୁଅଛି, ଅଲ୍ଲାଃ ନିଶ୍ଚିତ କୃପା କରିବେ । ଏଥର ସେହି ଝିଅର ଭିଜା ଲାଗିଗଲା । ପୁଣି ତାଙ୍କ ଛୋଟ ଝିଅ କହୁଛନ୍ତି ଯେ ବହୁତ ନରମହୃଦୟ ରଖିଥିବା ବାପା ଥିଲେ । କେବେ ବି ଆମକୁ ଧମକାଇ ନାହାନ୍ତି । ବହୁତ ପ୍ରେମରେ/ସ୍ନେହରେ ବୁଝାନ୍ତି । ଜମାତ୍‌ର କାମକୁ ସବୁବେଳେ ଅଗ୍ରାଧିକାର ଦିଅନ୍ତି । ଘରର ଯେତେ ଜରୁରୀ କାମ ଥିଲେ ମଧ୍ୟ ପ୍ରଥମେ ଦପ୍ତରର କାମ ଶେଷ କରି ପୁଣି ଘର କାମ କରନ୍ତି । ସବୁବେଳେ ଯମାତ୍‌ର ସେବା କରିବା ପାଇଁ ପ୍ରସ୍ତୁତ ରହୁଥିଲେ । ପ୍ରେମ ଓ ନିଷ୍ଠାର ସହିତ ଯମାତ୍‌ର କାମ କରନ୍ତି । ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେଉଥିଲେ । ହଜୁର ଅନଓ୍ୱର ଅ:ବ:ଅ କହୁଛନ୍ତି:- ଏହା ତ ମୁଁ ଦେଖିଛି ଯେ ସେ

ଅତ୍ୟନ୍ତ ପରିଶ୍ରମର ସହିତ କାମ କରନ୍ତି । ବହୁତ ନିଷ୍ଠା ଓ ଉତ୍ସର୍ଗପୂର୍ଣ୍ଣ ଆତ୍ମାକୁ କାଏମ୍ ରଖି ସର୍ବଦା ସେବା କରୁଥିଲେ । ତାଙ୍କର ଜଣେ ଝିଅ କହୁଛନ୍ତି ଯେ ଯେବେ ବି କୌଣସି ଅସୁବିଧାର ସମ୍ମୁଖିନ ହେଉଥିଲେ ସର୍ବଦା ଆମକୁ ଅଲ୍ଲାଃଙ୍କ ଉପରେ ଭରଷା କରିବାପାଇଁ କହୁଥିଲେ । ଓ ଏକଥା କହୁଥିଲେ ଯେ ଅଲ୍ଲାଃ ତାଲା ଆମକୁ କେବେ ଛାଡ଼ିବେନାହିଁ । ଅଲ୍ଲାଃ ତାଲା କେବେ ମଧ୍ୟ ଅସହାୟ ଛାଡ଼ିନାହାନ୍ତି । ତାଙ୍କ ପୁଅ କହୁଛନ୍ତି ଯେବେଠାରୁ ଆମର ବୁଦ୍ଧି ଆସିଲାରି ଆମେ ସେବେଠାରୁ ତାଙ୍କୁ ଜମାତ୍‌ର ସେବା କରିବାର ଦେଖୁଅଛୁ । ଯେବେ ବି କୌଣସି ବିପତି ଆସୁଥିଲା ବା ପରୀକ୍ଷା ସମୟ ଆସେ, ସେ ସର୍ବଦା ଏହା କହୁଥିଲେ ଯେ, ମୁଁ ଯେହେତୁ ଧର୍ମର ସେବା କରୁଅଛି ଅଲ୍ଲାଃଙ୍କ କାମ କରୁଅଛି, ତେଣୁ ଅଲ୍ଲାଃ ତାଲା ମୋ କରିଦେବେ, ଫଳତଃ ଅଲ୍ଲାଃ ତାଲା ମଧ୍ୟ ତା'ର କୃପା ଅବତୀର୍ଣ୍ଣ କରୁଥିଲେ ଓ ତାଙ୍କ କାମ ମଧ୍ୟ ସହଜ ହୋଇଯାଉଥିଲା । ବାସ୍ତବିକ ସେ ୱକ୍‌ଫ୍‌ର ଆତ୍ମାକୁ କାଏମ୍ କରିଛନ୍ତି । ପୁଣି ସେହି ପୁଅ କହୁଛନ୍ତି ଯେ ଯମାତ୍‌ର କାର୍ଯ୍ୟବ୍ୟସ୍ତତା ସତ୍ତ୍ୱେ ମଧ୍ୟ ଘରର ସମସ୍ତ ଦାୟିତ୍ୱ ନିର୍ବାହ କରିବାରେ ବେବେ ବି ଅବହେଳା କରିନାହାନ୍ତି । ପ୍ରତ୍ୟେକ ଜିନିଷ ନିଜ ତତ୍ତ୍ୱାବଧାନରେ କରାଉଥିଲେ ।

ଲଇକ୍ ଆବିଦ୍ ସାହେବ ତହ୍‌ରିକ୍-ଏ-ଜଦିଦ୍‌ରେ ମୁଶିରେ କାନୁନି ଅଛନ୍ତି, ସେ କହୁଛନ୍ତି: ମୁଁ ୩୮ ବର୍ଷ ହେବ ତାଙ୍କ ସହିତ ଅଛି । ସେ ଜମାତି ପ୍ରଥାର ସୁରକ୍ଷାର୍କତା ଥିଲେ । ତାଙ୍କର ଅନେକ ସୁଗୁଣ ମଧ୍ୟରୁ ଗୋଟିଏ ସୁଗୁଣ ଏହା ଥିଲା ଯେ ସେ ବହୁତ ତୀକ୍ଷ୍ଣତାର ସହିତ ଜମାତ୍‌ର ସମ୍ପତିକୁ ସୁରକ୍ଷିତ ରଖିବା ପାଇଁ ବହୁତ ଜରୁରୀ ଜାଣୁଥିଲେ । ତାଙ୍କର ଜଣେ ସହପାଠୀ ମୁହମ୍ମଦ ଇଦ୍‌ରିସ୍ ସାହେବ କହୁଛନ୍ତି ଯେ ୱକ୍‌ଫ୍ କରିବାପରେ ସେହି ନୀରବ ରହୁଥିବା ଖାଲିଦ୍ ଜଣେ ଅନନ୍ୟ ବ୍ୟକ୍ତିତ୍ୱ ହୋଇଗଲେ । ଖିଲାଫତ୍ ସହିତ ତାଙ୍କର ପ୍ରେମଭାବ ତାଙ୍କ ଅଙ୍ଗପ୍ରତ୍ୟଙ୍ଗରେ ଭରି ରହିଥିଲା । ଖଲିଫାଙ୍କ ଆଜ୍ଞାପାଳନ କରିବା ତାଙ୍କ ଓଢ଼ିବା ଓ ବିଛଣା ହୋଇଯାଇଥିଲା । ସବୁବେଳେ ଧର୍ମସେବାରେ ମଜ୍ଜି ରହିବା ତାଙ୍କର ପ୍ରାୟ ଆଧାର ହୋଇଯାଇଥିଲା । ୱକାଲତେ ମାଲ୍ ସାଲିସ୍‌ର ଜଣେ କର୍ମୀ କହୁଛନ୍ତି: ଦଫ୍‌ତର୍‌କୁ ଯେଉଁ ଡ଼ାକ ମଧ୍ୟ ଆସୁଥିଲା, ତାକୁ ଅସମ୍ପୂର୍ଣ୍ଣ ରଖୁନଥିଲେ । ତତ୍‌କ୍ଷଣାତ୍ କାରବାଇ କରୁଥିଲେ । ଆମକୁ ତାଙ୍କ ଏ ଉପଦେଶ ଥିଲା ଯେ ଆଜିର କାମ ଆଜି ହିଁ କରନ୍ତୁ । ଜୀବନର କିଛି ଭରସା ନାହିଁ କାଲି ମୌକା ମିଳିବ କି ନାହିଁ ଜଣାନାହିଁ । ସେ ଯାହା ହେଉ ସେମିତି କି ମୁଁ କହିସାରିଛି ଯେ ପାକିସ୍ତାନରେ ହେଉ ବା ବିଦେଶରେ ହେଉ, ଯେଉଁଠାକୁ ବି ସେ ଯାଇଛନ୍ତି ସେଠାରେ ବହୁତ ଭଲ ପ୍ରଭାବ ପକାଇଛନ୍ତି ଏବଂ ସେବା କରିବାର ମନୋଭାବ ନେଇ କାମ କରିଛନ୍ତି ଏବଂ ବହୁତ ନିଷ୍ଠାର ସହିତ ନିଜ ୱକ୍‌ଫ୍‌କୁ ନିର୍ବାହ କରିଛନ୍ତି । ଅଲ୍ଲାଃ ତାଲା ତାଙ୍କର ସ୍ତରକୁ ଉଚ୍ଚରୁ ଉଚ୍ଚତର କରନ୍ତୁ । ତାଙ୍କ ସନ୍ତାନମାନଙ୍କୁ ମଧ୍ୟ ତାଙ୍କ ପୂଣ୍ୟଗୁଡ଼ିକୁ ଅଭ୍ୟାହତ ରଖିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।

ତା'ପର ଜନାଯାଃ ହେଉଛି ମୋକରମ୍ ମୁବାରକ୍ ଅହେମଦ୍ ତାହେର୍ ସାହେବ୍ ମୁଶିରେ କାନୁନି ସଦର ଅଞ୍ଜୁମନ ଅହେମଦୀୟାଙ୍କର । ତାଙ୍କର ଦେହାନ୍ତ ୧୭ ଫେବୃୟାରୀ ଦିନ ତାହେର୍ ହାର୍ଟ ଇନ୍‌ଷ୍ଟିଚ୍ୟୁଟ୍ (Taher Heart Institute) ରେ ୮୧ ବର୍ଷ ବୟସରେ ହୋଇଯାଇଅଛି । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ*

ତାଙ୍କ ଘରେ, ତାଙ୍କ ବଂଶରେ ଅହେମଦୀୟତ୍ ତାଙ୍କ ବାପା ମୋହତରମ୍ ସୁଫି ଗୁଲାମ୍ ମୁହମ୍ମଦ ସାହେବଙ୍କ ଜରିଆରେ ୧୯୨୭ ମସିହାରେ ଆସିଥିଲା । ଯେତେବେଳେ କାଦିଆନ୍‌ରେ ଜମାତ୍ ପ୍ରତିଷ୍ଠା ହେବାର ଖବର ସେ ପାଇଲେ, ସେ ତାଙ୍କ ସମ୍ପର୍କୀୟମାନଙ୍କ ସହିତ ଏ ନିଷ୍ପତି କଲେ ଯେ କାଦିଆନ୍‌ରେ ଯାଇ ଦେଖିଆସିବା । ଅତଏବ୍ ୧୯୨୬ ମସିହାରେ ଥର୍‌ପାର୍କର ସିନ୍ଧ୍‌ରୁ ଆସି କାଦିଆନ୍‌ରେ ଜଲ୍‌ସା ସାଲାନାରେ ସାମିଲ ହେଲେ । ହଜ୍‌ରତ୍ ମୁସ୍‌ଲେହ ମଉଦ୍ ଓ ଜମାତ୍ ଦ୍ୱାରା ବହୁତ ପ୍ରଭାବିତ ହେଲେ, କିନ୍ତୁ ବୟତ କଲେନାହିଁ । ତା'ପରବର୍ଷ ପୁଣି ସେ ଇଚ୍ଛା କଲେ କିନ୍ତୁ ବାକି ସାଥିମାନେ ମନା କରିଦେଲେ । ସେ ଯାହା ହେଉ ତା' ପରବର୍ଷ ୧୯୨୭ ମସିହାରେ ଯେବେ ସେ କାଦିଆନ୍ ଯାଇ ଜଲ୍‌ସା ଶୁଣିଲେ, ତା'ପରେ ବୟତ୍ ମଧ୍ୟ କରିନେଲେ । ସେତେବେଳେ ତାଙ୍କର ବୟସ ୨୮ ବର୍ଷ ଥିଲା । ତାଙ୍କ ଗାଁର ଲୋକମାନେ କଠିନ ଅହ୍‌ଲେ ହଦିସ୍ ସମ୍ପ୍ରଦାୟର ଥିଲେ । ତାଙ୍କର ବହୁତ ବିରୋଧ ହେଲା । ଶଶୁରଘର ଲୋକେ ତାଙ୍କ ସ୍ତ୍ରୀକୁ ଏହା କହି ଡ଼ାକିନେଲେ ଯେ ଇଏ କାଫିର୍ (ଅର୍ଥାତ ବିଧର୍ମ) ହୋଇଯାଇଛଇ କିନ୍ତୁ କିଛି ଦିନ ପରେ ତାଙ୍କ ପତ୍ନୀ କହିଲେ ଯେ ମୁଁ ତାଙ୍କୁ ଦେଖିନେଇଛି ଯେ ସେ କାଫିର୍ ହେବା ପରେ ମଧ୍ୟ ପୂର୍ବଠାରୁ ଅଧିକ ମୁସଲମାନ ହୋଇଯାଇଛନ୍ତି । ତେଣୁ ସେ ସ୍ୱାମୀଙ୍କ ନିକଟକୁ ଫେରି ଆସିଲେ ଓ କହିଲେ ମୁଁ ଏହା ଭାବିପାରୁନାହିଁ ଯେ ତାଙ୍କଠାରୁ ଅଲଗା ରହିବାର କାରଣ କଣ ? ସେ ଯାହା ହେଉ ସମ୍ପୂର୍ଣ୍ଣ ଗ୍ରାମଟି ତାଙ୍କ ପରିବାରକୁ ବାଇକାଟ କରିଦେଲା । ଏପରିକି ଗାଁରେ ପାଣି ନେବାପାଇଁ ଥିବା କୂଅ ମଧ୍ୟ ବନ୍ଦ କରିଦେଲେ । କେତେ ମାଇଲ୍ ଦୂରକୁ ଯାଇ ପାଣି ଆଣିବାକୁ ପଡୁଥିଲା । ସେ କହୁଛନ୍ତି ଯେ କିଛି ସପ୍ତାହ ଯାଇଛି କି ନାହିଁ ଗ୍ରାମର ସେହି କୂଅର ପାଣି ଶୁଖିଗଲା । ଗ୍ରାମବାସୀ ଏକଥା ବୁଝିପାରିଲେ ଯେ ଆମେ ସୁଫି ସାହେବଙ୍କୁ ପାଣି ବନ୍ଦ କରିଦେଇଥିଲୁ, ସେଥିଯୋଗୁଁ ଏ କୂଅର ପାଣି ଶୁଖିଗଲା । ତା'ପରେ ଯେବେ ପୁର୍ନବାର କୂଅ ତିଆରି କରିବା ନିମନ୍ତେ ତାଙ୍କ ନିକଟକୁ ଆସି କହିଲେ ଯେ ଆପଣ ସର୍ବପ୍ରଥମେ ନିଜର ଚାନ୍ଦା ଦିଅନ୍ତୁ କାରଣ ଆପଣ ଏଥିପାଇଁ ଚାନ୍ଦା ଦେଲେ କୂଅରୁ ପାଣି ବାହାରିବ ଓ ଜାରି ମଧ୍ୟ ରହିବ । ସେ ଯାହା ହେଉ ବନ୍ଧୁବାନ୍ଧବମାନେ ଅହେମଦିୟତ୍ ତ ଗ୍ରହଣ କଲେ ନାହିଁ କିନ୍ତୁ ଏହି ଘଟଣା ପରେ ବିରୋଧ କରିବା ବନ୍ଦ କରିଦେଲେ ।

ତାଙ୍କ ପତ୍ନୀ ରାଶ୍‌ଦାଃ ପରୱିନ୍ ସାହିବା ଅଛନ୍ତି ଏବଂ ଅଲ୍ଲାଃ ତାଲା ତାଙ୍କୁ ଚାରିଜଣ ପୁତ୍ର ଓ ଦୁଇଜଣ ପୁତ୍ରୀ ଦେଇଛନ୍ତି । ଗୋଟିଏ ପୁଅ ହାଫିଜ୍ ଏଜାଜ୍ ଅହ୍‌ମଦ୍ ତାହିର୍ ଏଠି ଇସ୍‌ଲାମାବାଦ୍‌ରେ ରହୁଛନ୍ତି । ସେ ମୁରବୀ ସିଲ୍‌ସିଲା ଅଟନ୍ତି । ଜାମିଆ ଅହେମଦିୟା ୟୁ.କେରେ ପଢ଼ାଉଛନ୍ତି । ଦ୍ୱିତୀୟ ପୁତ୍ର ନସର୍ ଅହ୍‌ମଦ୍ ତାହେର୍ ୱାକିଫେ ଜିନ୍ଦେଗୀ । ସେ ରିଭ୍ୟୁ ଅଫ୍ ରିଲିଜିଅନ୍ କାନାଡ଼ାରେ କାମ କରୁଛନ୍ତି ।

ମୋକରମ୍ ମୋବାରକ୍ ତାହେର୍ ସାହେବ୍ ୧୯୬୮ ମସିହାରେ ଇକୋନୋମିକ୍ସରେ ଏମ୍.ଏ କରିଥିଲେ । ପୁଣି ୧୯୬୯ ମସିହାରେ ଏଲ୍ ଏଲ୍ ବି ଡ଼ିଗ୍ରୀ ହାସଲ କଲେ । ପୁଣି ଜାନୁୟାରୀ ୧୯୭୦ ମସିହାରେ ତାଙ୍କ ୱକ୍‌ଫ୍ ମଞ୍ଜୁର୍ ହେଲା ଏବଂ ୱକାଲତେ ଉଲିଆର ଜଣେ କ୍ଲର୍କ ଭାବରେ ପ୍ରଥମ ଶ୍ରେଣୀ କର୍ମଚାରୀ ଭାବେ ନିଯୁକ୍ତି ପାଇଲେ । ପୁଣି ୫ ଫେବୃୟାରୀ ୧୯୭୧ ମସିହାରେ ଜଣେ ଶିକ୍ଷକ ଭାବେ ତାଙ୍କୁ ୟୁଗାଣ୍ଡା ପଠାଇ ଦିଆଗଲା । ୧୯୭୨ ମସିହାରେ ସେଠାରୁ ଲେଉଟି ଆସିଲେ । ପୁଣି ୱକାଲତେ ମାଲ୍ ସାନିରେ କିଛି କାମ କରିବାର ସୁଯୋଗ ପାଇଲେ । ପୁଣି ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ରହେମୁଲ୍ଲାଃ ୧୯୭୬ ମସିହାରେ ତାଙ୍କୁ ଲାହୋର୍‌ରେ ବିଭିନ୍ନ ୱକିଲମାନଙ୍କ ସହିତ ଇନ୍‌କମ୍ ଟ୍ୟାକ୍ସ ଓ ଜାଏଦାଦ୍ (ସମ୍ପତିବାଡ଼ି) ସମ୍ବନ୍ଧିତ କାମରେ ଟ୍ରେନିଂ କରାଇଲେ । ବାର୍ କାଉଁସିଲ୍‌ରେ enrol ମଧ୍ୟ ହେଲେ । ୧୯୭୦ ମସିହାରେ ସେ ତହ୍‌ରିକ୍-ଏ-ଜଦିଦ୍‌ର ମୁଶିରେ କାନୁନି ନିଯୁକ୍ତ ହେଲେ । ମୃତ୍ୟୁ ପର୍ଯ୍ୟନ୍ତ ଏହି ସେବାରେ ରହିଥିଲେ । ତାଙ୍କ ସେବାର ସମୟ ପଚାଶ ବର୍ଷରୁ ଅଧିକା । ମର୍କଜି ଖୁଦାମୁଲ୍ ଅହେମଦୀୟାରେ ମଧ୍ୟ ତାଙ୍କୁ ବିଭିନ୍ନ ବିଭାଗରେ ମୋହ୍‌ତମିମ୍ ଭାବରେ ସେବା କରିବାର ସୌଭାଗ୍ୟ ମିଳିଛି ।

ତାଙ୍କ ପତ୍ନୀ ରାଶ୍‌ଦାଃ ପରୱିନ୍ ସାହିବା କହୁଛନ୍ତି ଯେ, ସେ ସର୍ବଦା ହସ ହସ ଚେହେରା ନେଇ ଘରେ ପ୍ରବେଶ କରୁଥିଲେ । ସଲାମ୍ କରୁଥିଲେ ଓ ଘରେ ପ୍ରଥମେ ନମାଜ ପାଠ କରୁଥିଲେ ତା'ପରେ ଯାଇ ଖାଦ୍ୟ ଖାଉଥିଲେ । ପୁଣି ସେ କହୁଛନ୍ତି ଯେ, ସବୁ ଖଲିଫାମାନଙ୍କ ସହିତ ତାଙ୍କର ବିତିଥିବା ଘଟଣାବଳୀକୁ ସେ ବହୁତ ମନେପକାଉଥିଲେ । ଯେତେବେଳେ ନିଜ କୁଟୁମ୍ବର ପିଲାମାନଙ୍କ ସହିତ ବସୁଥିଲେ ସେତେବେଳେ ଇମାନ୍ ଅଫ୍‌ରୋଜ୍ (ବିଶ୍ୱାସବର୍ଦ୍ଧକ) ଘଟଣାବଳୀଗୁଡ଼ିକ କହୁଥିଲେ । ଖିଲାଫତ୍ ସହିତ ଯୋଡ଼ି ହୋଇ ରହିବାର ବର୍‌କାତ୍ ଏବଂ ଅଲ୍ଲାଃ ତାଲାଙ୍କ କୃପା ମିଳିବାର କଥା ବତାଉଥିଲେ । ନୀରବତାର ସହିତ ଅଭାବି ଲୋକମାନଙ୍କୁ ସାହାଯ୍ୟ କରୁଥିଲେ । ଏହା ଆମକୁ ମଧ୍ୟ ଜଣାପଡୁନଥିଲା ଯାହାକୁ ସାହାଯ୍ୟ କରୁଥିଲେ ସେ ଯେତେବେଳେ କୌଣସି ମାଧ୍ୟମ ଦ୍ୱାରା ଏକଥା ବତାଉଥିଲେ ସେତେବେଳେ ଯାଇ ଆମେ ଜାଣିପାରୁଥିଲୁ । ଅନ୍ୟମାନଙ୍କ ଦୁଃଖରେ ଦୁଃଖି ଓ ଖୁସିରେ ଖୁସି ହେଉଥିଲେ । ନୱାଫିଲ୍ ନମାଜ ପଢୁଥିଲେ ତିଲାୱତ କରୁଥିଲେ, ଦରୁଦ୍ ଶରିଫ୍ ପାଠ କରନ୍ତି । ସେ କହୁଥିଲେ ଯେ, ୱାକିଫେ ଜିନ୍ଦେଗୀଙ୍କ କାମର ସଫଳତା ଖୁଦାତାଲା ନିଜ ଦାୟିତ୍ୱରେ ନେଇ ନେଇଥାଏ ତେଣୁ ଅଲ୍ଲାଃଙ୍କ ଉପରେ ଭରଷା କରନ୍ତୁ, ଦୁଆ କରନ୍ତୁ, ଇସ୍ତେଗଫାର୍ କରନ୍ତୁ ଏବଂ ଖିଲାଫତ୍ ସହିତ ପ୍ରେମ କରନ୍ତୁ ଓ ଦୁଆ କରିବା ନିମନ୍ତେ ଖଲିଫାଙ୍କ ନିକଟକୁ ଚିଠି ଲେଖନ୍ତୁ । ଏହା ବହୁତ ଜରୁରୀ ଅଟେ ଏବଂ ଏହିସବୁ କଥା ବାସ୍ତବିକ କଥା । ତାଙ୍କ ନିକଟରେ ଈଶ୍ୱର ଭରଷା ବହୁମାତ୍ରାରେ ଥିଲା ବଡ଼ ବଡ଼ କଠିନ କାମ ମଧ୍ୟ ମୁଁ ଦେଖିଛି ଯେତେବେଳେ ମୁଁ ନାଜିରେ ଆଲା ଥିଲି ତାଙ୍କଠାରେ ଈଶ୍ୱରଙ୍କ ଉପରେ ଭରଷା କରିବାର ଏହି ଗୁଣକୁ ମୁଁ ଦେଖିଛି ଓ ସର୍ବଦା ଏକଥା କହୁଥିଲେ ଏହା ହେଉଛି ଯମାତ୍‌ର କାମ ଖଲିଫାଙ୍କର ଦୁଆ ଆମ ସହିତ ଅଛି ଇନ୍‌ଶାଅଲ୍ଲାଃ ଏହା ହୋଇଯିବ । ସଦ୍‌କା ଏବଂ ଖୈରାତ ଓ ଦୁଆ ସହିତ କାମ ଆରମ୍ଭ କରୁଥିଲେ । ପୁଣି ଅଲ୍ଲାଃ ତାଲାଙ୍କ କୃପାରୁ ତାଙ୍କୁ ସଫଳତା ବି ମିଳୁଥିଲା ।

ତାଙ୍କ ପୁତ୍ର ହାଫିଜ୍ ଏଜାଜ୍ ସାହେବ କହୁଛନ୍ତି ଯେ, ସେ ଗୋଟିଏ ଘଟଣା ଶୁଣାଇଛନ୍ତି କି, ୧୯୬୭ ମସିହାରେ ଯେତେବେଳେ ଖଲିଫତୁଲ୍ ମସିହ୍ ତୃତୀୟ ଟ୍ରେନ ଜରିଆରେ କରାଚୀ ଯାଉଥିଲେ ସେ ସମୟରେ ହାଇଦ୍ରାବାଦ ଷ୍ଟେସନ ଠାରେ ରେଳଗାଡ଼ିଟି କିଛି ସମୟ ପାଇଁ ରହିଲା । ଅହେମଦୀମାନେ ବହୁ ସଂଖ୍ୟାରେ ହଜୁରଙ୍କ ସହିତ ସାକ୍ଷାତ କରିବାପାଇଁ ସେଠାକୁ ଆସିଥିଲେ । ହଜୁର ରେଳଗାଡ଼ିର କବାଟ ନିକଟରେ ଛିଡ଼ା ହୋଇଥିଲେ ସେଠାରୁ ହଜୁର ମୁକରମ୍ ମୁବାରକ୍ ତାହେର୍ ସାହେବଙ୍କୁ ହାତରେ ଇସାରା କରି ଡ଼ାକିଲେ ଏହା ପୂର୍ବରୁ ତାଙ୍କ ସହିତ କୌଣସି ପରିଚୟ ନଥିଲା । ତାଙ୍କର ଏ ଭାବନା ଥିଲା ଯେ, ଖଲିଫା ବୋଧ ହୁଏ ତାଙ୍କୁ ଜାଣିନାହାନ୍ତି ସେ ଯାହା ହେଉ ମୁବାରକ୍ ତାହେର୍ ସାହେବ ଭିଡ଼ ଭିତରୁ ଶିଘ୍ର ଶିଘ୍ର ବାହାରି ହଜୁରଙ୍କ ଆଡ଼କୁ ବଢ଼ିଲେ । ଯେତେବେଳେ ସେ କବାଟ ନିକଟରେ ପଂହଚିଲେ, ହଜୁର ନିଜ ସେରୱାନି ପକେଟରୁ କିଛି ପଇସା ବାହାର କରି ମୁବାରକ୍ ତାହେର୍ ସାହେବଙ୍କ ପକେଟରେ ରଖିଦେଲେ । ତା'ପରେ ଟ୍ରେନଟି ଚାଲିବାକୁ ଲାଗିଲା । ମୁବାରକ୍ ତାହେର୍ ସାହେବ କହୁଥିଲେ ଯେ, ହଜ୍‌ରତ୍ ଖଲିଫତୁଲ୍ ମସିହି ସାଲିସ୍ ରହେମୁଲ୍ଲାଃ ଯେଉଁ ପଇସା ମୋ ପକେଟରେ ରଖିଥିଲେ ତା ବର୍‌କତ୍‌ରୁ ସର୍ବଦା ମୋ ପକେଟ ଭରି ରହେ ଓ ଏହା ପ୍ରକୃତ କଥା ଯେ, ଅଲ୍ଲାଃ ତାଲା ତାଙ୍କ ପକେଟକୁ ଭରି ରଖଥିଲେ ଓ ଅସାଧାରଣ ରୂପେ ତାଙ୍କୁ କିଛି ଆମଦାନୀ ଆସିଯାଉଥିଲା । ତେଣୁ ସେ ତାକୁ ଖର୍ଚ୍ଚ ମଧ୍ୟ କରୁଥିଲେ । ଗରୀବମାନଙ୍କ ପାଇଁ ଓ ଯମାତ୍ ନିମନ୍ତେ ସେ ବହୁତ ଖର୍ଚ୍ଚ କରୁଥିଲେ ।

ସେ ଯାହା ହେଉ କିଛି ଦିନ ପରେ ସେ ଗୋଟିଏ ସ୍ୱପ୍ନର ଆଧାରରେ ନିଜକୁ ୱକ୍‌ଫ କରିଦେଲେ । ଯେତେବେଳେ ସେ ତାଙ୍କ ଜୀବନକୁ ୱକଫ୍ କରିଦେଲେ ସେତେବେଳେ

ତାଙ୍କର ବିବାହ ପ୍ରସ୍ତାବ ସରିଥିଲା, ନିକାହ ମଧ୍ୟ ହୋଇସାରିଥିଲା । ସେ ହାଇଦ୍ରାବାଦ୍‌ରେ ଥିଲେ, ତାଙ୍କ ବନ୍ଧୁବାନ୍ଧବମାନେ ତାଙ୍କ ପତ୍ନୀଙ୍କୁ ଚିକିତ୍ସା ପାଇଁ ସେଠାକୁ ଆଣିଲେ । ତାଙ୍କୁ ମଧ୍ୟ ବତାଇଲେ ଯେ, ଡ଼ାକ୍ତରଙ୍କ ନିକଟକୁ ଯିବାକୁ ହେବ । ସେ ଯେତେବେଳେ ସେଠାରେ ଟ୍ରେନରୁ ଓହ୍ଲାଇଲେ ସେତେବେଳେ ସେହି ବନ୍ଧୁ ମହିଳା ଜଣକ କହିଲେ ଯେ, ଶୁଣିଲୁ ଯେ ତୁମେ ୱକଫ୍ କରିଦେଇଛ, ଯେବେକି ୱକଫ୍ କରୁଥିବା ଲୋକଙ୍କୁ ଖାଇବାକୁ ପଇସା ମଧ୍ୟ ମିଳୁନାହିଁ । ସେଠାରେ ମୁବାରକ୍ ସାହେବ ତତ୍‌କ୍ଷଣାତ୍ କହିଲେ ଯେ, ଏବେ ମୋର ନିକାହ୍ ହୋଇଯାଇଛି । ରୁଖ୍‌ସତି (ଝିଅ ବିଦାୟ) ହୋଇନାହିଁ, ତେଣୁ ଆପଣ ନିଜ ଝିଅକୁ ନିଜ ଘରକୁ ନେଇଯାଆନ୍ତୁ ଯଦି ଆପଣଙ୍କୁ ଏ ବିଷୟରେ କିଛି ସନ୍ଦେହ ଅଛି ଏବଂ ସେଠାରୁ ନାରାଜ ହୋଇ ଚାଲିଗଲେ । ସେ ଯାହା ହେଉ ସେ ଆତ୍ମ ସମ୍ମାନ ରଖିଲେ ଓ ଅଲ୍ଲାଃ ତାଲା ମଧ୍ୟ ନିଜର ଆତ୍ମସମ୍ମାନ ରଖିଲେ ଯେ, ୱକ୍‌ଫେ ରହିବା ସମୟରେ ମଧ୍ୟ ତାଙ୍କୁ ବହୁତ କିଛି ପ୍ରଦାନ କଲେ । ସୁତରାଂ ଆର୍ଥିକ ଦୃଷ୍ଟିକୋଣରୁ ସେ ବହୁତ ସ୍ୱଚ୍ଛଳ ଥିଲେ ।

ଖଲିଫତୁଲ୍ ମସିହ୍ ସାଲିସ୍ ରହେମୁଲ୍ଲାଃଙ୍କ ସମୟରେ ସେ ମୁଶିରେ କାନୁନି୍ ଥିଲେ । କେସ୍‌ଗୁଡ଼ିକୁ ଦେଖିବାପାଇଁ ସହରରୁ ବାହାରକୁ ଯିବାକୁ ପଡୁଥିଲା । ବସ୍‌ରେ ଯାତ୍ରା କରିବାକୁ ପଡୁଥିଲା । ସେତେବେଳେ ରବୱାରେ ସମସ୍ତଙ୍କ ନିକଟରେ ଯାତ୍ରା କରିବାପାଇଁ କାର୍ ଇତ୍ୟାଦି ନଥିଲା ଓ ଖଲିଫାଙ୍କର ନିର୍ଦ୍ଦେଶ ଥିଲା ଯେ, ଯେବେବି ଯାତ୍ରା କରି ଫେରିବ ମତେ ଆସି ରିପୋର୍ଟ କରିବ । ସେ କହୁଛନ୍ତି ଥରେ ବହୁତ ବିଳମ୍ବ ହୋଇଗଲା । ମଧ୍ୟରାତିରେ ଫଜର୍ ନମାଜର ଦୁଇଘଂଟା ପୂର୍ବରୁ ମୁଁ ରବୱାରେ ପହଂଚିଲି ଓ ମୁଁ ଏ ଚିନ୍ତା କଲି ଯେ, ଏବେ ଯାଇ ଖଲିଫତଲ୍ ମସିହିଙ୍କୁ ଯଦି ଏତେଲା ଦେବ ତେବେ ତାଙ୍କ ରାତିର ନିଦ ଖରାପ ହୋଇଯିବ । ଜଣାନାହିଁ ସେ ନମଜା ପଢୁଥିବେ କି ଶୋଇଥିବେସେ ଯାହା ହେଉ ନମାଜର ଦୁଇଘଂଟା ପୂର୍ବରୁ ମୁଁ ପହଂଚିଲି ଓ ଭାବିଲି ଯେ ଫଜର୍ ନମାଜ ବେଳେ ଏତେଲା ଦେଇଦେବି । ଫଜର୍ ନମାଜ ସମୟରେ ହଜ୍‌ରତ୍ ଖଲିଫତୁଲ୍ ମସିହ ସାଲିସ୍ ତାଙ୍କୁ ଦେଖି କହିଲେ ଯେ, ମୁବାରକ୍ ସାହେବ କେତେ ରାତିରେ ଆସିଲ ? ସେ କହିଲେ ଏବେ ଦେଢ଼ ଦୁଇଘଂଟା ପୂର୍ବରୁ ପହଂଚିଛି । ଏଥିରେ ହଜ୍‌ରତ୍ ସାହାବ କହିଲେ ଯେ, ଯଦି ଆସି ମତେ ସେତେବେଳେ ବତାଇ ଦେଇଥାନ୍ତି ମୁଁ ମଧ୍ୟ କିଛି ଘଡ଼ି ଶୋଇପଡ଼ିଥାନ୍ତି । ମୁଁ ତ ତମୁକ ଅପେକ୍ଷା କରିଥିଲି ଯେ, ଜଣାନାହିଁ ଯାତ୍ରା କରି ଭଲରେ ପହଂଚିଲ କି ନାହିଁ ।

ପୁଣି ତାଙ୍କ ପୁଅ କହୁଛନ୍ତି ଯେ , ଯେତେବେଳେ ମୁଁ ୱକ୍‌ଫ କରି ଜାମିରେ ନାମ ଲେଖାଇବାପାଇଁ ଇଚ୍ଛା କଲି ସେତେବେଳେ ସେ ମତେ କହିଲେ ଯେ, ୱକ୍‌ଫ୍ ହେଉଛି ଆଜ୍ଞାନୁବର୍ତିତା ର ନାମ, ତୁମ ମିଜାଜ୍‌ରେ ଟିକିଏ ଗରମ ରହିଛି ଏମିତି ହେଲେ ୱକଫ୍ ଚଳିବାନାହିଁ । ଓକ୍‌ଫ ତ କେବଳ ନୀରବତା ଓ ଆଜ୍ଞାନୁବତିତାର ସହି ସେବା କରିବାର ନାମ ଅଟେ । ଯଦି ଏହା କରିପାରିବ ତେବେ ବହୁତ ଖୁସିର କଥା ନଚେତ ମତେ ଏହା ପସନ୍ଦ ନୁହେଁ ଯେ ତୁମେ ୱକଫ୍ କର ଓ ପୁଣି ତାକୁ ଛଡ଼ିଦି । ଏହିଭଳି ସେ ତାଙ୍କ ପୁଅକୁ ସେ ଉପଦେଶ ଦେଲେ ଓ ତର୍‌ବିୟତ୍ କଲେ । ଅଲ୍ଲାଃଙ୍କ କୃପାରୁ ଏ ପର୍ଯ୍ୟନ୍ତ ତାଙ୍କ ପୁତ୍ର ୱକଫ୍ ନିର୍ବାହ କରିବାର ସୌଭାଗ୍ୟ ପାଉଛନ୍ତି ଓ ଆସନ୍ତାକୁ ମଧ୍ୟ ସୌଭାଗ୍ୟ ମିଳିଚାଲିବ । ଖଲିଫାଙ୍କ ଖୁତ୍‌ବା ସମୟରେ ଘରର ଲୋକମାନଙ୍କୁ ଏ ନିର୍ଦ୍ଦେଶ ଥିଲା ଯେ ଖୁତ୍‌ବା ଚାଲିଥିବା ସମୟରେ ସବୁ କାମକୁ ଛାଡ଼ି ଧ୍ୟାନ ଦେଇ ଖୁତ୍‌ବା ଶୁଣନ୍ତୁ । ଯଦି କୌଣସି ଉପଦେଶ, ନିର୍ଦ୍ଦେଶ ବା ମାଲୀ କୁର୍‌ବାନୀର ଆହ୍ୱାନ ମିଳେ ତେବେ ଖୁତ୍‌ବା ଶେଷ ହେବା କ୍ଷଣି ସେହି ତହ୍‌ରିକ୍‌କୁ ପାଳନ କରନ୍ତି ତତ୍‌ସହିତ ପିଲାମାନଙ୍କୁ ମଧ୍ୟ ପାଳନ କରିବାପାଇଁ ନିର୍ଦ୍ଦେଶ ଦିଅନ୍ତି ।

ମିର୍ଜା ଅଦିଲ୍ ଅହେମଦ୍ ଯିଏ ଅଞ୍ଜୁମନ୍ ଅହେମଦୀୟାରେ ତାଙ୍କର ସହାୟକ ମୁଶିରେ କାନୁନି ଅଛନ୍ତି, ସେ କହୁଛନ୍ତି ଯେ, ମୁଁ ଯାହା ଦେଖିଛି ସେ ଖିଲାଫତ୍‌ର ସଚ୍ଚା ପ୍ରେମୀ ଥିଲେ । ତାଙ୍କୁ ଦୁଆ ଉପରେ ପୁର୍ଣ୍ଣ ବିଶ୍ୱାସ ଥିଲା । ଯଦି କୌଣସି ଅସୁବିଧା ଆସେ ବା କୌଣସି କଠିନ କାମ କରିବାକୁ ଥାଏ ସେତେବେଳେ ସେ ନୱାଫିଲ୍ ନମାଜରେ ବହୁତ ଦୁଆ କରନ୍ତି, ସଦ୍‌କା ମଧ୍ୟ ଦିଅନ୍ତି ଏବଂ ଖଲିଫାଙ୍କ ନିକଟକୁ ଚିଠି ଲେଖନ୍ତି ଓ କୁହନ୍ତି ଦେଖିବ ଅଲ୍ଲାଃ ତାଲା କୃପା କରିବେ । ପୁଣି ସେ କହୁଛନ୍ତି ଯେ, ସେ ବଡ଼ ସ୍ୱାଭିମନ ମଣିଷ ଥିଲେ । କିନ୍ତୁ ଯମାତ୍ ପାଇଁ ଯଦି କୌଣସି ଦଫତର୍‌ରେ ଯାଇ ଚାହା ତିଆରି କରୁଥିବା ବା ପିଅନଙ୍କ ନିକଟରେ କିଛି କହିବାକୁ ଥାଏ ତେବେ ସେଥିରେ କିଛି ଖରାପ ଭାବୁନଥିଲେ ଏବଂ ଅଫିସରମାନଙ୍କ ସହିତ ଯୋଗାଯୋଗ ରଖିବାପାଇଁ ଯଥାସମ୍ଭବ ସାଧନକୁ ବ୍ୟବହାର କରୁଥିଲେ ।

ଥରେ ସେ କୌଣସି ନିଷ୍ପତି କଲେ ଅଞ୍ଜୁମନର ଏ ରାୟ ଥିଲା ଯେ, ଯଦି ଏହି ନିଷ୍ପତି ଉପରେ କାର୍ଯ୍ୟ କରାଯାଏ ତାହେଲେ ଯମାତ୍ ଉପରେ ଏହାର ଖରାପ ପଡ଼ିବାର ସମ୍ଭାବନା ରହିଛି । ସେ ମତେ କହିଲେ ଯେ, ଏହି ନିଷ୍ପତି ଠିକ୍ ଲାଗୁନାହିଁ କିନ୍ତୁ ପୁଣି ସେ କହିଲେ ଯେ, ଖଲିଫାଙ୍କ ନିକଟକୁ ଆମେ ଆମର ରାୟ ଲେଖିଦେବା । ଆମର କାମ ହେଉଛି ଖଲିଫାଙ୍କ ନିକଟରେ ଆମର ରାୟକୁ ପହଂଚାଇ ଦେବା ଆଗୁ ସେ ଯେଉଁ ନିଷ୍ପତି କରିବେ ସେଥିରେ ହିଁ ବର୍‌କତ୍ ରହିଛି ।

ଡ଼ାକ୍ତର ସୁଲ୍‌ତାନ୍ ମୁବଶିର୍ ସାହେବ କହୁଛନ୍ତି ଯେ ଅଫିସରମାନଙ୍କ ସହିତ ତାଙ୍କର ସମ୍ପର୍କ ବହୁତ ଭଲ ଥିଲା ସେହି ସମ୍ପର୍କକୁ ସେ ସମ୍ପ୍ରଦାୟର ହିତ ପାଇଁ ବ୍ୟବହାର କରୁଥିଲେ । କଠିନରୁ କଠିନ ପରିସ୍ଥିତିରେ ମଧ୍ୟ ତାଙ୍କ ଚେହେରାରେ ହସ ଫୁଟୁଥିଲା । ତାଙ୍କ ଚେହେରାରେ କେବେବି ବ୍ୟତିବ୍ୟସ୍ତତାର ଚିହ୍ନ ରହୁନଥିଲା । ଯମାତ୍‌ର ମୋକଦ୍ଦମା ପାଇଁ ଏମିତି ସ୍ଥାନକୁ ଯିବାକୁ ପଡୁଥିଲା ଯେଉଁଠି ଅନ୍ୟ ସମସ୍ତ ଅସୁବିଧା ବ୍ୟତିତ ନିଜ ଜୀବନକୁ ମଧ୍ୟ ବିପଦ ଥାଏ । କିନ୍ତୁ ସେହି ବାହାଦୂର୍ ବ୍ୟକ୍ତି ଜଣକ କେବେ ବି ନିଜ ଦାୟିତ୍ୱ ତୁଲାଇବାରେ ଅବହେଳା କରିନାହାନ୍ତି । ଯେମିତି କି ମୁଁ କହିସାରିଛି ଯେ, ଅଲ୍ଲାଃ ତାଲା ତାଙ୍କର ଆର୍ଥିକ ସ୍ୱଚ୍ଛଳତା ବହୁତ ଭଲ ରଖିଥିଲେ । ବଣ୍ଡ ଜରିଆରେ ଅଲ୍ଲାଃ ତାଲାଙ୍କର ବହୁତ ସାହାଯ୍ୟ ମିଳୁଥିଲା ଓ ବଡ଼ ବଡ଼ ଅର୍ଥରାଶି ମଧ୍ୟ ତାଙ୍କୁ ମିଳୁଥିଲା । ଥରେ ଡ଼ାକ୍ତର ସାହେବ ଏକଥା କହୁଥିଲେ ଯେ, ବୋଧ ହୁଏ ୫୦ ଲକ୍ଷ୍ୟ ଟଙ୍କା ତାଙ୍କୁ ପୁରସ୍କାର ମିଳିଲା ଓ ସେହି ପୁରସ୍କାର ରାଶିରୁ ସେ ପ୍ରାୟତଃ ୬୦ ପ୍ରତିଶତ ବିଭିନ୍ନ ବିଭାଗରେ ଓ ଗରୀବମାନଙ୍କୁ ସାହାଯ୍ୟ କରିବାରେ ଖର୍ଚ୍ଚ କରିଦେଲେ । ଏହା ଥରେ ଅଧେ ନୁହେଁ ବରଂ ସର୍ବଦା ତାଙ୍କର ଏହି ନିୟମ ଥିଲା । ଅଲ୍ଲାଃ ତାଲା ତାଙ୍କୁ ବଡ଼ ବଡ଼ ଅର୍ଥରାଶୀ ପ୍ରଦାନ କରୁଥିଲେ । ସେଥିରୁ ସେ ବଡ଼ ଭାଗ୍‌କୁ ଚାନ୍ଦା ଆକାରର ଓ ଗରୀବମାନଙ୍କୁ ସାହାଯ୍ୟ କରିବାରେ ପଇଠ କରିଦେଉଥିଲେ । ତାଙ୍କର ଦୁଇଟି ବଡ଼ ଇଚ୍ଛା ଥିଲା ସେଥିପାଇଁ ସେ ଦୁଆ କରିବାକୁ କହୁଥିଲେ । ପ୍ରଥମ ଇଚ୍ଛାଟି ତାଙ୍କର ସେ ଶେଷ ନିସ୍ୱାଶ ପର୍ଯ୍ୟନ୍ ଏହି ସିଲ୍‌ସିଲାର ସେବା କରିବେ ଓ ଦ୍ୱିତୀୟ ଇଚ୍ଛାଟି ତାଙ୍କର ଏହା ଥିଲା କି, ଚଲାବୁଲା କରୁଥିବା ବେଳେ ହିଁ ଏ ଦୁନିଆରୁ ବିଦାୟ ନେଇଯିବେ ଓ କାହା ଉପରେ ବୋଝ ହେବେନାହିଁ । ଅଲ୍ଲାଃ ତାଲା ତାଙ୍କର ଏହି ଦୁଇଗୋଟି ଇଚ୍ଛାକୁ ପରୁଣ ମଧ୍ୟ କଲେ । ଏହିଭଳି ତାଙ୍କର ଅନେକ ସୁଗୁଣ ଥିଲା । ହଜୁର ଅନୱର ଅ:ବ:ଅ କହୁଛନ୍ତି: ମୁଁ ଦେଖିଛି ଯେ, ବହୁତ ଧୈର୍ଯ୍ୟର ସହିତ ଓ ସାହାସର ସହିତ କାମ କରୁଥିଲେ । କେବେବି ବ୍ୟସ୍ତ ବିବ୍ରତ ହୋଇନାହାନ୍ତ । ଈଶ୍ୱରଙ୍କ ଉପରେ ତାଙ୍କର ଭରଷା ଅସାଧାଣ ଥିଲା । ଅଲ୍ଲାଃ ତାଲା ତାଙ୍କ ସ୍ତରକୁ ଉଚ୍ଚ କରନ୍ତୁ ତାଙ୍କ ସନ୍ତାନମାନଙ୍କୁ ମଧ୍ୟ ତାଙ୍କ ଦୁଆର ଉତରାଧିକାରୀ ବନାନ୍ତୁ । ନମାଜ ପରେ ଏମାନେ ସମସ୍ତଙ୍କର ନମାଜ ଯନାଜାଃ ଗାଏବ ପଢ଼ାଇବି । ଇନ୍‌ଶାଅଲ୍ଲାଃ

⌘⌘⌘⌘⌘⌘⌘⌘⌘⌘

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

*ତାଲିବେ ଦୁଆ: Muhmmad Naimul Haque & Family,*
*Jamat Ahmadiyya, Pankal (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

*ତାଲିବେ ଦୁଆ: Hawa Bibi & Family,*
*Jamat Ahmadiyya, Kerang (Odisha)*


## ଦାରୁସ୍ ସନାଅତ କାଦିଆନ୍‌ରେ ନାମଲେଖା

**Ahmadiyya Vocational (Technical) Training Centre**

ସମସ୍ତ ଅହେମଦୀ ଯୁବକମାନଙ୍କ ନିମନ୍ତେ ଏହି ଘୋଷଣା କରାଯାଉଅଛି ଯେ ଅନୁଷ୍ଠାନ ଦାରୁସ୍ ସନାଅତ୍ କାଦିଆନ୍‌ରେ ନାମଲେଖା ଆରମ୍ଭ ହୋଇଯାଇଅଛି । ଏହି ଅନୁଷ୍ଠାନରେ ଇଲେକ୍‌ଟ୍ରିସିଆନ୍/ପ୍ଲମ୍‌ବିଙ୍ଗ/ୱେଲ୍‌ଡ଼ିଙ୍ଗ/ଡ଼ିଜେଲ୍ ମେକାନିକ/ମୋଟର ଭେହିକଲ୍ ମେକାନିକ୍/ Ac & Refrigerator ଏବଂ ସରକାରୀ ଅନୁଷ୍ଠାନ NSIC ର Certificate ଦିଆଯାଏ । କୌଶଳ ଶିଖିବାକୁ ଚାହୁଁଥିବା ଯୁବକମାନଙ୍କ ପାଇଁ ଉତମ ସୁଯୋଗ । ଯେଉଁ ଯୁବକମାନେ ସ୍କୁଲ୍ ଶିକ୍ଷା ସମ୍ପୁର୍ଣ୍ଣ କରିପାରିନାହାନ୍ତି, ଏହି କୋର୍ସରେ ନାମ ଲେଖାଇ ପୂର୍ଣ୍ଣ ସୁବିଧା ନେଇପାରିବେ । କାଦିଆନ୍ ବାହାରୁ ଆସୁଥିବା ଯୁବକମାନଙ୍କ ପାଇଁ ଜମାତ୍‌ର ବ୍ୟବସ୍ଥା ଅନ୍ତର୍ଗତ ହଷ୍ଟେଲ୍ ଓ ଖାଇବାର ବ୍ୟବସ୍ଥା ମଧ୍ୟ ରହିଛି । ହଷ୍ଟେଲ ଏବଂ ଖାଇବା ଖର୍ଚ୍ଚ ପାଇଁ କୌଣସି ଫି (ଶୁଳ୍କ) ନିଆଯାଏ ନାହିଁ । ଇଚ୍ଛୁକ ଯୁବକ ଯଥାଶିଘ୍ର ନିମ୍ନଲିଖିତ ନଂ ରେ ଯୋଗାଯୋଗ କରନ୍ତୁ ।

୮୦୭୭୫୪୬୧୯-୯୮୭୨୭୨୫୮୯୫-୯୮୭୨୯୨୩୩୬୩

(ପ୍ରିନ୍ସିପାଲ୍ ଦାରୁସ୍ ସନାଅତ୍ କାଦିଆନ୍)



## ନୁରୁଲ୍ ଇସ୍‌ଲାମ୍ ଅନ୍ତର୍ଗତ

ଏହି ଟୋଲ୍ ଫ୍ରି ନଂରେ ଫୋନ୍ କରି ଆପଣ ମୁସ୍‌ଲିମ୍ ଜମାତ୍ ଅହମଦୀୟା ସମ୍ବନ୍ଧରେ ସୂଚନା ପାଇପାରିବେ

**ଟୋଲ୍ ଫ୍ରି ନମ୍ବର: ୧୮୦୦୧୦୩୨୧୩୧**

ସମୟ: ପ୍ରତ୍ୟହ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ

(ଯୁମା ଅର୍ଥାତ ଶୁକ୍ରବାର ଦିନ ଛୁଟି ଅଛି)

ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......

ଆଜିକାଲିର ଯୁଗରେ ବିଶେଷ ଗୁରୁତ୍ୱ ରଖୁଛି ।

Conny Kuippel ସାହିବା ଯାହାଙ୍କ ସମ୍ବନ୍ଧ ଡ଼ାଇଗ୍ରୁନି ପାର୍ଟି ସହିତ ରହିଛି ଓ ସେ ୱିଜ୍‌ବାଦନ୍ ସାହରର ପାର୍ଲାମେଂଟରେ ଇଂଟିଗ୍ରେସନ ବିଭାଗରେ କାର୍ଯ୍ୟରତ, ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ ଯେ, ମତେ ଖଲିପାଙ୍କ ଭାଷଣ ଅତ୍ୟନ୍ତ ଉତ୍ସାହ ମୂଳକ ଅନୁଭବ ହେଲା ଓ ମୋ ମନ ଏଥିପାଇଁ ବହୁତ ଖୁସୀ । ଖଲିଫାଙ୍କର ଗୋଟିଏ କଥା ଯାହା ମୋ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ମୁଁ ତାହା କେବେ ଭୁଲିପାରିବି ନାହିଁ, ତାହା ହେଉଛି ଏହା କି, ସମସ୍ତ ଅହେମଦୀମାନଙ୍କୁ ନିଜ ନିଜ ପରିବେଶ ପାଇଁ ହିତକାରୀ ଅସ୍ତିତ୍ୱ ହେବା ଉଚିତ । ପୁଣି ସେ କହିଲେ, ଏକଥା କେବଳ ଅହେମଦୀମାନେ ହିଁ ନୁହେଁ ବରଂ ସମସ୍ତେ ପରିଚାଳିତ ହେବା ଉଚିତ । ଯଦି ସମସ୍ତ ମୁସଲମାନ ଫିର୍କା ଆପଣଙ୍କ ପରି ଅହେମଦୀଙ୍କ ଭଳି ଖୋଲାମନ ହୁଅନ୍ତେ ତେବେ ଆମମାନଙ୍କର ଆପୋଷରେ ମିଳିମିଶି ରହିବା ବହୁତ ସହଜ ହୋଇଯାଆନ୍ତା ।

Mario Bohrmann ସାହେବ ହେଉଛନ୍ତି ଜଣେ ପତ୍ରକାର ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ ଯେ, ମତେ ହିଜ୍ ହୋଲିନେସ୍‌ଙ୍କ ଅଭିଭାଷଣ ବହୁତ ପସନ୍ଦ ଆସିଲା । ଆଜିକାଲି ଦୁନିଆରେ ଇସ୍‌ଲାମ୍ ସମ୍ବନ୍ଧରେ ଯେଉଁ ଘୃଣାଭାବ ପ୍ରସାର ହୋଇଅଛି । ଉଦାହରଣ ସ୍ୱରୂପ ଜିହାଦ୍ ବିଷୟରେ ସେ ସବୁର ସନ୍ଦେହକୁ ଦୂର କଲେ, ଖଲିଫା ହେଉଛନ୍ତି ଏପରି ଜଣେ ବ୍ୟକ୍ତି ବିଶେଷ ଯିଏ ହୃଦୟକୁ ମୋହି ନେଉଛନ୍ତି ଏବଂ ମତେ ପ୍ରେସ୍ କନ୍‌ଫରେନ୍ସରେ ମଧ୍ୟ ଦୁଇଟି ପ୍ରଶ୍ନ ପଚାରିବାର ଅବସର ମିଳିଲା । ଏମିତି ଅନୁଭବ ହେଲା କି ଖଲିଫା ବହୁତ ସ୍ନେହୀ ଓ ତାଙ୍କ ଚେହେରାରେ ଏକ ସ୍ମିତହାସ୍ୟ ମଧ୍ୟ ଦୃଷ୍ଟିଗୋଚର ହେଉଅଛି ।

Uwe Widera ସାହେବ ହେଉଛନ୍ତି ଗୋଟିଏ ସ୍କୁଲ୍‌ର ଶିକ୍ଷକ ସେ କହୁଛନ୍ତି ଯେ, ଏଠାରେ ମତେ ପ୍ରଥମଥର ପାଇଁ ଯମାତ୍ ଅହେମଦୀୟାର ପରିଚୟ ମିଳିଲା । ଏହି ସଭାର ସମସ୍ତ ବ୍ୟବସ୍ଥା ବହୁତ ଭଲ ଥିଲା । ବିଶେଷ ଭାବରେ ଖଲିଫାଙ୍କ ଭାଷଣ ମନମୁଗ୍ଧକାରୀ ଥିଲା ଖଲିଫା ଯେଉଁ କଥା ବର୍ଣ୍ଣନା କଲେ ଯେ, ସହଷ୍ଣୁତା ଓ ଭାଇଚାରା ଉପରେ ଜୋର୍ ଦିଆଯାଉ ଏବଂ ଅନ୍ୟ ଧର୍ମର ଲୋକମାନଙ୍କ ସହିତ ଓ ସେହିଭଳି ସମସ୍ତ ମାନବଜାତି ସହିତ ପ୍ରେମପୂର୍ଣ୍ଣ ଆଚରଣ କରାଯାଉ, ମତେ ଏକଥା ବହୁତ ଗୁରୁତ୍ୱପୂର୍ଣ୍ଣ ଲାଗିଲା । ଏହା ଆଜିକାଲିର ସମାଜରେ ବହୁତ କମ୍ ହୋଇଗଲାଣି ଓ ଅନ୍ୟ ଧର୍ମର ଲୋକମାନେ ଏକଥାକୁ ଏବେ ଭୁଲି ଯାଉଛନ୍ତି ଯେବେ କି ଆପଣମାନେ ଏହାକୁ ବହୁତ ଗୁରୁତ୍ୱ ଦେଉଅଛ । ଏବେ ମୁଁ ଆପଣମାନଙ୍କ ମସ୍‌ଜିଦ୍‌କୁ ମଧ୍ୟ ନିଶ୍ଚିତରୂପେ ଆସିବି କାରଣ ମୋ ମନ ଭିତରେ ଯେଉଁ ପ୍ରଶ୍ନଗୁଡ଼ିକ ଉଙ୍କି ମାରୁଛି ସେଗୁଡ଼ିକର ସମାଧାନ ମତେ କରିବାକୁ ହେବ ।

ପୁଣି ସେ ମହାଶୟ ହଜୁର ଅନୱର ଅ:ବ:ଅଙ୍କ ଭାଷଣ ସମ୍ବନ୍ଧରେ କହିଲେ ଯେ, ହିଜ୍ ହୋଲିନେସ୍‌ଙ୍କ ଭାଷଣ ତ ବହୁତ ଭଲ ଥିଲା ଏବଂ ଏହା ସମଗ୍ର ସଂସାରର ପ୍ରତ୍ୟେକ ସମାଜ ପାଇଁ ଗୁରୁତ୍ୱ ରଖୁଅଛି । ଖଲିଫା ଯେଉଁ କଥା ଏଠାରେ ବର୍ଣ୍ଣନା କଲେ ଆଜିକାଲି ତାହାକୁ ଅନ୍ୟ ଧର୍ମାବଲମ୍ବୀମାନେ ଭୁଲି ଯାଉଛନ୍ତି । ଯଦି ଏ ପୃଥିବୀବାସୀ ତାଙ୍କ କଥା ଉପରେ ପରିଚାଳିତ ହେବା ଆରମ୍ଭ କରିଦେବେ ତେବେ ପୃଥିବୀରେ ସମ୍ପୂର୍ଣ୍ଣରୂପେ ଯୁଦ୍ଧ ଶେଷ ହୋଇଯିବ ।

Heike Ebel ସାହିବା ୱିଜ୍‌ବାଦନ୍‌ର ସ୍କୁଲ୍‌ରେ ଶିକ୍ଷାଦାନ କରୁଛନ୍ତି, ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ ଯେ, ମତେ ଯେଉଁ କଥା ବହୁତ ସ୍ୱତନ୍ତ୍ର ଭାବେ ଦେଖିବାକୁ ମିଳିଲା ତାହା ହେଉଛି ଏହା କି, ଏଠାରେ କେବଳ ଶାନ୍ତି, ପ୍ରେମ ଏବଂ ସୌହାର୍ଦ୍ଦ୍ୟର କଥା କୁହାଯାଉନାହିଁ ବରଂ ତା' ଉପରେ ପରିଚାଳିତ ମଧ୍ୟ ହେଉଛନ୍ତି । ଆପଣମାନେ ଇଂଟିଗ୍ରେସନ୍‌କୁ ବୁଝିଛନ୍ତି ଓ ତାହାର ଭଲ ଉଦାହରଣ ପେଶ୍ କରୁଛନ୍ତି । ଖଲିଫା ମତେ ବାସ୍ତବିକ ପବିତ୍ର (Holy) ଲାଗୁଛନ୍ତି ଓ ଜଣେ ବାସ୍ତବିକ ଧାର୍ମିକ ଲିଡ଼ର ରୂପେ ଅନୁଭବ ହେଉଛନ୍ତି । ଖଲିଫା ସାହେବ ମୋ ଭିତରେ ଏକ ପରିବର୍ତନ ସୃଷ୍ଟି କରିଦେଇଛନ୍ତି । ତାହା ହେଉଛି ତାଙ୍କର ବିଶେଷ ପବିତ୍ରତା । ତାଙ୍କ ହୃଦୟରୁ ଏକ ଜ୍ୟୋତି ନିର୍ଗତ ହେବା ଅନୁଭବ ହେଉଅଛି ଯାହା ପ୍ରତ୍ୟେକଙ୍କୁ ନିଜ ସହିତ ଯୋଡ଼ି ଦେଉଅଛି । ଖଲିଫା ଜଣେ ପ୍ରକୃତରେ ଆଧାତ୍ମିକ ବ୍ୟକ୍ତି ବିଶେଷ ଭାବରେ ଅନୁଭବ ହେଉଅଛନ୍ତି ଏବଂ ମୁଁ ତାଙ୍କୁ ଜଣେ ପବିତ୍ର ବ୍ୟକ୍ତି ରୂପେ ସ୍ୱୀକାର କରିପାରେ ।

ଆଉ ଜଣେ ମହିଳା ବର୍ଣ୍ଣନା କରୁଛନ୍ତି ଯେ, ମୁଁ ଯମାତ୍‌କୁ ଦଶବର୍ଷ ହେବ ଜାଣିଛି ଏବଂ ସର୍ବଦା ଆପଣମାନେ ବହୁତ ପ୍ରେମ କରୁଥିବା ବ୍ୟକ୍ତିତ୍ୱ ରୂପେ ନଜର ଆସିଥାନ୍ତି । ଖଲିଫାଙ୍କୁ ପ୍ରଥମ ଥର ଦେଖିବାକୁ ମୌକା ମିଳିଲା ଏବଂ ଏକଥା ସ୍ପଷ୍ଟ ହୋଇଗଲା ଯେ, ଯଦି ପ୍ରତ୍ୟେକ ବ୍ୟକ୍ତି ଏହିଭଳି ମନୋଭାବ ରଖିବେ ତେବେ ଏ ସଂସାରରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ।

କ୍ୟାଥୋଲିକ୍ ଚର୍ଚ୍ଚର ଜଣେ ସଦସ୍ୟ ବର୍ଣ୍ଣନା କରୁଛନ୍ତି ଯେ, ମୁଁ ଏହା ପୂର୍ବରୁ କେବେ ବି କୌଣସି ଧାର୍ମିକ ସର୍ବୋଚ୍ଚ ନେତାଙ୍କୁ ଏକଥାରେ ଏତେ ଜୋର୍ ଦେବାରେ ଶୁଣିନାହିଁ ଯେ, ପଡ଼ୋଶୀମାନଙ୍କ ସହିତ ଭଲ ବ୍ୟବହାର କର । ଏହି ପ୍ରେମ ଓ ଭଲ ପାଇବାର ଶିକ୍ଷା ଖଲିଫା ଉପସ୍ଥାପନ କଲେ ।

Klaus Bartel ସାହେବ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ ଯେ, ଶାନ୍ତି ସ୍ଥାପନ କରିବାପାଇଁ ଖଲିଫା ସାହେବ୍ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଏହା ବର୍ଣ୍ଣନା କଲେ ଯେ, ଅନ୍ୟର ସମ୍ମାନକୁ ଆଖି ଆଗରେ ରଖିବା ଉଚିତ । ମୁଁ ଏକଥା ତ ଜାଣିଥିଲି ଯେ, ଇସ୍‌ଲାମ୍‌ରେ ଭିନ୍ନ ଭିନ୍ନ ଫିର୍କା ଅଛନ୍ତି କିନ୍ତୁ ଏ ଯମାତ୍ ବିଷୟରେ ମତେ ଏହା ଜଣାନଥିଲା ଯେ, ଏହା ଏତେ ଶାନ୍ତିପ୍ରୀୟ ବୋଲି ।

ମୁକ୍ତାରି ସାହେବ୍ ଯିଏ ୱିଜ୍‌ବାଦନ୍ ପୋଲିସ୍‌ରେ କାମ କରୁଛନ୍ତି ସେ କହିଲେ ଯେ, ଆଜିର ପ୍ରୋଗ୍ରାମ ଏ କଥା ସ୍ପଷ୍ଟ କରୁଥିଲା ଯେ, ମୁସଲମାନମାନେ ନିଜର ଆଉ ଏକ ଛବି ମଧ୍ୟ ଦେଖାଇବାକୁ ଚାହୁଁଛନ୍ତି କି, ଇସ୍‌ଲାମ୍ ବାସ୍ତବିକ ଏକ ଶାନ୍ତିପ୍ରୀୟ ଧର୍ମ ଅଟେ । ଖଲିଫା ଏକଥା ମଧ୍ୟ କହିଲେ ଯେ, ଆଫ୍ରିକାରେ ଆପଣମାନେ ବିଭିନ୍ନ ପ୍ରୋଜେକ୍ଟସ୍ ତିଆରି କରୁଛନ୍ତି, ଏହା ମତେ ବହୁତ ଭଲ ଲାଗିଲା ।

Mehmet Yilmaz ସାହେବ ବର୍ଣ୍ଣନା କରୁଛନ୍ତି ଯେ, ଖଲିଫାଙ୍କର ଯେଉଁ ବାର୍ତା ଥିଲା ଯେ, ଆପୋଷରେ ପଡ଼ୋଶୀମାନଙ୍କୁ ବିଶେଷରୂପେ ବହୁତ ପ୍ରେମପୂର୍ଣ୍ଣ ଭାବରେ ଏକାଠି ମିଳିମିଶି ରହିବା ଉଚିତ ଏହା ବହୁତ ଜରୁରୀ କଥା । ମୁଁ ଖଲିଫାଙ୍କୁ ପୂର୍ବରୁ ମଧ୍ୟ ଜାଣିଛି କାରଣ ପୂର୍ବରୁ ମୁଁ ତାଙ୍କ ପୁସ୍ତକ ମଧ୍ୟ ପଢ଼ିଛି । ମୋର ଏ ଆନ୍ତରିକା ଇଚ୍ଛା ଯେ, ଅନ୍ୟ ମୁସଲମାନ ଲିଡ଼ର ମଧ୍ୟ ଏହିଭଳି ଶାନ୍ତିର ପ୍ରଚାର ପ୍ରସାର କରୁଥିବେ । ଯେଉଁ ଭଳି ଖଲିଫା ସାହେବ୍ ଶାନ୍ତିର ବାର୍ତାକୁ ପ୍ରଚାର ପ୍ରସାର କରୁଛନ୍ତି ।

ଜଣେ Evangelical Theology ପ୍ରଫେସର କହୁଛନ୍ତି ଯେ, ଖଲିଫାଙ୍କର ଭାଷଣ ମୋ ପାଇଁ ବହୁତ ଆଶ୍ଚର୍ଯ୍ୟଜନକ ଥିଲା । ମତେ ଏମିତି ଜଣେ ଇସ୍‌ଲାମ୍‌ର ପ୍ରତିନିଧିଙ୍କୁ ଜାଣି ବହୁତ ଖୁସି ଲାଗିଲା ଯେ ସେ ଏତେ ପ୍ରେମ ଓ ଭଲ ପାଇବାର ଶିକ୍ଷାକୁ ପ୍ରଚାର ପ୍ରସାର କରୁଛନ୍ତି ପୁଣି ସେ ଏକଥା ମଧ୍ୟ ସ୍ପଷ୍ଟ କରିଦେଲେ ଯେ, ମାନବଜାତିକୁ ଭଲ ପାଇବା ହେଉଛି ମଧ୍ୟ ଉପାସନା ।

Gabriela Stochhalter Eiche ସାହିବା ବର୍ଣ୍ଣନା କରୁଛନ୍ତି ଯେ, ଆଜିର ଏହି ସଭା ମତେ ବହୁତ ଭଲ ଲାଗିଲା । ଖଲିଫାଙ୍କ ଅଭିଭାଷଣ ବହୁତ ହୃଦୟସ୍ପର୍ଶୀ ଥିଲା । ବିଶେଷରୂପେ ଆଜିକାଲିର ସମାଜରେ ଯେଉଁ କଥାଗୁଡ଼ିକ ଅତ୍ୟନ୍ତ ଜରୁରୀ, ତାହାକୁ ଖଲିଫା ସ୍ପଷ୍ଟ ରୂପେ ବର୍ଣ୍ଣନା କଲେ । ତାହା ହେଉଛି ଏହା କି ଶାନ୍ତି ପ୍ରତିଷ୍ଠା କରାଯାଉ, ଆପୋଷରେ ପ୍ରେମ ଓ ଭଲ ପାଇବାର ବାତାବରଣ ସୃଷ୍ଟି କରାଯାଉ । ପଡ଼ୋଶୀମାନଙ୍କ ସହିତ ଭଲ ବ୍ୟବହାର କରାଯାଉ, ଗରୀବମାନଙ୍କୁ ସାହାଯ୍ୟ କରାଯାଉ । ଯେମିତି ଆଫ୍ରିକା ଦେଶଗୁଡ଼ିକରେ କୂଅ ତିଆରି କରାଯାଉଛି ଇତ୍ୟାଦି ଇତ୍ୟାଦି । ଖଲିଫା ମତେ ଜଣେ ବହୁତ ଶାନ୍ତି ପ୍ରୀୟ, ସ୍ନେହୀ ଓ ଭଲ ପାଉଥିବା ବ୍ୟକ୍ତି ବିଶେଷ ଲାଗିଲେ ।

Thomas Schwarze ସାହେବ ଯିଏ ହେଉଛନ୍ତି ଗୋଟିଏ ସ୍କୁଲ୍‌ର ପ୍ରିନ୍ସିପାଲ୍ ସେ କହୁଛନ୍ତି ଯେ, ଆଜିର ସଭାଟି ଏକ ଆଶ୍ଚର୍ଯ୍ୟ ଜନକ ସଭା ଥିଲା । ଏଠାରେ ପ୍ରତ୍ୟେକ ବ୍ୟକ୍ତି ଅତ୍ୟନ୍ତ ସ୍ନେହ ଓ ଭଲ ପାଇବାର ବ୍ୟବହାର କରୁଛନ୍ତି ତତ୍‌ସହିତ ଆମର ଆତିଥ୍ୟତା ମଧ୍ୟ କରୁଛନ୍ତି । ମୋ ମନରେ ଏକଥା ନଥିଲା ଯେ, ଆଜିଭଳି ଦିନରେ ମତେ ଜଣେ (His Holines) ଭଳି ପବିତ୍ର ବ୍ୟକ୍ତି ବିଶେଷଙ୍କୁ ଦେଖିବାର ମୌକା ମିଳିବ । ଖଲିଫା ତ ଏପରି ଜଣେ ବ୍ୟକ୍ତି ବିଶେଷ ଅନୁଭବ ହେଉଛନ୍ତି ଯିଏ ସମ୍ପୂର୍ଣ୍ଣ ଭାବେ ଜାଣିଛନ୍ତି ଯେ, ସେ କଣ କଥା ହେଉଛନ୍ତି । ତାଙ୍କ କଥା କହିବାର ଶୈଳୀ ହିଁ ଏପରି ଯେ, ତାହା ଅନେକ ଲୋକଙ୍କ ହୃଦୟରେ ପ୍ରଭାବ ପକାଇପାରିବ ।

Gisine Werner ସାହିବା ବର୍ଣ୍ଣନା କରୁଛନ୍ତି ଯେ, ଆଜି ମସ୍‌ଜିଦ୍‌ର ଯେଉଁ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ କରାଗଲା ତାହା ବହୁତ ସୁନ୍ଦର ଥିଲା । ଖଲିଫା ବହୁତ ଭଲ ପାଉଥିବା ବ୍ୟକ୍ତି ବିଶେଷ ଲାଗୁଛନ୍ତି ଏବଂ ସେ ଯାହା କିଛି କହୁଛନ୍ତି ତାହାର ପ୍ରତ୍ୟେକ ଶବ୍ଦ ଠିକ୍ ଲାଗୁଛି ତେଣୁ ସେହି କଥା ଉପରେ ବିଶ୍ୱାସ କରିବା ଉଚିତ ।

Wolfgang Nickel ସାହେବ ହେଉଛନ୍ତି ୱିଜ୍‌ବାଦନ୍ ସହରର ପାର୍ଲାମେଂଟର ସଦସ୍ୟ । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି ଯେ, ମତେ ଆପଣଙ୍କ ବିଭିନ୍ନ

**ହଦିସ୍ ନବଓ୍ୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାହ୍‌ଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

**ତାଲିବେ ଦୁଆ:** *Majlis Lajna Imaillah, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

(ମଲଫୁଜାତ୍, ଖଣ୍ଡ-୫, ପୃ-୪୦୭)

**ତାଲିବେ ଦୁଆ:** *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟହ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢ଼ିନେବେ ।

ପ୍ରୋଗ୍ରାମଗୁଡ଼ିକରେ ସାମିଲ ହେବାର ଅବସର ମିଳୁଅଛି । ଭିର୍ତିପସ୍ତର ରଖିବା ସମୟରେ ମଧ୍ୟ ମୁଁ ସାମିଲ ହୋଇଥିଲି । ମୁଁ ଖଲିଫାଙ୍କୁ ବହୁତ ଧ୍ୟାନ ଦେଇ ଦେଖିଥାଏ ଓ ତାଙ୍କ ଭାଷଣଗୁଡ଼ିକୁ ମଧ୍ୟ ଶୁଣିଥାଏ । ଆଶ୍ଚର୍ଯ୍ୟର କଥା ହେଉଛି ଏହା ଯେ, ସେ କେଡ଼େ ଶାନ୍ତିର ସହିତ ଓ ସଠିକ୍ ବିଷୟବସ୍ତୁ ଗୁଡ଼ିକୁ ନିଜର ଭାଷଣରେ ବର୍ଣ୍ଣନା କରୁଛନ୍ତି । ଯେଉଁ କଥା ସେ କହିଛନ୍ତି ତା'ଠାରୁ ଅଧିକା ମୁଁ କିଛି କହିପାରିବି ନାହିଁ ।

ଜଣେ ମୁସଲମାନ ମହିଳା ବର୍ଣ୍ଣନା କରୁଛନ୍ତି ଯେ, ଖଲିଫାଙ୍କ କଥାଗୁଡ଼ିକ ବହୁତ ପ୍ରଭାବଶାଳୀ ଥିଲା । ଯଦି ପୃଥିବୀର ବର୍ତମାନର ପରିସ୍ଥିତିକୁ ଦେଖାଯିବ ତେବେ ତାଙ୍କ କଥାଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଲାଗିବ । ଧର୍ମ ଜରିଆରେ ଆଜି ପୂର୍ନବାର ଶାନ୍ତି ସ୍ଥାପନ ହୋଇପାରିବ ।

"ମସ୍‌ଜିଦ୍ ମୁବାରକ୍" ୱିଜ୍‌ବାଦନ୍‌ର ଉଦ୍‌ଘାଟନ ଉତ୍ସବର ବିଷୟବସ୍ତୁ ଇଲେକ୍‌ଟ୍ରୋନିକ୍ ଆଣ୍ଡ ପ୍ରିଂଟମିଡ଼ିଆ କଭ୍‌ରେଜ୍ ଦେଇଛନ୍ତି । ତିନୋଟି ଟିଭି ଚ୍ୟାନେଲ, ସାତଟି ଖବରକାଗଜ ଏବଂ ପାଂଚଟି ଅନ୍‌ଲାଇନ୍ ମିଡ଼ିଆ ମଧ୍ୟ ଖବର ପ୍ରସାରଣ କରିଛନ୍ତି । ଇଲେକ୍‌ଟ୍ରୋନିକ୍ ଏବଂ ପ୍ରିଂଟମିଡ଼ିଆ ଏହି କଭ୍‌ରେଜ୍ ଜରିଆରେ ୭୯୫୯୯୭୦ ଲୋକମାନଙ୍କ ନିକଟରେ ବାର୍ତା ପହଂଚିଲା ।

Wiesbadener Tagblatt ଖବର ପ୍ରକାଶ କରି ଲେଖିଛି "ଖଲିଫା ମିର୍ଜା ମସ୍‌ରୁର୍ ଅହେମଦ୍ କହୁଛନ୍ତି ଯେ ତାଙ୍କୁ ଏକଥାରେ ବହୁତ ଖୁସି ଲାଗୁଛି ଏ ସହର ତାଙ୍କୁ ଖୋଲା ହୃଦୟରେ ସ୍ୱାଗତ କରୁଛି । ଅଧିକାଂଶ ମସ୍‌ଜିଦ୍ ଗୁଡ଼ିକ ସମ୍ୱନ୍ଧରେ ବିଦ୍ୱେଷଭାବ ଓ ଭୟ ଦେଖିବାକୁ ମିଳିଥାଏ । ଯେବେ କି ଯଦି ମସ୍‌ଜିଦ୍‌ରେ ଚରମପନ୍ଥୀ କାର୍ଯ୍ୟକଳାପକୁ ପ୍ରଚାର ପ୍ରସାର କରାଯାଏ ତେବେ ତାହାର କାରଣ ଇସ୍‌ଲାମ୍ ନୁହେଁ । ମାନବିକ ମୂଲ୍ୟବୋଧକୁ ସୁରକ୍ଷା ଦେବା ହେଉଛି ଆମର କର୍ତବ୍ୟ । ପବିତ୍ର କୁର୍‌ଆନ୍‌ରେ ପଡ଼ୋଶୀମାନଙ୍କର ବହୁତ ଧ୍ୟାନ ରଖିବାପାଇଁ ତାଙ୍କର ଅଧିକାର ସମ୍ୱନ୍ଦରେ ବର୍ଣ୍ଣନା କରାଯାଇଅଛି" ।

"Sat-1 Regional" ଟିଭି ଚ୍ୟାନେଲ୍ ୨ ମିନିଟ୍ ୮ ସେକେଣ୍ଡର ଖବର ପ୍ରସାରଣ କଲା ସେଥିରେ ୱିଜ୍‌ବାଦନ୍ ପ୍ରେସ୍ କନ୍‌ଫରେନ୍ସରୁ ହଜୁର ଅନଓ୍ୱର ଅ:ବ:ଅଙ୍କର ଏହି ଲେଖାଟି ମଧ୍ୟ ଉପସ୍ଥାପନ କଲା ।

"ଏହି ସହରର ଅଧିବାସୀମାନଙ୍କୁ ନିଜ ମନ ଭିତରେ କୌଣସି ଭୟ ରଖିବା ଉଚିତ ନୁହେଁ କାରଣ ଆମେ ଏକ ବହୁତ ଶାନ୍ତିପ୍ରୀୟ ଯମାତ୍ ଏହା ଏଥିପାଇଁ ଯେ, ଆମେ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷାଗୁଡ଼ିକୁ ଅନୁସରଣ କରିଥାଉ" ।

**୧୫ ଅକ୍ଟୋବର ୨୦୧୯ ମଙ୍ଗଳବାର**

ହଜୁର ଅନଓ୍ୱର ଅ:ବ:ଅ ଭୋର୍ ୬:୫୦ ମିନିଟରେ ମସ୍‌ଜିଦ୍‌ରେ ପଦାର୍ପଣ କରି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳ ବେଳା ହଜୁର ଅନଓ୍ୱର ଅ:ବ:ଅ ଦଫ୍‌ତରୀ ଡ଼ାକ, ରିପୋର୍ଟସ ଏବଂ ଚିଠିପତ୍ର ଗୁଡ଼ିକୁ ଦେଖିଲେ ଓ ସେଥିରେ ହିଦାୟତ୍ ପ୍ରଦାନ କଲେ ।

**ଫ୍ୟାମିଲ ସାକ୍ଷାତକାର**

ପ୍ରୋଗ୍ରାମ ମୁତାବକ ଠିକ୍ ୧୧ ଟା ବେଳେ ହଜୁର ଅନଓ୍ୱର ଅ:ବ:ଅ ନିଜ ଦଫ୍‌ତରରେ ପହଂଚିଲେ ଓ ସେଠାରେ ସାକ୍ଷାତକାର ଆରମ୍ଭ ହେଲା । ଆଜି ସକାଳ ବେଳାର ଏହି ସେସନ୍‌ରେ ୧୯ଟି ଫ୍ୟାମିଲିର ୭୬ଜଣ ସଦସ୍ୟ ଓ ଦୁଇଜଣ ବ୍ୟକ୍ତିଗତ ରୂପେ ସାକ୍ଷାତ କରିବାର ସୌଭାଗ୍ୟ ପାଇଲେ । ସାକ୍ଷାତ କରିବାକୁ ଆସିଥିବା ଫ୍ୟାମିଲିଗୁଡ଼ିକ ଜର୍ମାନୀର ବିଭିନ୍ନ ୧୭ ଗୋଟି ଯମାତ୍‌ରୁ ଆସିଥିଲେ । ଏତଦ୍‌ବ୍ୟତିତ ପାକିସ୍ତାନରୁ ଆସିଥିବା ଜଣେ ବନ୍ଧୁ ମଧ୍ୟ ସାକ୍ଷାତ କରିବାର ସୌଭାଗ୍ୟ ପାଇଲେ । କିଛି ଫ୍ୟାମିଲିଗୁଡ଼ିକ ନିଜ ପ୍ରୀୟ ଆକାଙ୍କ ସହିତ ସାକ୍ଷାତ କରିବାପାଇଁ ବହୁତ ଲମ୍ୱା ରାସ୍ତା ଅତିକ୍ରମ କରି ଏଠାରେ ଆସି ପହଂଚିଥିଲେ । Pulheim and Stuttgart ରୁ ଆସିଥିବା ଲୋକମାନେ ୨୧୫ କିଲୋମିଟର, Freiburg ରୁ ଆସିଥିବା ଲୋକମାନେ ୨୫୦ କିଲୋମିଟର, Calw ରୁ ଆସିଥିବା ଲୋକମାନେ ୨୮୫ କିଲୋମିଟର ଏବଂ ମ୍ୟୁନିଖରୁ ଆସିଥିବା ସଦସ୍ୟମାନେ ୪୦୫ କିଲୋମିଟର ରାସ୍ତା ଅତିକ୍ରମ କରି ଏଠାରେ ଆସି ପହଂଚିଥିଲେ ।

ଏମାନେ ସମସ୍ତେ ନିଜ ପ୍ରୀୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ହଜୁର ଅନଓ୍ୱର ଅ:ବ:ଅ ଅତ୍ୟନ୍ତ ସ୍ନେହର ସହିତ ଶିକ୍ଷା ଆହୋରଣ କରୁଥିବା ଛାତ୍ରଛାତ୍ରୀମାନଙ୍କୁ କଲମ ପ୍ରଦାନ କଲେ ଓ ଛୋଟ ଛୋଟ ପୁଅଝିଅମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ । ସାକ୍ଷାତକାରର ଏହି ପ୍ରୋଗ୍ରାମ ୧୨:୪୫ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ତା'ପରେ ହଜୁର ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ଯାମିୟା ଅହେମଦୀୟା ଜର୍ମାନୀରେ ହଜୁରଙ୍କ ପଦାର୍ପଣ**

ଆଜି ପ୍ରୋଗ୍ରାମ ମୁତାବକ ଯାମିୟା ଅହେମଦୀୟା ଜର୍ମାନୀକୁ ଯିବାର ଥିଲା । ଠିକ୍ ଦିନ ୧:୨୫ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀରୁ ବାହାରକୁ ବାହାରିଲେ ଓ ଯାମୀୟା ଅହେମଦୀୟା ଜର୍ମାନୀ ନିମନ୍ତେ ଯାତ୍ରା ଆରମ୍ଭ ହେଲା । ଯାମିୟା ଅହେମଦୀୟା ଜର୍ମାନୀ ବଇତୁସ୍ ସବୁହ୍‌ଠାରୁ ପ୍ରାୟତଃ ୫୦ କିମି ଦୁରତାରେ ଅବସ୍ଥିତ Riedstadt ସହରରେ ରହିଛି । ଠିକ୍ ୨:୧୦ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ଯାମିୟା ଅହେମଦୀୟା ଜର୍ମାନୀରେ ପହଂଚିଲେ । ମୋକରମ୍ ଶମ୍‌ଶାଦ୍ ଅହେମଦ୍ କମର୍ ପ୍ରିନ୍ସିପାଲ୍ ଯାମିୟା ଅହେମଦୀୟା ଜର୍ମାନୀ ନିଜର ଶିକ୍ଷକମାନଙ୍କ ଓ ଛାତ୍ରମାନଙ୍କ ସହିତ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ କଲେ । ତା'ପରେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍ ବଇତୁଲ୍ ଅଜିଜ୍‌କୁ ଚାଲିଗଲେ ଓ ସେଠାରେ ଜୋହର୍ ଏବଂ ଅସର୍ ନମାଜ ଯମା କରି ପଢ଼ାଇଲେ । ନିଜ ପ୍ରୀୟ ଆକାଙ୍କ ପଛରେ ନମାଜ ପଢ଼ିବାପାଇଁ ସ୍ଥାନୀୟ ଯମାତ୍ ରେଡ୍‌ଷ୍ଟାଟ୍‌ର ସଦସ୍ୟମାନେ ମଧ୍ୟ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ ।

ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ହଷ୍ଟେଲ୍‌ର ପରିଦର୍ଶନ କଲେ । ହଜୁର ଅନଓ୍ୱର ଅ:ବ:ଅ ଗୋଟିଏ କୋଠରୀ ଭିତରକୁ ଗଲେ ଓ ସେହି କୋଠରୀର ପୂର୍ଣ୍ଣ ବିବରଣୀର ସମୀକ୍ଷା କଲେ । ଏହି ଅବସରରେ ପ୍ରିନ୍ସିପାଲ୍ ସାହେବ କହିଲେ ଯେ, ଏହି କୋଠାରୀ ଭିତରେ ୬ଜଣ ଛାତ୍ର ରହୁଛନ୍ତି ଓ ୬ଜଣ ଛାତ୍ରଙ୍କ ପାଇଁ ଏହି କୋଠରୀଟି ସଂକୀର୍ଣ୍ଣ । ପ୍ରତ୍ୟେକ ଛାତ୍ର ନିମନ୍ତେ ଆଲମାରୀ ଏବଂ ଟେବୁଲ୍ ଉପଲବ୍ଧ କରାଯାଇପାରୁନାହିଁ । ପ୍ରିନ୍ସିପାଲ୍ ସାହେବ ପୁଣି କହିଲେ ଯେ, ହଷ୍ଟେଲ୍‌ର ତୃତୀୟ ମହାଲାଟି ଯଦିଚ ସମ୍ପୁର୍ଣ୍ଣରୂପେ ନୂହେଁ କେବଳ ତାହାର ଗୋଟିଏ ଭାଗ ମଧ୍ୟ ନର୍ମାଣ ହୋଇଯିବ । ତେବେ ଜାଗାର ଅସୁବିଧା ପୂରା ହୋଇପାରିବ ।

ଏଥିରେ ହଜୁର ଅନଓ୍ୱର ଅ:ବ:ଅ ଅମୀର ସାହେବ ଜର୍ମାନୀଙ୍କୁ ସମ୍ବୋଧନ କରି କହିଲେ, ଯଦିଚ ଅନ୍ୟ ଯାମିୟା ଗୁଡ଼ିକରେ ମଧ୍ୟ ଜାଗାର ଅଭାବ ରହିଛି କିନ୍ତୁ ଛାତ୍ରମାନଙ୍କର ସଂଖ୍ୟା ନିଶ୍ଚିତରୂପେ ବଢ଼ିବା ଉଚିତ ।

ହଷ୍ଟେଲ୍‌ର ପରିମଳ ଅବସ୍ଥା ସମ୍ୱନ୍ଧରେ ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ପ୍ରିନ୍ସିପାଲ୍ ସାହେବ କହିଲେ ଯେ, ହଷ୍ଟେଲ୍‌ର ସଫେଇ କାର୍ଯ୍ୟ ପ୍ରତ୍ୟେକ ଦିନ କରାଯାଉଅଛି ।

ହଷ୍ଟେଲ୍‌ର ପରିଦର୍ଶନ ପରେ ହଜୁର ଅନଓ୍ୱର ଅ:ବ:ଅ ଖାଇବା ପାଇଁ ଲଗାଯାଇଥିବା ଟେଂଟ ଭିତରକୁ ଗଲେ ଯେଉଁଠି ବାର୍ବିକ୍ୟୁର ବ୍ୟବସ୍ଥା କରାଯାଇଥିଲା । ସେହି ଟେଂଟଟିକୁ ବହୁତ ସୁନ୍ଦର ରୂପେ ସଜା ଯାଇଥିଲା । ଟେଂଟ ଭିତର ଦେଇ ଯାଇଥିବା ବିଶେଷ ରାସ୍ତାର ଦୁଇ ଭାଗକୁ ଫୁଲ ଏବଂ ସୁନ୍ଦର ଚାରାଗଛ ଦ୍ୱାରା ସଜା ଯାଇଥିଲା । ସେହିଭଳି ଖାଇବା ପାଇଁ ଥିବା ମେନ୍ ଟେବୁଲ୍ ସମ୍ମୁଖରେ ମଧ୍ୟ ଗୋଟିଏ ଛୋଟ ସାଇଜ୍‌ର ଫାଉଂଟେନ୍ ଛୋଟ ଛୋଟ ଗଛମାନଙ୍କ ମଧ୍ୟରେ ବହୁତ ସୁନ୍ଦର ଭାବେ ରଖାଯାଇଥିଲା । ସେହି ଟେଂଟ ଭିତରେ ଛାତ୍ରମାନେ ଶ୍ରେଣୀ ଅନୁସାରେ ଏପରି ଶୈଳୀରେ ବସିଥିଲେ ଯେ, ସମସ୍ତ ଛାତ୍ର ଯେପରି ନିଜ ପ୍ରୀୟ ଆକାଙ୍କୁ ଦେଖିପାରିବେ ।

ହଜୁର ଅନଓ୍ୱର ଅ:ବ:ଅ କଥା ହେଉଥିବା ବେଳେ ମୋକରମ୍ ପ୍ରିନ୍ସିପାଲ୍ ସାହେବଙ୍କୁ ନିର୍ଦ୍ଦେଶ ଦେଲେ ଯେ, ଛାତ୍ରମାନଙ୍କୁ ବ୍ରାଉନ୍ ବ୍ରେଡ୍ ଦିଅନ୍ତୁ ଓ ହ୍ୱାଇଟ୍ ବ୍ରେଡ୍‌କୁ ବନ୍ଦ କରିଦିଅନ୍ତୁ କାରଣ ଏହା କ୍ଷତି କରିଥାଏ । ସେହିଭଳି ଖାଦ୍ୟରେ ବ୍ୟବହାର କରାଯାଉଥିବା ମସଲା ସମ୍ୱନ୍ଧରେ ପଚାରି ବୁଝିଲେ ଯେ, ବଜାରରେ ମିଳୁଥିବା ଯେ କୌଣସି ବ୍ରାଣ୍ଡର ମସଲାଗୁଡ଼ିକ ଠିକ୍ ନୁହେଁ ଏହା ସ୍ୱାସ୍ଥ୍ୟପ୍ରତି ହାନିକାରକ ନିଜେ ମସଲାକୁ ପେଷି ପ୍ରସ୍ତୁତ କରନ୍ତୁ ।

ଖାଇବା ପରେ ହଜୁର ଅନଓ୍ୱର ଅ:ବ:ଅ ଛାତ୍ରମାନଙ୍କୁ ଯାମିୟାର ହଲ୍ ଭିତରକୁ ଯିବାପାଇଁ ଅନୁମତି ପ୍ରଦାନ କଲେ । ହଜୁର ଅନଓ୍ୱର ଅ:ବ:ଅ ଯାମିୟାର ହଲ୍ ଭିତରକୁ ପ୍ରବେଶ କରିବା ପୂର୍ବରୁ ବହୁତ ସ୍ନେହର ସହିତ ବାର୍ବିକ୍ୟୁ ପ୍ରସ୍ତୁତ କରିଥିବା କର୍ମୀମାନଙ୍କ ନିକଟକୁ ଗଲେ ଓ ସେମାନଙ୍କୁ ଉତ୍ସାହିତ କଲେ । ପୁଣି ବାର୍ବିକ୍ୟୁ ତିଆରି କରିବା ପ୍ରସଙ୍ଗରେ ସେଥିରେ ମସଲା ଲଗାଯାଇଥିବାର ଶୈଳୀ ବିଷୟରେ ବତାଇଲେ ।

**ଯାମିୟାର ଛାତ୍ରମାନଙ୍କ ସହିତ ଏକ ବୈଠକ**

ତା'ପରେ ହଜୁର ଅନଓ୍ୱର ଅ:ବ:ଅ ଯାମିୟାର ହଲ୍ ଭିତରକୁ ପ୍ରବେଶ କଲେ ଯେଉଁଠି ଯାମିୟା ଅହେମଦୀୟା ଜର୍ମାନୀର ଛାତ୍ରମାନଙ୍କର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଏକ ପ୍ରୋଗ୍ରାମ ରଖାଯାଇଥିଲା । ପ୍ରୋଗ୍ରାମର ସୁଭାରମ୍ଭ ପବିତ୍ର କୁର୍‌ଆନ୍ ପାଠ ଦ୍ୱାରା ହେଲା । ଅଜିଜମ୍ ହାଫିଜ୍ ଏହ୍‌ତାଶମ୍ ଅହେମଦ୍ ତାହା ଆବୃତି କଲେ ଓ ପୁଣି ତାହାର ଉର୍ଦ୍ଦୁ ଭାଷାରେ ଅନୁବାଦ ମଧ୍ୟ ପଢ଼ି ଶୁଣାଇଲେ । ହଜୁର ଅନଓ୍ୱର ଅ:ବ:ଅ ହାଫିଜ୍ ଏହ୍‌ତଶାମ୍‌ଙ୍କୁ ସମ୍ବୋଧନ କରି କହିଲେ ଯେ, ତୁମର ନାମ ହାଫିଜ୍ ବା ତୁମେ ପବିତ୍ର କୁର୍‌ଆନ୍‌କୁ ହିଫିଜ୍ (କଣ୍ଠସ୍ଥ) କରିଅଛ । କଣ ତୁମେ ତରାଓ୍ୱି ପଢ଼ାଉନାହଁ କି, ଯଦି ଜର୍ମାନୀରେ ଏପରି କୌଣସି ଯମାତ୍ ନାହିଁ ଯିଏ ସମ୍ପୁର୍ଣ୍ଣ ରୂପେ ପବିତ୍ର କୁର୍‌ଆନ୍‌କୁ ଶୁଣିବ ତେବେ ତୁମେ ଯାମିୟାରେ ହିଁ ତରାଓ୍ୱି ନମାଜ ପଢ଼ାଅ ।

ତା'ପରେ ଅଜିଜମ୍ ଜାଫର୍ ଅହେମଦ୍ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ନିମ୍ନଲିଖିତ ହଦିସ୍ ଉପସ୍ଥାପନ କଲେ: ହଜ୍‌ରତ୍ ଅବୁ ଦର୍‌ଦାଆ ର:ଅ ବର୍ଣ୍ଣନା କରୁଛନ୍ତି ଯେ, ମୁଁ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଏକଥା କହିବାର ଶୁଣିଛି ଯେ, ଯେଉଁ ବ୍ୟକ୍ତି ଜ୍ଞାନ ଆହୋରଣ କରିବା ଅନେଷ୍ୱଣରେ ବାହାରିଥାଏ ଅଲ୍ଲାଃ ତାଲା ତା' ପାଇଁ ବୈକୁଣ୍ଠର ମାର୍ଗକୁ ସହଜ କରିଦିଏ ଏବଂ ଫରିସ୍ତା (ଦେବଦୂତ)ମାନେ ଶିକ୍ଷାର୍ଥୀଙ୍କ କାମରେ ଖୁସି ହୋଇ ନିଜର ପରକୁ ତା ସାମ୍‌ନାରେ ବିଛାଇଥାନ୍ତି ଏବଂ ଜ୍ଞାନୀ ନିମନ୍ତେ ପୃଥିବୀ ଓ ଆକାଶରେ ରହୁଥିବା ଲୋକମାନେ କ୍ଷମା ମାଗିଥାନ୍ତି ଏପରି କି ପାଣିରେ ରହୁଥିବା ମାଛମାନେ ମଧ୍ୟ ତା' ସପକ୍ଷରେ ଦୁଆ କରିଥାନ୍ତି । ଜଣେ ଆଲିମ୍ (ଜ୍ଞାନୀ)ଙ୍କ ଅଗ୍ରାଧିକାର ଜଣେ ଉପାସନାକାରୀଙ୍କ ଉପରେ ଏଭଳି ଯେଉଁଭଳି ଚନ୍ଦ୍ରକୁ ଅନ୍ୟ ତାରାମାନଙ୍କ ଉପରେ ରହିଛି ଏବଂ ଓ୍ୱଲେମାମାନେ ଅମ୍ବିୟା (ଅବତାର)ମାନଙ୍କ ଉତରାଧିକାରୀ ଅଟନ୍ତି । ଅମ୍ବିୟାମାନେ ଟଙ୍କା ପଇସା ବା ସମ୍ପତି ଛାଡ଼ି ଯାଇନଥାନ୍ତି ବରଂ ସେମାନଙ୍କର ସମ୍ପତି ହେଉଛି ଜ୍ଞାନ ଓ ଈଶ୍ୱରଙ୍କୁ ଚିହ୍ନିବାର ଜ୍ଞାନ । ଯେଉଁ ବ୍ୟକ୍ତି ଜ୍ଞାନ ଆହୋରଣ କରିଥାଏ । ସେ ବହୁତ ବଡ଼ ଭାଗ ଓ ଉତମତା ଲାଭ କରିଥାଏ ।

ତା'ପରେ ଅଜିଜମ୍ ରାଣା ଶିରାଜ୍ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅଙ୍କ ନଜମ୍

**ଅହ୍‌ଦେ ଶିକିନି ନା କରୋଁ ଅହଲେ ଓ୍ୱଫା ହୋ ଯାଅ**

**ଅହ୍‌ଲେ ଶୈତାଁ ନା ବନୋଁ ଅହ୍‌ଲେ ଖୁଦା ହୋ ଯାଅ**

ବହୁତ ସୁନ୍ଦର ସ୍ୱରରେ ପଢ଼ି ଶୁଣାଇଲେ । ତା'ପରେ ଅଜିଜମ୍ ମେହ୍‌ଫୁଜ୍ ମୁନୀର୍ ଚତୁର୍ଥ ଶ୍ରେଣୀର ଶିକ୍ଷାର୍ଥୀ ନିମ୍ନଲିଖିତ ଇକ୍‌ତିବାସ୍‌କୁ ଉପସ୍ଥାପନ କଲେ ।

ହଜ୍‌ରତ୍ ମସିହ ମଉଦ୍ ଆ:ସ କହୁଛନ୍ତି: "ଏମିତି ଯୁବକମାନେ ଜନ୍ମ ହୁଅନ୍ତୁ ଯେଉଁମାନେ ସାଂସାରିକ ଲାଭକୁ ବିଲ୍‌କୁଲ୍ ପରିତ୍ୟାଗ କରି ନିଜ ଜୀବନକୁ କେବଳ ଧର୍ମ

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

Postal Reg. No.GDP-40/2020-2022 Vol.6 Thursday 08 April 2021 Issue No. 14

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ANNUAL SUBSCRIPTION:Rs.500/- (Per Issue:Rs.9/-) (**WEIGHT** - 20-50gms/issue)


# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ ଗସ୍ତ - (ସେପ୍ଟେମ୍ବର, ଅକ୍ଟୋବର ୨୦୧୯)

## ୧୪ ଅକ୍ଟୋବର ୨୦୧୯ (ସୋମବାର)

### ଅତିଥିମାନଙ୍କ ମନୋଭାବ ବ୍ୟକ୍ତର ବଳକାଅଂଶ

ଲ ଫାର୍ମର ଆସିଥିବା ଜଣେ ଓକିଲ Joachim Macholdt କହୁଛନ୍ତି ଯମାତ୍ ଅହେମଦୀୟାର ଚିନ୍ତାଧାରାର ବ୍ୟାପକତା ଉପରେ ମୁଁ ଓ ମୋ କାର୍ଯ୍ୟାଳୟ ଏକା ପ୍ରକାରର ମନଭାବ ରଖିଅଛୁ । ଆଜି ଯମାତ୍ ଅହେମଦୀୟାର ଇମାମ୍ ପଡ଼ୋଶୀମାନଙ୍କ ଅଧିକାର ସମ୍ବନ୍ଧରେ ବର୍ଣ୍ଣନା କରି ପଡ଼ୋଶୀମାନଙ୍କର ସଂଜ୍ଞାକୁ ଏଭଳି ବ୍ୟାପକ ରୂପେ ବର୍ଣ୍ଣନା କଲେ ଯେ, ସମ୍ପୂର୍ଣ୍ଣ ସହର ଏହି ବ୍ୟାପକତା ମଧ୍ୟରେ ଭରିଗଲା ଏହା ଆମ ପାଇଁ ଏକ ବଡ଼ ଆଶ୍ଚର୍ଯ୍ୟ ଚକିତ କରିଦେଉଥିବା ଜ୍ଞାନରେ ବୃଦ୍ଧି ହେଲା ସେହିଭଳି ସହରବାସୀଙ୍କ ପାଇଁ ଯମାତ୍ ଅହେମଦୀୟାର ଥିବା ସହାନୁଭୂତିର ପରିଧି ଆହୁରି ଅଧିକ ବ୍ୟାପକ ହୋଇଯାଇଛି ।

ମୁହତରମା Henningsen Maike ସାହିବା ଯିଏ ହେଉଛନ୍ତି ଗୋଟିଏ ଏନ୍‌ଜିଓର ଆବାହକ ସେ କହୁଛନ୍ତି ଯେ, ମୁଁ ଏଠିକାର ଅତିଥି ପରାୟଣତା ଦେଖି ବହୁତ ପ୍ରଭାବିତ ହୋଇଛି ସେହିଭଳି ଖଲିଫାଙ୍କର କଥା ଏହା ସ୍ପଷ୍ଟ କରିଦେଇଛି ଯେ, ଆପଣ ସମଗ୍ର ସଂସାର ପାଇଁ ଶୁଭକାମନା କରୁଛନ୍ତି ଓ ସମସ୍ତ ଧର୍ମ ସହିତ ସୁସମ୍ପର୍କ ରଖିବାପାଇଁ ଚାହୁଁଛନ୍ତି । ଖଲିଫାଙ୍କ ଭାଷଣର ସମସ୍ତ ପଏଂଟ ଗୁଡ଼ିକ ଅତ୍ୟନ୍ତ ପ୍ରଶଂସନୀୟ ଥିଲା ।

Dennis Merz ସାହେବ ବର୍ଣ୍ଣନା କରୁଛନ୍ତି ଯେ, ମୁଁ ସମସ୍ତ ବକ୍ତାମାନଙ୍କ ଭାଷଣକୁ ଶୁଣିଲି କିନ୍ତୁ ଯେତେବେଳେ ଯମାତ୍ ଅହେମଦୀୟାର ଇମାମ୍ ମାଇକ୍ରୋଫୋନ୍ ସମ୍ମୁଖରେ ଛିଡ଼ା ହେଲେ ସେତେବେଳେ ଆଉ ଏକ ପ୍ରକାରର ମନୋଭାବ ସୃଷ୍ଟି ହେଲା । ତାଙ୍କର ଆବାଜ୍ ଓ ତାଙ୍କର କହିବାର ଶୈଳୀ ସମସ୍ତଙ୍କଠାରୁ ଅଲଗା ଓ ସ୍ୱତନ୍ତ୍ର ଥିଲା, ଯାହାର ଆଧ୍ୟାତ୍ମିକ ପ୍ରଭାବକୁ ମୁଁ ନିଜେ ଅନୁଭବ କରୁଥିଲି ଓ ବହୁତ ଧ୍ୟାନର ସହିତ ତାଙ୍କର ଭାଷଣକୁ ଶୁଣିଲି । ଯେଉଁ ବାର୍ତ୍ତା ସେ ଆମକୁ ଦେଇଛନ୍ତି ତାହା କେବଳ ଇସ୍‌ଲାମ୍ ସମ୍ବନ୍ଧରେ ନଥିଲା ବରଂ ସମଗ୍ର ସଂସାରବାସୀଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଥିଲା ।

ଆଉ ଜଣେ ମହିଳା ନାନ୍ ସାହିବା କହିଲେ ଯେ, ଆପଣଙ୍କ ଖଲିଫା ମାନବସେବା ପ୍ରସଙ୍ଗରେ ଯେତେ ସ୍ପଷ୍ଟ ଓ ଜୋର୍ ଦେଇ କଥା ହେଲେ ତାହା ମୋ ପାଇଁ ବହୁତ ଆଶ୍ଚର୍ଯ୍ୟର କଥା ଥିଲା କାରଣ ଏପରି ସମ୍ଭବ ନୁହେଁ ଯଦି କହୁଥିବା ବ୍ୟକ୍ତି ନିଜେ ମାନବ ସମାଜ ସହିତ ସହାନୁଭୂତିର ଗଭୀର ଆବେଗ ନ ରଖିଥିବ ।

କ୍ୟାଥୋଲିକ୍ ଚର୍ଚ୍ଚର ଜଣେ ପାଦ୍ରୀ କହିଲେ ଯେ, ମୁଁ ଆଜି ପର୍ଯ୍ୟନ୍ତ ଏତେ ଭଲ ଭାଷଣ କେବେ ଶୁଣିନାହିଁ । ଯମାତ୍ ଅହେମଦୀୟାର ଇମାମ୍ ଯେଉଁ ପଏଂଟ ଗୁଡ଼ିକୁ ବର୍ଣ୍ଣନା କରିଛନ୍ତି ମୁଁ ସେ ସବୁଥିରେ ପୂର୍ଣ୍ଣ ସହମତି ପ୍ରଦାନ କରୁଛି । ଅନ୍ୟ ମାନଙ୍କୁ ପ୍ରେମ କରିବା ଓ ଅଲ୍ଲାଃଙ୍କ ଅଧିକାରକୁ ପ୍ରଦାନ କରିବା ଏହି ସମସ୍ତ କଥା ମୋ ଶିକ୍ଷାରେ ମଧ୍ୟ ରହିଛି । ସେହିଭଳି ମୁଁ ଆଜି ପର୍ଯ୍ୟନ୍ତ ଇସ୍‌ଲାମ୍‌ର ଈଶ୍ୱରଙ୍କ ଉପରେ ଏତେ ଗଭୀର ଓ ବ୍ୟାପକ ଚର୍ଚ୍ଚା ଶୁଣିନାହିଁ ଯାହା ଈଶ୍ୱରଙ୍କ ଏକେଶ୍ୱରବାଦକୁ ସମ୍ପୂର୍ଣ୍ଣ ରୂପେ ପୂର୍ଣ୍ଣ ଦାବି ସହିତ ସେହି ଏକ ଅଦ୍ୱିତୀୟ ଈଶ୍ୱରଙ୍କୁ ପୃଥବୀର ସମସ୍ତ ଧର୍ମ, ଦେଶ ଏବଂ ସମଗ୍ର ମାନବ ସମାଜର ପାଳନକର୍ତ୍ତା ଈଶ୍ୱରଙ୍କୁ ଅଭିହିତ କରୁଥାଏ ଏବଂ ସେ ସମସ୍ତଙ୍କୁ ମଙ୍ଗଳ ପହଂଚାଇବା ପାଇଁ ଏହି ପୃଥିବୀରେ ଜାତି, ଧର୍ମ, ନିଜ ପରର ମତଭେଦ ରଖେନାହିଁ । କାଳେ ! ପୃଥିବୀର ସମସ୍ତ ଲିଡ଼ର ମାନେ ଏହିଭଳି ଭାଷଣ ଦିଅନ୍ତେ ତାହେଲେ ଆଜି ଏ ପୃଥିବୀରେ ଶାନ୍ତି ପ୍ରତିଷ୍ଠା ହୋଇଯାଆନ୍ତା । ତା'ପରେ ସେ କହିଲେ ଯେ, ସେ ଯମାତ୍ ଅହେମଦୀୟା ସହିତ ଯୋଗାଯୋଗ ରଖିବାପାଇଁ ଚାହୁଁଛନ୍ତି ଏବଂ ମସ୍‌ଜିଦ୍‌କୁ ସେ ନିଶ୍ଚିତ ରୂପେ ଦେଖିବାକୁ ଆସିବେ ।

ଆଉ ଜଣେ ମହିଳା ବାଓ୍ୱର୍ ସାହିବା ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ ଯେ, ଯମାତ୍ ଅହେମଦୀୟାର ଇମାମ୍‌ଙ୍କର ହଲ୍ ଭିତରେ ପର୍ଦାପଣ କରିବା ନିଜ ସହିତ ଏକ ଅନୁପ୍ରେରଣା ନେଇ ଆସିଲେ । ମୋ ପାଇଁ ଏକ ବହୁତ ବଡ଼ ସମ୍ମାନର କଥା ଯେ, ମୁଁ ଏପରି ଏକ ବାବର୍‌କତ୍ ସଭାରେ ସାମିଲ ହୋଇପାରିଲି । କିଛି ଶଙ୍କା, ସନ୍ଦେହ ଓ ଭୁଲ୍ ବୁଝାମଣା ଯାହା ମୋ ମନ ଭିତରେ ଥିଲା ତାହା ଯମାତ୍ ଅହେମଦୀୟାର ଇମାମ୍ ନିଜର ସ୍ପଷ୍ଟ ମତ ଦ୍ୱାରା ଏବଂ ଇସ୍‌ଲାମୀୟ ଶିକ୍ଷାର ବାସ୍ତବିକ ବ୍ୟାଖ୍ୟା କରି ଏହାକୁ ଦୂର କରିଦେଲେ । ଏବେ ମୋ ପାଇଁ ବହୁତ କିଛି କଥା ସ୍ପଷ୍ଟ ହୋଇସାରିଛି । ଯେଉଁ ଶାନ୍ତି ତାଙ୍କ ଅସ୍ତିତ୍ୱରୁ ପ୍ରକାଶ ହେଉଥିଲା ତାହାକୁ ବର୍ଣ୍ଣନା କରିବାପାଇଁ ମୋ ନିକଟରେ ଶବ୍ଦ ନାହିଁ କାରଣ ତାହାର ସମ୍ବନ୍ଧ ଅନୁଭବ ସହିତ ଜଡ଼ିତ ।

ଜଣେ ଜର୍ମାନୀର ମହିଳା ନିଜ ମନୋଭାବକୁ ବ୍ୟକ୍ତ କରି କହିଲେ ଯେ, ଆପଣଙ୍କ ଖଲିଫାଙ୍କ ବ୍ୟକ୍ତିତ୍ୱରୁ ଏ କଥା ଦୃଷ୍ଟିଗୋଚର ହେଉଛି ଯେ, ଯାହା କିଛି ସେ କହୁଛନ୍ତି ତାହା ଉପରେ ସେ ପରିଚାଳିତ ମଧ୍ୟ ହେଉଛନ୍ତି ସେଥିଯୋଗୁଁ ତାଙ୍କର ଅସ୍ତିତ୍ୱ ମୋ ପାଇଁ ଏକ ପ୍ରମାଣ ହୋଇଯାଇଛି । ଜର୍ମାନୀର ବହୁତଗୁଡ଼ିଏ ରାଜନେତା ଯେମିତି Seehofer (ବର୍ତମାନର ଗୃହମନ୍ତ୍ରୀ) ଏବଂ ସେହିଭଳି ଅନ୍ୟ ଲୋକମାନଙ୍କୁ ଏହା ଉଚିତ ହେବ ଯେ, ସେମାନେ ଆପଣଙ୍କ ଖଲିଫାଙ୍କ କଥନରୁ ଲାଭ ଉଠାନ୍ତୁ । ଖଲିଫାଙ୍କର ଭାଷଣଟି ଅତ୍ୟନ୍ତ ପ୍ରଭାବଶାଳୀ ଓ ସାମୟିକ ପରିସ୍ଥିତିର ଆବଶ୍ୟକ ଥିଲା । ଆପଣ ମତେ ନିମନ୍ତ୍ରଣ କରିଥିବା ଯୋଗୁଁ ମୁଁ ଆପଣଙ୍କର କୃତଜ୍ଞ ।

Strohe ସାହେବ ଯିଏ ଯମାତ୍ ଅହେମଦୀୟାର ବହୁତ ଅନ୍ତରଙ୍ଗ ବନ୍ଧୁ ଏବଂ କିଛି ସମୟ ପାଇଁ ସେନାରେ ଜଣେ ପାଦ୍ରୀରୂପେ ସେବା କରୁଥିଲେ ସେ ବର୍ଣ୍ଣନା କରୁଛନ୍ତି ଯେ, ପ୍ରଥମ କଥା ଯାହା ବିଷୟରେ ମୁଁ କହିବାକୁ ଚାହୁଁଛି ତାହା ହେଉଛି ଏହା କି, ହଜୁରଙ୍କ ଅସ୍ତିତ୍ୱ ବିନମ୍ରତାରେ ପରିପୂର୍ଣ୍ଣ ଥିବା ଜଣାପଡୁଛି ମୁଁ ଏକଥାରେ ଆଶ୍ଚର୍ଯ୍ୟ ଚକିତ । ତାଙ୍କ ଭାଷଣର ଶୈଳୀ ଓ ବିଷୟବସ୍ତୁ ସମ୍ପୂର୍ଣ୍ଣ ସ୍ପଷ୍ଟ ଥିଲା ଅର୍ଥାତ ମତେ ଏମିତି ଲାଗିଲା ଯେ, ଏହି ଭାଷଣ ବହୁତ ଗବେଷଣା ଉପରେ ଆଧାରିତ ଏବଂ ଆମ ସମାଜ ପାଇଁ ଉତମ ପନ୍ଥା ଏବଂ ଏହା ବହୁତ ସୁନ୍ଦର ଶୈଳୀରେ ପରିବେଷଣ ହେଲା । ବିଶେଷରୂପେ ଦୁଇଟି କଥା ଏହି ଭାଷଣରୁ ସ୍ପଷ୍ଟ ହୋଇଗଲା ପ୍ରଥମଟି ହେଉଛି ଅଲ୍ଲାଃ ତାଲାଙ୍କ ଅଧିକାରକୁ ପ୍ରଦାନ କରିବା ଏବଂ ଦ୍ୱିତୀୟ କଥାଟି ହେଉଛି ମଣିଷର ଅଧିକାରକୁ ପ୍ରଦାନ କରିବା । ଆମ ଦୁନିଆ ପାଇଁ ବର୍ତମାନ ଏହା ସବୁଠାରୁ ବଡ଼ କାମ ।

ଡ଼ାକ୍ତର Rashid Delbasteh ସାହେବ ଯିଏ ହେଉଛନ୍ତି ଓ୍ୱିଜ୍‌ବାଦନ୍ କାଉନଂସିଲ୍‌ର ଜଣେ ସଦସ୍ୟ, ସେ ଆଜି ଏହି ଉତ୍ସବରେ ସାମିଲ ହୋଇ ବହୁତ ଆନନ୍ଦ ଅନୁଭବ କଲେ ପୁଣି ସେ କହୁଛନ୍ତି ମୁଁ ହେଉଛି ଜଣେ ମୁସଲମାନ କିନ୍ତୁ ଆପଣମାନଙ୍କ ଯମାତ୍ ମତେ ବହୁତ ଭଲ ଲାଗିଲା କାରଣ ଆପଣମାନେ କେବଳ ଆପୋଷରେ ହିଁ ଶାନ୍ତି ଓ ପ୍ରେମ ଭାବ ପ୍ରକାଶ କରୁନାହାନ୍ତି ବରଂ ଅତିଥିମାନଙ୍କ ସହିତ ମଧ୍ୟ ସେହିଭଳି ବ୍ୟବହାର କରୁଛନ୍ତି । ସେ ହଜୁର ଅନଓ୍ୱର ଅ:ବ:ଅଙ୍କ ସମ୍ପର୍କରେ ନିଜର ମନୋଭାବ ବ୍ୟକ୍ତ କରି କହିଲେ ଯେ, ସେ ହେଉଛନ୍ତି ମୋ ନିକଟରେ ଜଣେ ଖାସ୍ ଲୋକ । ବହୁତ ସହଜରେ ମଣିଷ ତାଙ୍କ ସମ୍ବନ୍ଧରେ ଏକଥା କହିପାରିବ ଯେ, ସେ ବାସ୍ତବିକ ହେଉଛନ୍ତି ଯୁଗ ଖଲିଫା । ମତେ ପ୍ରଥମେ ମସ୍‌ଜିଦ୍‌ରେ ତାଙ୍କୁ ଦେଖିବାକୁ ଅବସର ମିଳିଲା ଓ ଏବେ ଏଠାରେ ମଧ୍ୟ ମୁଁ ତାଙ୍କୁ ନିକଟରୁ ଦେଖିବାକୁ ପାଇଲି । ମତେ ବହୁତ ଖୁସି ଲାଗିଲା ଏଥିରୁ ମତେ ଏକଥା ସ୍ପଷ୍ଟ ହୋଇଗଲା ଯେ, ବାସ୍ତବିକ ସେ ହେଉଛନ୍ତି ଜଣେ ଖଲିଫା ।

Susanne Kleinschmidt ସାହିବା ଯିଏ ପେଶାରେ ହେଉଛନ୍ତି ଜଣେ ଶିକ୍ଷୟିତ୍ରୀ ସେ ନିଜର ମନୋଭାବକୁ ପ୍ରକାଶ କରି କହିଲେ ଯେ, ଆଜି ସଭାଟି ଅତ୍ୟନ୍ତ ମନମୁଗ୍ଧକାରୀ ଥିଲା କାରଣ ଏଥିରେ ବିଶେଷରୂପେ ମତେ ଯମାତ୍ ଅହେମଦୀୟାର ପରିଚୟ ମିଳିଲା । ଖଲିଫା ଯେଉଁ କଥା ସ୍ପଷ୍ଟ କରିଦେଲେ ଯେ, ଇସ୍‌ଲାମ୍ ହେଉଛି ଗୋଟିଏ ଶାନ୍ତିପୂର୍ଣ୍ଣ ଧର୍ମ, ଏହା ମୋ ଉପରେ ଗଭୀର ପ୍ରଭାବ ପକାଇଲା । ଖଲିଫା ସାହେବଙ୍କର ଅଭିଭାଷଣ ଅତ୍ୟନ୍ତ ପ୍ରଭାବଶାଳୀ ଥିଲା ଯେଉଁ କଥା ମତେ ତାଙ୍କ ଭାଷଣରେ ସବୁଠାରୁ ଭଲ ଲାଗିଲା । ତାହା ଏହା ଥିଲା କି, ଆମ ସମସ୍ତ ମାନବଜାତିର ପାଳନକର୍ତ୍ତା ହେଉଛନ୍ତି ଜଣେ ଓ ଆମେ ସମସ୍ତେ ସେହି ଏକ ଈଶ୍ୱରଙ୍କ ଉପରେ ହିଁ ବିଶ୍ୱାସ ଆଣିଥାଉ । ଏକଥା ଆମ ସମସ୍ତଙ୍କୁ ସର୍ବଦା ମନେ ରଖିବା ଉଚିତ ।

Uta Brehm ସାହିବା ଯିଏ Die Grune ପାର୍ଟି ଓ୍ୱିଜ୍‌ବାଦନ୍‌ର ସଭାପତି ଅଛନ୍ତି, ସେ କହୁଛନ୍ତି ଯେ ମତେ ସବୁଠାରୁ ଅଧିକ ପସନ୍ଦ ଆପଣଙ୍କ ଖଲିଫାଙ୍କ ଅଭିଭାଷଣ ଲାଗିଲା । କାରଣ ତାହା ଅତ୍ୟନ୍ତ ପ୍ରଭାବଶାଳୀ ଥିଲା । ବିଶେଷରୂପେ ମତେ ବହୁତ ଆଶ୍ଚର୍ଯ୍ୟ ଲାଗିଲା ଯେ, ସେ ଜଣେ ଧାର୍ମିକ ନେତା ହୋଇ ମଧ୍ୟ କେବଳ ଧର୍ମ ସମ୍ବନ୍ଧିତ କଥା କହୁନଥିଲେ ବରଂ ବହୁତ ବ୍ୟାପକ ଭାବେ ଅଭିଭାଷଣ ପ୍ରଦାନ କଲେ । ସେ Political-Socio ବିଷୟବସ୍ତୁ ଉପରେ ଭାଷଣ ପ୍ରଦାନ କଲେ ଯାହା ସମସ୍ତଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ ।

ଆଉ ଜଣେ ମହିଳା ନିଜ ମନୋଭାବକୁ ପ୍ରକାଶ କରି କହିଲେ ଯେ, ମତେ ଏକଥା ଅତ୍ୟନ୍ତ ଭଲ ଲାଗିଲା କି, ମହାମହିମ ନିଜ ଭାଷଣରେ ସେହି ସମସ୍ତ କଥାଗୁଡ଼ିକ ସ୍ପଷ୍ଟ ଭାବେ ବତାଇ ଦେଲେ ଯାହା ଯୋଗୁଁ ଆଜିକାଲି ଇସ୍‌ଲାମୀୟ ରାଷ୍ଟ୍ରଗୁଡ଼ିକରେ ଅସୁବିଧା ଭୋଗିବାକୁ ପଡୁଛି । His Holiness ବହୁତ ସୁନ୍ଦର ଶୈଳୀରେ ଏକଥା ସ୍ପଷ୍ଟ କରିଦେଲେ ଯେ, ଅସଲରେ ଇସ୍‌ଲାମ୍‌କୁ ଶାନ୍ତି ପ୍ରଚାର ପ୍ରସାର କରିବା କଥା । ଆଜି ଏଠାରେ ଇସ୍‌ଲାମ୍‌ର ଯେଉଁ ଶିକ୍ଷାକୁ ବତାଇ ଦିଆଗଲା ଏହାକୁ ସମଗ୍ର ଦୁନିଆରେ ପ୍ରଚାର ପ୍ରସାର କରିବା ଉଚିତ । ଅସଲରେ ଭାଇଚାରା ମଧ୍ୟ ଇସ୍‌ଲାମ୍ ମଧ୍ୟରେ ଦେଖିବାକୁ ମିଳିଥାଏ ଓ ଏହିଭଳି ଶାନ୍ତି ପ୍ରତିଷ୍ଠା କରାଯାଇ ପାରିବ ।

Michel David ସାହେବ ଯିଏ ଓ୍ୱିଜ୍‌ବାଦନ୍ ସହରର ଡ଼େପୁଟି କାଉନ୍‌ସିଲର ଅଛନ୍ତି, ସେ କହିଲେ ଯେ, ଆଜିର ସଭାଟି ବହୁତ ସଫଳ ରହିଲା ବିଶେଷରୂପେ ଯମାତ୍ ଅହେମଦୀୟାର ଇମାମ୍ ଯାହା କିଛି ତାଙ୍କ ଭାଷଣରେ ବର୍ଣ୍ଣନା କଲେ, ତାହାର ସାରାଂଶ ଏହା ଥିଲା ଯେ, ସବୁ ଧର୍ମର ଲୋକମାନଙ୍କୁ ଏବଂ ସମଗ୍ର ମାନବଜାତିକୁ ଆପୋଷରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ରକ୍ଷା କରି ମିଳିମିଶି ରହିବା ଉଚିତ । ଏହା ହେଉଛି ଏପରି ଏକ ବିଷୟ ଯାହା

*ଅବଶିଷ୍ଟାଂଶ ପୃଷ୍ଠା- ୧୦ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan